## ଅଲ୍ଲାଃ ତାଲାଙ୍କ ବାଣୀ

وَلَقَدِ اسۡتُهۡزِئَ بِرُسُلٍ مِّنۡ قَبۡلِكَ فَحَاقَ بِالَّذِيۡنَ سَخِرُوۡا مِنۡهُمۡ مَّا كَانُوۡا بِهٖ يَسۡتَهۡزِءُوۡنَ

(سورۃ الانعام:11)

ଅନୁବାଦ- ଏବଂ ତୁମ୍ଭ ପୂର୍ବରୁ ପ୍ରେରିତ ରସୁଲ୍‌ମାନଙ୍କ ସହିତ ମଧ୍ୟ ଉପହାସ କରାଯାଇଥିଲା, କିନ୍ତୁ ପରିଣାମରେ ଯେଉଁମାନେ ଉପହାସ କରୁଥିଲେ ସେମାନଙ୍କୁ ସେହି ଶାସ୍ତି ପରିବେଷ୍ଟନ କଲା ଯାହା ସମ୍ବନ୍ଧରେ ସେମାନେ ଉପହାସ କରୁଥିଲେ ।

*(ସୁରଃ- ଅଲ୍‌ଆନମ୍:୧୧)*


بِسۡمِ اللّٰهِ الرَّحۡمٰنِ الرَّحِيۡمِ نَحۡمَدُهٗ وَنُصَلِّيۡ عَلٰى رَسُوۡلِهِ الۡكَرِيۡمِ وَعَلٰى عَبۡدِهِ الۡمَسِيۡحِ الۡمَوۡعُوۡدِ

وَلَقَدۡ نَصَرَكُمُ اللّٰهُ بِبَدۡرٍ وَّاَنۡتُمۡ اَذِلَّةٌ

ଖଣ୍ଡ 7

ସଂଖ୍ୟା 1-2

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

06-13 ଜାନୁୟାରୀ 2022 | 6-13 ଫତହ୍ 1401 ହି.ଶ | 2-9 ଜମାଦିଲ୍ ସାନି 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

## ସେହି ସତ୍ୟବାଦୀକୁ ଅଭିନନ୍ଦନ ଯିଏ ଈଶ୍ୱରଙ୍କ ସୀମାକୁ ଉଲ୍ଲଂଘନ କରିବା ପସନ୍ଦ କଲେନାହିଁ ବରଂ ତା ପରିବର୍ତ୍ତେ ସେଥିସକାଶେ ପ୍ରତ୍ୟେକ ପ୍ରକାରର ବିପଦ ଓ ଦୁଃଖଯନ୍ତ୍ରଣା ଭୋଗିବାକୁ ପ୍ରସ୍ତୁତ ହୋଇଗଲେ ଏପରିକି ଜଣେ କଏଦୀଙ୍କ ପରି ଜୀବନ ବିତାଇବାକୁ ରାଜି ହୋଇଗଲେ

### ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଯଦି ବିଗତ ଯୁଗରେ ଏହାର ଉଦାହରଣ ଦେଖାଯାଏ ତା'ହେଲେ ୟୁସୁଫ୍ ଆ:ସଙ୍କ ସତ୍ୟତା ରହିଛି । ସେ ସତ୍ୟତାର ଏପରି ଉଲ୍ଲେଖନୀୟ ସ୍ତର ପ୍ରଦର୍ଶନ କରିଥିଲେ ଯେ ଏତଦଦ୍ୱାରା ସେ ୟୁସୁଫ୍ ସଦ୍ଦିକ୍ (ଅର୍ଥାତ ସତ୍ୟବାଦୀ ୟୁସୁଫ୍) ବୋଲାଇଲେ । ଜଣେ ସୁନ୍ଦର, ସମ୍ଭ୍ରାନ୍ତ ଏବଂ ଯୁବତୀ ମହିଳା ଯିଏ ବଡ଼ ବଡ଼ ଦାବି କରିଥାନ୍ତି, ସେ ସମ୍ପୂର୍ଣ୍ଣ ଗୋପନୀୟତା ଏବଂ ଏକାନ୍ତ ଅବସ୍ଥାରେ ବ୍ୟଭିଚାର କରିବାକୁ ଚାହିଁଛନ୍ତି କିନ୍ତୁ (ଅପରପକ୍ଷେ) ସେହି ସତ୍ୟବାଦୀକୁ ଅଭିନନ୍ଦନ ଯିଏ ଈଶ୍ୱରଙ୍କ ସୀମାକୁ ଉଲ୍ଲଂଘନ କରିବା ପସନ୍ଦ କଲେନାହିଁ ବରଂ ତା ପରିବର୍ତ୍ତେ ସେଥିସକାଶେ ପ୍ରତ୍ୟେକ ପ୍ରକାରର ବିପଦ ଓ ଦୁଃଖଯନ୍ତ୍ରଣା ଭୋଗିବାକୁ ପ୍ରସ୍ତୁତ ହୋଇଗଲେ ଏପରିକି ଜଣେ କଏଦୀଙ୍କ ପରି ଜୀବନ ବିତାଇବାକୁ ରାଜି ହୋଇଗଲେ । ଅତଃ ସେ କହିଲେ **ରବ୍‌ବିସ୍ ସିଜ୍‌ନୁ ଅହବ୍‌ବୁ ଇଲୈୟା ମିମ୍ମା ୟଦଉନନି ଇଲୈହି (ୟୁସୁଫ୍:୩୪)** ଅର୍ଥାତ ୟୁସୁଫ୍ ଆ:ସ ଦୁଆ କଲେ ଯେ ହେ ମୋର ପାଳନକର୍ତ୍ତା ମତେ ସେ (ମହିଳା) ଯେଉଁ ଆଡ଼କୁ ଡ଼ାକୁଛନ୍ତି, ତା ଅପେକ୍ଷା ମୁଁ ଜେଲ୍‌ରେ ରହିବାକୁ ପସନ୍ଦ କରିବି । ଏହି ବାକ୍ୟରୁ ହଜରତ ୟୁସୁଫ୍ ଆ:ସଙ୍କ ପବିତ୍ର ପ୍ରକୃତି/ସ୍ୱଭାବ ଏବଂ ନବୁଓ୍ୱତ୍ ପ୍ରତି ଥିବା ନିଷ୍ଠାର ଅବସ୍ଥା ଜଣାପଡୁଛି ଯେ ସେ ଅନ୍ୟ କୌଣସି ବିଷୟରେ ଚର୍ଚ୍ଚା ମଧ୍ୟ କଲେନାହିଁ । ଏହାର କଣ ଅର୍ଥ କି ସେ ତା'ର ନାଁ ମଧ୍ୟ ଧରିଲେ ନାହିଁ । ହଜରତ ୟୁସୁଫ୍ ଆ:ସ ସର୍ବଶକ୍ତିମାନ ଅଲ୍ଲାଃଙ୍କ ସୌନ୍ଦର୍ଯ୍ୟ ଏବଂ ଉପକାରର ପ୍ରେମରେ ମଗ୍ନ ଥିଲେ । ତାଙ୍କ ଦୃଷ୍ଟିରେ ତାଙ୍କ ପ୍ରିୟତମଙ୍କ ବ୍ୟତୀତ ଆଉ କିଛି ଭଲ ଲାଗୁନଥିଲା । ତେଣୁ ସେ କଦାପି ଅଲ୍ଲାଃଙ୍କର ସୀମାକୁ ଉଲଂଘନ କରିବାପାଇଁ ଚାହୁଁନଥିଲେ ।

କୁହାଯାଏ ସେ (ଅର୍ଥାତ ହଜରତ ୟୁସୁଫ୍ ଆ:ସ- ଅନୁବାଦକ) ଦୀର୍ଘ ଦିନ ଧରି ଜେଲ୍‌ରେ ରହିଥିଲେ ତାହା ଉଣା ଅଧିକେ ବାର ବର୍ଷର ଅବଧି ଥିଲା । ତଥାପି ଏହି ସମୟ ମଧ୍ୟରେ ସେ କେବେ ବି କୌଣସି ଆପତି ଅଭିଯୋଗର ଶବ୍ଦଟିଏ ବି ଉଚ୍ଚାରଣ କରିନଥିଲେ । ସେ ଅଲ୍ଲାଃଙ୍କ ନିୟତି ଉପରେ ସମ୍ପୂର୍ଣ୍ଣ ରୂପେ ସନ୍ତୁଷ୍ଟ ଥିଲେ । ସେ ସେହି ଅବଧି ମଧ୍ୟରେ ରାଜାଙ୍କ ନିକଟରେ କୌଣସି ଆବେଦନ ମଧ୍ୟ ଦାଖଲ କରିନଥିଲେ ଯେ ତାଙ୍କ ବିଷୟରେ ପୂନର୍ବାର ବିଚାର କରାଯାଉ ବା ତାଙ୍କୁ (ଜେଲ୍‌ରୁ) ମୁକ୍ତ କରିଦିଆଯାଉ ବରଂ ଏହା କୁହାଯାଏ ଯେ ସେହି ସ୍ୱାର୍ଥପର ମହିଳା ଜଣକ ତାଙ୍କ ଦୁଃଖ ଓ ଯନ୍ତ୍ରଣାକୁ ଆହୁରି ଅଧିକା ବଢ଼ାଇ ଦେଇଥିଲେ ଯଦ୍ୱାରା ସେ (ଅର୍ଥାତ ହଜରତ ୟୁସୁଫ୍ ଆ:ସ- ଅନୁବାଦକ) କିପରି ଖସୁଡ଼ି ଯାଆନ୍ତୁ କିନ୍ତୁ ସେହି ସତ୍ୟବାଦୀ ଜଣଙ୍କ ନିଜର ସତ୍ୟତା ଏବଂ ଆନ୍ତରିକତାକୁ ହାତ ଛଡ଼ା କଲେନାହିଁ । ଅଲ୍ଲାଃ ତାଙ୍କୁ ସତ୍ୟବାଦୀର ଆଖ୍ୟା ପ୍ରଦାନ କଲେ । ଏହା ମଧ୍ୟ ସିଦ୍ଦିକ୍ (ଅର୍ଥାତ ସତ୍ୟବାଦୀ- ଅନୁବାଦକ)ର ଏକ ସ୍ତର ଯେ ଦୁନିଆର କୌଣସି ବିପତି, କୌଣସି ଦୁଃଖ କଷ୍ଟ ଏବଂ କୌଣସି ଅପମାନ ତାଙ୍କୁ ଅଲ୍ଲାଃଙ୍କ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

## ପ୍ରତ୍ୟେକ ମନୁଷ୍ୟଠାରେ ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଥାଏ କିନ୍ତୁ ଜଣେ ଯିଏ ଆଧ୍ୟାତ୍ମିକ ଖାଦ୍ୟ ଖାଉଥାଏ ତା'ର ଚିନ୍ତାଶକ୍ତିକୁ ଆଲୋକ ମିଳିଥାଏ ଯେବେକି ଅନ୍ୟ ଲୋକକୁ ମିଳେନାହିଁ ।

ସୟଦନା ହଜରତ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ନହଲ୍ ଆୟତ ନଂ-୧୨- **ୟୁମ୍‌ବିତୁ ଲକୁମ୍ ବିହିଜ୍ ଜର୍‌ଅ ଓ୍ୱଜ୍ ଜଇତୁନା ଓ୍ୱନ୍ ନଖିଲା ଓ୍ୱଲ୍ ଆନାବା ଓ୍ୱ ମିନ୍ କୁଲ୍ଲିସ୍ ସମରାତି ଇନ୍ନା ଫି ଜାଲିକା ଲଆୟତଲ୍ ଲି କୌମିଁ ୟତଫକ୍‌କରୁନା** ର ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି:-

ଜଣେ ଏହି ଆପତି କରିପାରେ ଯେ ମଣିଷ ମାଂସାହାରି ପ୍ରାଣୀ ନୁହେଁ କାରଣ ପୃଥିବୀର ଏକ ବଡ଼ ସଂଖ୍ୟା କେବଳ ତୃଣ ଓ ଉଦ୍ଭିଦ ଜନିତ ଖାଦ୍ୟ ଖାଇ ବଂଚିଥାଏ । କିନ୍ତୁ ଏପରି ଆପତି ଦୂରଦୃଷ୍ଟିର ଅଭାବରୁ ସୃଷ୍ଟି ହୋଇଥାଏ । କାରଣ ଯେଉଁମାନେ ମାଂସାହାରି ନୁହନ୍ତି ବୋଲି ଦାବି କରିଥାନ୍ତି, ସେମାନେ ଅବଶ୍ୟ ମାଂସ ଭକ୍ଷଣ ତ କରିନଥାନ୍ତି କିନ୍ତୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ପଶୁଜନିତ ଖାଦ୍ୟ ହୋଇଥାଏ । ମାଆ କ୍ଷୀର ନ ପିଇ କେତେ ପିଲାଙ୍କ ପ୍ରତିପୋଷଣ ହେଉଥିବ ? କଣ ମାଆ କ୍ଷୀର ପଶୁ ଖାଦ୍ୟ ନୁହେଁ ? ଏବଂ ଯେଉଁମାନେ ମାଆ କ୍ଷୀର ପିଇନଥାନ୍ତି, ସେମାନେ ପଶୁକ୍ଷୀର ପିଇଥାନ୍ତି ଏବଂ ତାହା ମଧ୍ୟ ପଶୁଜନିତ ଖାଦ୍ୟ । ଯେଉଁ ଲୋକମାନେ ପଶୁଜନିତ ଖାଦ୍ୟ ଖାଉନାହାନ୍ତି ବୋଲି ବ୍ୟବହାରିକ ରୂପେ ମନା କରୁଛନ୍ତି, ସେମାନଙ୍କର ବୟସ ବଢ଼ିବା ସହିତ ସେମାନେ ଘିଅ ଓ କ୍ଷୀର ବ୍ୟବହାର କରିଥାନ୍ତି, ଯେବେ କି ଏହା ସବୁ ପଶୁଜନିତ ଖାଦ୍ୟ ଅଟେ । ଅତଏବ ଏପରି କୌଣସି ବ୍ୟକ୍ତି ନାହାନ୍ତି ଯାହାର ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ପଶୁଜନିତ ନଥିବ । ଯେଉଁ ଲୋକମାନେ ଏପରି ଦାବି କରୁଛନ୍ତି ଯେ ସେମାନେ

## ନବୀ ସ:ଆ:ସଙ୍କ ବାଣୀ

**ରୋଗୀ /ଅସୁସ୍ଥ ବ୍ୟକ୍ତି ବାହନ ଉପରେ ବସି ତଓ୍ୱାଫ୍ (ଅର୍ଥାତ ଖାନାକାବାର ପରିକ୍ରମଣ) କରୁ ।**

(୧୬୩୨) ହଜରତ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ବଇତୁଲ୍ଲାଃ (ଅର୍ଥାତ ଖାନାକାବା)ର ପରିକ୍ରମଣ କଲେ ଓ ମହାଭାଗ ସ:ଆ:ସ ଗୋଟିଏ ଓଟ ଉପରେ ବସିଥିଲେ । ଯେତେବେଳେ ମହାଭାଗ ସ:ଆ:ସ ହଜ୍‌ରେ ଅସ୍‌ଓ୍ୱଦ୍ ସମ୍ମୁଖକୁ ଆସୁଥିଲେ, ସେତେବେଳେ ଆପଣ ସ:ଆ:ସ ତାହା ଆଡ଼କୁ ନିଜ ହାତରେ ଧରିଥିବା ଗୋଟିଏ ଜିନିଷ ଦ୍ୱାରା ଇସାରା/ଇଙ୍ଗିତ କରି **ଅଲ୍ଲାହୁ ଅକ୍‌ବର୍** କହୁଥିଲେ ।

(୧୬୩୩) ହଜରତ ଉମ୍ମେ ସଲ୍‌ମା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଅଭିଯୋଗ କଲି ଯେ ମୁଁ ଅସୁସ୍ଥ/ବିମାର ଅଛି, ଏଥିରେ ମହାଭାଗ ସ:ଆ:ସ ଆଦେଶ ଦେଲେ ଯେ ବାହନ ଉପରେ ଆରୋହଣ କରି ଲୋକମାନଙ୍କ ପଛେ ପଛେ ତଓ୍ୱାଫ୍ କର । ସୁତରାଂ ମୁଁ ତଓ୍ୱାଫ୍ (ଖାନାକାବାର ପରିକ୍ରମଣ) କଲି ଓ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ବଇତୁଲ୍ଲାର (ଅର୍ଥାତ ଖାନାକାବାର) ଗୋଟିଏ ପାର୍ଶ୍ୱରେ ନମାଜ ପଢୁଥିଲେ ଏବଂ ମହାଭାଗ ସ:ଆ:ସ ସୁରଃ **ଓ୍ୱତ୍‌ତୁରି ଓ୍ୱ କିତାବିମ୍ ମସ୍‌ତୁରିନ୍** ତିଲାଓ୍ୱତ୍ (ପାଠ) କରୁଥିଲେ ।

ହଜରତ ସୟଦ୍ ଜୈନୁଲ୍ ଆବେଦିନ୍ ଓ୍ୱଲିଉଲ୍ଲାଃ ଶାହ୍ ସାହେବ୍ ର:ଅ କହିଛନ୍ତି:- ହଦିସ୍ ନଂ- ୧୬୩୨ ରେ ରୋଗୀ/ଅସୁସ୍ଥମାନଙ୍କ ସମ୍ବନ୍ଧରେ କୁହାଯାଇନାହିଁ କିନ୍ତୁ ଅବୁ ଦାଉଦ୍ ର:ଅ ହଜରତ ଇବ୍‌ନେ ଅବ୍‌ବାସ୍ ର:ଅଙ୍କଠାରୁ ଯେଉଁ ରିଓ୍ୱାୟତ୍ (କଥନ) ଉଦ୍ଧୃତ (ନକଲ) କରିଛନ୍ତି, ସେଥିରେ ନିମ୍ନଲିଖିତ ବାକ୍ୟ ରହିଛି:- **ଅନ୍ନା ରସୁଲଲ୍ଲାହି ସ:ଆ:ସ କଦିମା ମକ୍କତା ଓ୍ୱ ହୁଓ୍ୱ ୟଶ୍‌ତକି ଫତାଫା ଅଲା ରାହିଲତିହି** ଅର୍ଥାତ:- ରସୁଲୁଲ୍ଲାଃ ସ:ଆ:ସ ମକ୍କାରେ ପଦାର୍ପଣ କଲେ, ମହାଭାଗ ସ:ଆ:ସ ବିମାର/ଅସୁସ୍ଥ ଥିଲେ ତେଣୁ ସେ ନିଜ ବାହନ ଉପରେ ଆରୋହଣ କରି ତଓ୍ୱାଫ୍ (ଖାନାକାବା ପରିକ୍ରମଣ) କଲେ । ଯଦି ଜଣେ ବ୍ୟକ୍ତି ଦୂର ଦୂରାନ୍ତରୁ ଯାତ୍ରା କରି ସେଠାରେ ପହଂଚେ ଓ ପୁଣି ବେମାର ପଡ଼ିଯାଏ ତେବେ ଇସ୍‌ଲାମୀ ଶରିୟତ୍ ତା ପାଇଁ ପଥ ସୁଗମ କରିଦେଇଛି ଓ ତାକୁ ହଜ୍ କରିବାର ପୂଣ୍ୟରୁ ବଂଚିତ ରଖିନାହିଁ । ସେ ବାହନ ଉପରେ ବସି ତଓ୍ୱାଫ୍ କରିପାରିବ । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ହଜ୍, ମୁଦ୍ରିତ କାଦିଆନ୍ ୨୦୦୮)***

ପଶୁଜନିତ ଖାଦ୍ୟ ବ୍ୟବହାର କରୁନାହାନ୍ତି ବୋଲି, ସେମାନେ ହୁଏ ତ ନିଜେ ଧୋକା ଖାଉଛନ୍ତି କିମ୍ବା ଜାଣିଶୁଣି ଅନ୍ୟମାନଙ୍କୁ ଧୋକା ଦେଉଛନ୍ତି । ସେମାନେ ଏହା ତ କହିପାରିବେ ଯେ ଆମେ ମାଂସ ଭକ୍ଷଣ କରୁନାହୁଁ କିନ୍ତୁ ଏକଥା କହିପାରିବେ ନାହିଁ ଯେ ସେମାନେ କୌଣସି ପଶୁଜନିତ ଖାଦ୍ୟ ମଧ୍ୟ ବ୍ୟବହାର କରୁନାହାନ୍ତି ବୋଲି ।

**ଇନ୍ନା ଫି ଜାଲିକା ଲଆୟତଲ୍ ଲିକୌମିଁ ୟତଫକ୍କରୁନ୍** ଖାଦ୍ୟଗୁଡ଼ିକ ସମ୍ବନ୍ଧରେ ବର୍ଣ୍ଣନା କରିବା ପରେ ଶେଷରେ ଉଲ୍ଲେଖ କରିଛନ୍ତି ଯେ ଆ ଉପରେ ଚିନ୍ତା ବିଚାର କରୁଥିବା ଲୋକମାନଙ୍କ ପାଇଁ ନିଶାନ୍ / ଚିହ୍ନ / ନିଦର୍ଶନ ରହିଛି । ଏଥିରେ ଗୋଟିଏ ପଟେ ଏ କଥା ପ୍ରତି ଇଙ୍ଗିତ କରାଯାଇଅଛି ଯେ ମଣିଷର ମସ୍ତିଷ୍କ ଖାଦ୍ୟ ଦ୍ୱାରା ବିକଶିତ ହୋଇଥାଏ । ଠିକ୍ ସେହିପରି ଆଧ୍ୟାତ୍ମିକତା ସହିତ ସମ୍ବନ୍ଧ ରଖିଥିବା ମସ୍ତିଷ୍କ ଆଧ୍ୟାତ୍ମିକ ଖାଦ୍ୟ ଦ୍ୱାରା ବିକଶିତ ହୋଇଥାଏ । ଦ୍ୱିତୀୟତଃ ଏକଥା ପ୍ରତି ସୂଚନା ମିଳିଥାଏ ଯେ ମନୁଷ୍ୟର ସ୍ୱଭାବ ଓ ପ୍ରକୃତିରେ ଚିନ୍ତା ଓ ବିଚାର କରିବାର ତତ୍ୱ ବିଦ୍ୟମାନ ଥାଏ କିନ୍ତୁ ସେ ସବୁକୁ ପ୍ରତିପୋଷଣ କରିବା ନିମନ୍ତେ ଉତମ ଖାଦ୍ୟର ଆବଶ୍ୟକତା ରହିଛି । ଠିକ୍ ସେହିପରି ଆଧ୍ୟାତ୍ମିକ ଚିନ୍ତା ଓ ବିଚାର ମନୁଷ୍ୟର ସ୍ୱଭାବ / ପ୍ରକୃତିରେ ବିଦ୍ୟମାନ ଥାଏ କିନ୍ତୁ ତାହାର ପ୍ରତିପୋଷଣ ପାଇଁ ମଧ୍ୟ ଆଧ୍ୟାତ୍ମିକ ଖାଦ୍ୟର ଆବଶ୍ୟକତା ରହିଛି । ପ୍ରତ୍ୟେକ ମଣିଷ ଗୋଟିଏ ପ୍ରକାରର । କିନ୍ତୁ ଜଣେ ଉଚ୍ଚସ୍ତରର ଚିନ୍ତାଶକ୍ତି ରଖିଥାଏ ଓ ଜଣେ ସେପରି ଚିନ୍ତାଶକ୍ତି ରଖିନଥାଏ । ଏହାର କାରଣ ହେଉଛି ଏହା କି ପ୍ରଥମ ଜଣକୁ ଉଚିତ ପୁଷ୍ଟିକାର ଖାଦ୍ୟ ମିଳିଥାଏ ଯେବେକି ଦ୍ୱିତୀୟ ଜଣକୁ ମିଳିନଥାଏ । ଠିକ୍ ଏହିପରି ଅବସ୍ଥା ଆଧ୍ୟାତ୍ମିକ ଜଗତରେ ଦେଖିବାକୁ ମିଳିଥାଏ । ପ୍ରତ୍ୟେକ ମନୁଷ୍ୟଠାରେ ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଥାଏ କିନ୍ତୁ ଜଣେ ଯିଏ ଆଧ୍ୟାତ୍ମିକ ଖାଦ୍ୟ ଖାଉଥାଏ ତା'ର ଚିନ୍ତାଶକ୍ତିକୁ ଆଲୋକ ମିଳିଥାଏ ଯେବେକି ଅନ୍ୟ ଲୋକକୁ ମିଳେନାହିଁ । ***(ତଫ୍‌ସୀର୍ କବୀର୍ ଖଣ୍ଡ-୪, ପୃ-୧୩୭, ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସୀମାକୁ ଅତିକ୍ରମ କରିବାକୁ ପ୍ରୋତ୍ସାହିତ କରିପାରେ ନାହିଁ । ଯେତେମାତ୍ରାରେ ଦୁଃଖ ଓ ଯନ୍ତ୍ରଣା ବଢ଼ି ବଢ଼ି ଚାଲିବ ସେ ନିଜର ସତ୍ୟବାଦୀତା ଓ ଆନ୍ତରିକତାର ସ୍ତରକୁ ଅଧିକ ସୁଦୃଢ଼ ଓ ମାଧୁର୍ଯ୍ୟପୂର୍ଣ୍ଣ କରି ଚାଲିଥାଏ ।

ସାରାଂଶ ହେଉଛି ଏହା କି, ଯେପରି କି ମୁଁ ଏହା କହିସାରିଛି ଯେ ଯେତେବେଳେ ମଣିଷ **ଇୟାକା ନାବୁଦୁ** କହି ପ୍ରକୃତ ସତ୍ୟତା ଓ ବିଶ୍ୱସ୍ତତାର ସହିତ ପାଦ ଆଗକୁ ବଢ଼ାଏ, ସେତେବେଳେ ଖୁଦାତାଲା ସତ୍ୟର ଏକ ବଡ଼ ନଦୀସ୍ରୋତ ଖୋଲିଦିଅନ୍ତି ଯାହା ତା'ର (ଅର୍ଥାତ ସେହି ମଣିଷର- ଅନୁବାଦକ) ହୃଦୟରେ ଆସି ପଡ଼ିଥାଏ ଏବଂ ତାହାକୁ ସତ୍ୟ ଓ ଆନ୍ତରିକତାରେ ପୂର୍ଣ୍ଣ କରିଦିଏ । ସେ (ଅର୍ଥାତ ସେହି ବ୍ୟକ୍ତି-ଅନୁବାଦକ) ନିଜ ଆଡୁ ଅଳ୍ପ ଓ ନିକୃଷ୍ଟ ଧରଣର ବସ୍ତୁ ଆଣିଥାଏ କିନ୍ତୁ ଅଲ୍ଲାଃ ତାଲା ତାକୁ ଅତି ମୂଲ୍ୟବାନ ଦ୍ରବ୍ୟ ପ୍ରଦାନ କରିଥାନ୍ତି । ମୋର ଏହା କହିବାର ଉଦ୍ଦେଶ୍ୟ ହେଉଛି । ଯେ ଏହି ମାର୍ଗରେ ମଣିଷ ଏତେମାତ୍ରାରେ ଆଗକୁ ବଢୁ ଯେ ସେହି ସତ୍ୟତା ତା ପାଇଁ ଏକ ଆଲୌକିକ ନିଦର୍ଶନ ହୋଇଯାଉ ତାଙ୍କ ଉପରେ ଏତେମାତ୍ରାରେ ସମୁଦ୍ର ସ୍ରୋତସମ ଐଶିଜ୍ଞାନ ଓ ସତ୍ୟତା ପ୍ରକାଶ ହୋଇଥାଏ ଏବଂ ତାଙ୍କୁ ଏପରି ଶକ୍ତି ପ୍ରଦାନ କରାଯାଇଥାଏ ଯେ ତାଙ୍କ ସହିତ ମୁକାବିଲା କରିବା ପ୍ରତ୍ୟେକ ଲୋକର ଶକ୍ତି ବାହାରେ । ***(ମଲ୍‌ଫୁଜାତ ଖଣ୍ଡ-୧, ପୃ-୩୪୫ ମୁଦ୍ରିତ ୨୦୧୮ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୯ ର ଅବଶିଷ୍ଟାଂଶ ......*

କରିବାପାଇଁ ଆପଣ ଜଣେ ବ୍ୟକ୍ତିକୁ ମୃତୟନ କରିଥିଲେ । ଅବୁ ଉସ୍‌ମାନ୍ ନହ୍‌ଦି କୁହନ୍ତି: ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖିଲି ଯେ ନମାଜ ପାଇଁ ଯେତେବେଳେ ଏକାମତ୍ କୁହାଯାଏ ବା ଅକାମତ୍ ହେଉଥିଲା ସେତେବେଳେ ଆପଣ ଅର୍ଥାତ ହଜ୍‌ରତ୍ ଉମର୍ ର:ଅ କିବ୍‌ଲା ଆଡ଼କୁ ପଛ କରି ଅର୍ଥାତ ଲୋକମାନଙ୍କ ଆଡ଼କୁ ମୁହଁ କରି କହୁଥିଲେ ହେ ଅମକ ଲୋକ ! ଆଗକୁ ଆସ ଏବଂ ହେ ଅମକ ଲୋକ ! ତୁମେ ପଛକୁ ଯାଅ । ଅର୍ଥାତ (ନମାଜ୍‌ର) ଧାଡ଼ି ସିଧା କରୁଥିଲେ ଏବଂ କହୁଥିଲେ ତୁମେମାନେ ନିଜର ଧାଡ଼ିକୁ ସର୍ବଦା ସଳଖ ରଖ । ଯେତେବେଳେ ଧାଡ଼ି ସଳଖ ହୋଇଯାଉଥିଲା ସେତେବେଳେ ଆପଣ ଅଲ୍ଲାଃହୁ ଅକ୍‌ବର କହି ନମାଜ ଆରମ୍ଭ କରୁଥିଲେ । ***(ସିରତ ଉମର୍ ବିନ୍ ଖତାବ୍...... ପୃ-୧୬୫..... ଅଜ୍‌ହର୍)***

ହଜ୍‌ରତ୍ ଉମର୍ ର:ଅଙ୍କ ଆର୍ଥିକ ବଳିଦାନ ଏବଂ ଅଲ୍ଲାଃ ତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବା ସଂକ୍ରାନ୍ତରେ ଗୋଟିଏ ବର୍ଣ୍ଣନା ରହିଛି ଯେ, ଇବ୍‌ନେ ଉମର୍ ର:ଅ ବର୍ଣ୍ଣନା କରନ୍ତି ହଜରତ ଉମର ବିନ୍ ଖତାବ୍ ଖୈବରରେ କିଛି ଭୂମି ଅଧିଗ୍ରହଣ କରିଥିଲେ । ନବୀ କରିମ୍ ସ:ଆ:ସଙ୍କ ନିକଟକୁ ତତ୍‌ସଂକ୍ରାନ୍ତରେ ପରାମର୍ଶ ପାଇଁ ଆସିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ମୁଁ ଖୈବରରେ ଏକ ଜମି ଅଧିଗ୍ରହଣ କରିଛି । ତେଣୁ ମୋ ନିକଟରେ ଏହି ସମ୍ପତିଠାରୁ ବଳି ଅନ୍ୟ କୌଣସି ସମ୍ପତି ନାହିଁ ତେଣୁ ଆପଣ ମତେ ପରାମର୍ଶ ଦିଅନ୍ତୁ ଯେ, ଏ ସଂକ୍ରାନ୍ତରେ ମୁଁ କଣ କରିବି ? ହଜୁର ସ:ଆ:ସ କହିଲେ, ତୁମେ ଯଦି ଚାହୁଁଛ ତୁମେ ତାହାକୁ ୱକଫ୍ କରିଦିଅ ଏବଂ ତା'ର ଆମଦାନୀରୁ ଗରୀବମାନଙ୍କ ପାଇଁ ଖର୍ଚ୍ଚ କର । ଅର୍ଥାତ ତାହାକୁ ଗରୀବମାନଙ୍କ ଉପରେ ଖର୍ଚ୍ଚ କର । ନାଫେ କୁହନ୍ତି ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅ ଉକ୍ତ ଜମିକୁ ଏହି ସର୍ତରେ ଦାନ ଆକାରରେ ପ୍ରଦାନ କରିଦେଲେ ଯେ ଉକ୍ତ ଜମି ନା ବିକ୍ରି ହୋଇପାରିବ ନା କୌଣସି ବ୍ୟକ୍ତିକୁ ଉପହାର ସ୍ୱରୁପ ପ୍ରଦାନ କରାଯିବ ଓ ନା ତାହା ଉତରାଧିକାରୀମାନଙ୍କ ମଧ୍ୟରେ ବଂଟାଯିବ । ହଜ୍‌ରତ୍ ଉମର୍ ର:ଅ ଉକ୍ତ ଜମିକୁ ଅଭାବି, ଦୁଃଖିଦରିଦ୍ର ଏବଂ ଅଲ୍ଲାଃଙ୍କ ମାର୍ଗରେ ଦାସମାନଙ୍କ ସ୍ୱାଧିନ କରିବା । ନିମନ୍ତେ ତଥା ଯାତ୍ରୀ ଓ ଅତିଥିମାନଙ୍କ ଉଦ୍ଦେଶ୍ୟରେ ଖର୍ଚ୍ଚ କରିବାପାଇଁ ଉତ୍ସର୍ଗ କରିଦେଇଥିଲେ ଏବଂ ଯିଏ ସେହି ଜମିର ଦେଖାଶୁଣା କରୁଥିଲେ, ତାଙ୍କ ପାଇଁ କୌଣସି ଅସୁବିଧା ନାହିଁ ଯେ ସେ ସେଥିରୁ କିଛି ବ୍ୟବହାର କରୁ (ଅର୍ଥାତ ଖାଉ) ଓ ଖୁଆଇବାକୁ ଦେଉ । କିନ୍ତୁ ସେ ଧନ ଜମା ନ କରୁ । ***(ସହି ବୁଖାରୀ...... ହଦିସ୍-୨୭୩୭)***

ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଯେତେବେଳେ ବି ବଳିଦାନ କରିବାର କୌଣସି ସୁଯୋଗ ମିଳୁଥିଲା ସେତେବେଳେ ଆପଣ ହାତ ଖୋଲି ମୁକ୍ତ ହୃଦୟର ସହିତ ଦାନ ପୂଣ୍ୟ କରୁଥିଲେ । ପ୍ରଚୁର ପରିମାଣରେ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରୁଥିଲେ । ଏମିତି ବି ସମୟ ଆସିଛି ହଜୁର ସ:ଆ:ସ ନିଜର ସାହାବାମାନଙ୍କୁ ଯେତେବେଳେ ଆର୍ଥିକ ବଳିଦାନ କରିବା ପ୍ରତି ଆହ୍ୱାନ ଦେଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ନିଜର ଘରର ଅଧା ଧନସମ୍ପତି ଆଣି ହଜୁର ସ:ଆ:ସଙ୍କ ପାଦ ତଳେ ଅର୍ପଣ କରି ଦେଇଥିଲେ ଯାହାକି ମୁଁ ପୂର୍ବ ଖୁତ୍‌ବାରେ ଆଲୋଚନା କରିସାରିଛି । ହଜ୍‌ରତ୍ ଉମର୍ ର:ଅଙ୍କ ମନରେ ପ୍ରଭୁଙ୍କ ଭୟ ଏଭଳି ଭାବରେ ଭରି ରହିଥିଲା ଯେ ଯେତେବେଳେ ଆପଣଙ୍କର ଅନ୍ତିମ ସମୟ ଆସିଲା ସେତେବେଳେ ଆପଣଙ୍କ ଚକ୍ଷୁରେ ଅଶ୍ରୁଧାର ବୋହି ଚାଲିଥିଲା । ଆପଣ କହୁଥିଲେ ହେ ଈଶ୍ୱର ! ମୁଁ କୌଣସି ପୁରସ୍କାରର ଅଭିଳାଷୀ ନୁହେଁ ବରଂ ମୁଁ କେବଳ ଏତିକି ଚାହୁଁଛି ଯେ ତୁମ ଶାସ୍ତିରୁ କିପରି ବର୍ତି ଯାଏ । ***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୧୦, ପୃ-୨୪)***

ଅତଏବ ଏହା ଥିଲା ହଜ୍‌ରତ୍ ଉମର୍ ର:ଅଙ୍କ ସେହି ଈଶ୍ୱର ଭୟ ଯାହାକି ତାଙ୍କ ମୁଖରୁ ନିସୃତ ହୋଇଥିଲା । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀର ଆଲୋଚ୍ୟ ଚର୍ଚ୍ଚାଟି ବର୍ତମାନ ଅଭ୍ୟାହତ ରହିଛି ଯାହାର ଅଳ୍ପ କିଛି ଅବଶିଷ୍ଟାଂଶ ବାକି ରହିଯାଇଛି ତାହା ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ଆଲୋଚନା କରିଦେବି ।

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ଅବ୍‌ଦୁଲ୍ଲାଃ ବିନ୍ ଶଦାଦ୍ କୁହନ୍ତି ଯେ ସେ ନମାଜ ପଢ଼ିବା ବେଳେ ଶେଷଧାଡ଼ିର ଥିଲେ ଓ ହଜରତ ଉମର ର:ଅଙ୍କ ହେଙ୍କା ଅର୍ଥାତ କାନ୍ଦିବାର ଶବ୍ଦ ଶୁଣିପାରିଲେ । ସେତେବେଳେ ହଜରତ ଉମର ର:ଅ ଏହି ଆୟତ ତିଲାୱତ୍ (ପାଠ) କରୁଥିଲେ:- *ଇନ୍ନମା ଅଶ୍‌କୁ ବସ୍‌ସି ୱ ହୁଜ୍‌ନି ଇଲଲ୍ଲାହି* ଅର୍ଥାତ ମୁଁ ତ କେବଳ ମୋ ଦୁଃଖ ଓ ବେଦନାକୁ କେବଳ ଅଲ୍ଲାଃଙ୍କ ଦରବାରରେ ହିଁ ଜଣାଉଛି ।**

---

**ଯେତେବେଳେ ହଜରତ ଉମର ର:ଅ (ସେହି ମହାମାରୀ ବ୍ୟାପୁଥିବା) ଇଲାକାରୁ ଲେଉଟି ଆସିବା ପାଇଁ ମନସ୍ଥ କଲେ, ସେତେବେଳେ ହଜରତ ଅବୁ ଉବୈଦାଃ ର:ଅ କହିଲେ *ଆ ଫିରାରନ୍ ମିନ୍ କଦରିଲ୍ଲାହ ?* ଅର୍ଥାତ କଣ ଆପଣ ଅଲ୍ଲାଃଙ୍କ ଭାଗ୍ୟଠାରୁ ପଳାୟନ କରୁଅଛ ? ହଜରତ ଉମର ର:ଅ ତତ୍‌କ୍ଷଣାତ୍ ଉତର ଦେଲେ:- *ନାଆମ୍ ନଫିର୍‌ରୁ ମିନ୍ କଦରିଲ୍ଲାହି ଇଲା କଦରିଲ୍ଲାହି* ଅର୍ଥାତ:- ହଁ ଆମେ ଅଲ୍ଲାଃଙ୍କର ଗୋଟିଏ ଭାଗ୍ୟରୁ ଆଉ ଏକ ଭାଗ୍ୟ ଆଡ଼କୁ ପଳାୟନ କରୁଅଛୁ ।**

---

**ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ୱ ସଲ୍ଲମ୍‌ଙ୍କ ମହାନ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜରତ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୧୯ ନଭେମ୍ବର ୨୦୨୧ ଅନୁଯାୟୀ ୧୯ ନବୁୱତ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّاۤ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَ رَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَ اِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ସାହାବାଙ୍କ ପ୍ରଥମ ଅବସ୍ଥା କିପରି ଥିଲା ଓ ଇସ୍‌ଲାମ୍ ସ୍ୱୀକାର କରିବା ପରେ ସେମାନଙ୍କ ମଧ୍ୟରେ ଯେଉଁ ଅଭୁତପୂର୍ବ ବିପ୍ଳବ ସୃଷ୍ଟି ହୋଇଯାଇଥିଲା ତାହାର ଚର୍ଚ୍ଚା କରି ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେବା ଘଟଣାକୁ ଉଦାହରଣ ସ୍ୱରୁପ ଉପସ୍ଥାପନ କରି କୁହନ୍ତି ଏହି ଉଦାହରଣ ମୁଁ ପୂର୍ବରୁ ମଧ୍ୟ ଚର୍ଚ୍ଚା କରିସାରିଛି କିନ୍ତୁ ବର୍ତମାନ ପୁନଶ୍ଚ ଆଲୋଚନା କରିଦେଉଛି । ହଜରତ ମୁସ୍‌ଲେହ ମଉଦ୍ ର:ଅ କହିଲେ ଦେଖ ସେମାନେ କିଭଳି ହଜୁର ସ:ଆ:ସଙ୍କ ସାଥି ଥିଲେ ଏବଂ ବଡ଼ ବଡ଼ ପଦବିରେ ଅଧିଷ୍ଠିତ ହେଲେ ସେମାନେ ବହୁତ ଚେଷ୍ଟା କରିଥିଲେ । ଅନ୍ୟଥା ଏମାନେ ଏପରି ଲୋକେ ଥିଲେ ଯେଉଁମାନେ ହଜୁର ସ:ଆ:ସଙ୍କର ପରମ ଶତ୍ରୁ ଥିଲେ ଓ ଆପଣଙ୍କର ରକ୍ତପିପାସୁ ଥିଲେ ଏବଂ ଆପଣଙ୍କୁ ଗାଳିଗୁଲଜ କରୁଥିଲେ । ହଜ୍‌ରତ୍ ଉମର୍ ର:ଅ ଯିଏ କି ଆପଣଙ୍କର ଅର୍ଥାତ ହଜୁର ସ:ଆ:ସଙ୍କର ଦ୍ୱିତୀୟ ଖଲିଫା ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ ଏପରି ଏକ ସମୟ ଥିଲା ସେ ମଧ୍ୟ ଆପଣଙ୍କର ଏଭଳି ଶତ୍ରୁ ଥିଲେ ଯେ ଘରୁ ହଜୁର ସ:ଆ:ସଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ବାହାରିପଡ଼ିଲେ । ରାସ୍ତାରେ ଜଣେ ବ୍ୟକ୍ତି ତାଙ୍କୁ ପଚାରିଲା ହେ ଉମର କୁଆଡ଼େ ଯାଉଛ ସେ ଉତର ଦେଲେ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର ଆଜି କାମ ତମାମ୍ କରିଦେବି ଅର୍ଥାତ ଶେଷ କରିଦେବି ସେ କହିଲା ପ୍ରଥମେ ନିଜ ଭଉଣୀ ଓ ଭିଣୋଇର କଥା ବୁଝ ଓ ସେମାନଙ୍କୁ ଯାଇ ହତ୍ୟା କର । ସେ ତ ମୁସଲମାନ ହୋଇସାରିଲେଣି ଏହା ଶୁଣି ସେ ରାଗରେ ଅଧିକ ଉତ୍ୟକ୍ତ ହୋଇ ଉଠିଲେ ଏବଂ ନିଜ ଭଉଣୀ ଓ ଭିଣୋଇ ଘରକୁ ଅଗ୍ରସର ହେଲେ ସେଠାରେ ପହଂଚି ଦେଖିଲେ ଘର ଭିତର ପଟୁ ବନ୍ଦ ରହିଛି ଏବଂ ଭିତରୁ ପବିତ୍ର କୁର୍‌ଆନ୍ ପାଠ କରାଯାଉଥିବାର ଶୁଣାଯାଉଛି ଯେହେତୁ ସେତେବେଳ ପର୍ଯ୍ୟନ୍ତ ପର୍ଦ୍ଦାର ଆଦେଶ ଅବତୀର୍ଣ୍ଣ ହୋଇନଥିଲା ତେଣୁ ଜଣେ ସାହାବି ଘର ଭିତରେ ବସି ତାଙ୍କ ଭଉଣୀ ଓ ଭିଣୋଇଙ୍କୁ ପବିତ୍ର କୁର୍‌ଆନ୍ ପାଠ କରି ଶୁଣାଉଥିଲେ । ହଜରତ ଉମର୍ ର:ଅ କବାଟ ବାଡ଼େଇଲେ ଓ କହିଲେ ଯଦି ଦୁଆର ନ ଖୋଲ ତେବେ କବାଟ ଭାଙ୍ଗି ଦେବି ଏହା ଶୁଣି ସେହି ସାହାବି ଜଣକ ଲୁଚିଗଲେ ଏବଂ ତାଙ୍କ ଭିଣୋଇ ମଧ୍ୟ ଲୁଚି ଗଲେ । ଭଉଣୀ ଆସି ଦୁଆର ଖୋଲିଲେ । ଘରେ ପ୍ରବେଶ କରି ଉମର କହିଲେ, କ'ଣ କରୁଥିଲ ? କିଛି ପାଠ କରିବାର ସ୍ୱର ଶୁଭୁଥିଲା । ଭଉଣୀ ଭୟରେ କଥା ଟାଳି ଦେବାକୁ ଚାହିଁଲେ ଉମର କହିଲେ ଯାହା ପାଠ କରୁଥିଲ ତାହା ମତେ ଦେଖାଅ । ସେ କହିଲେ ତୁମେ ତାହାର ଅସମ୍ମାନ କରିବ । ପ୍ରତ୍ୟୁତରରେ ସେ ପ୍ରତିଜ୍ଞା କଲେ ଅର୍ଥାତ ଉମର ପ୍ରତିଜ୍ଞା କଲେ ଯେ ମୁଁ ତାହାର ଅନାଦାର କରିବି ନାହିଁ । ଯେତେବେଳେ ଉମର ନିଜ ଭଉଣୀ ଓ ଭିଣୋଇଙ୍କଠାରୁ କୁର୍‌ଆନ୍ ନେଇ ପାଠ କଲେ ସେତେବେଳେ ତାଙ୍କ ନୟନରୁ ଅଶ୍ରୁଧାର ବହି ଚାଲିଲା ହଜରତ ଉମର ର:ଅ ତତ୍‌କ୍ଷଣାତ୍ ସେହିଠାରୁ ଉଠି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନିକଟକୁ ବାହାରିଗଲେ ଏବଂ ସେଠାରେ ପହଂଚି ଆପଣ ସ:ଆ:ସଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ମୁଁ ଘରୁ ତ ଆପଣଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ବାହାରିଥିଲି କିନ୍ତୁ ଆଜି ନିଜେ ହିଁ ଇସ୍‌ଲାମ୍‌ର ଶିକାର ହୋଇଗଲି" ।

ଏହା ହେଉଛି ସାରାଂଶ ଏହି ଘଟଣାବଳୀର ଯାହା ମୁଁ ପ୍ରଥମେ ବର୍ଣ୍ଣନା କରିସାରିଛି । ହଜରତ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି:- ପ୍ରଥମେ ସାହାବାମାନଙ୍କର ଏପରି ଅବସ୍ଥା ଥିଲା । ପୁଣି ସେମାନେ ଉନ୍ନତି କରିଚାଲିଲେ । ପୁଣି ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କୁହନ୍ତି ଏହି ସାହାବାମାନେ ହିଁ ଥିଲେ ଯିଏ ଭୀଷଣ ମଦ୍ୟପାନ କରୁଥିଲେ । ପରସ୍ପର ସହିତ ମାରପିଟ କରୁଥିଲେ କିନ୍ତୁ ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ସ୍ୱୀକାର କରିନେଲେ ସେତେବେଳେ ଧର୍ମ ପାଇଁ ସତ୍‌ସାହାସ ଜୁଟାଇନେଲେ ଏବଂ ପ୍ରୟାସ କଲେ ଏବଂ ସେମାନେ କେବଳ ନିଜେ ଉଚ୍ଚ ଆସନ ହାସଲ କଲେ ନାହିଁ ବରଂ ଅନ୍ୟମାନଙ୍କୁ ମଧ୍ୟ ଉଚ୍ଚ ଆସନରେ ଅଧିଷ୍ଠିତ କରିବାର ମାଧ୍ୟମ ସାଜିଲେ । ସେମାନେ ଏଭଳି ଅମଳ କରି ଦେଖାଇଲେ ଯେ ଏହା ଫଳରେ ସାହାବିର ଉପାଧି ପାଇନେଲେ । ଆଜି ମଧ୍ୟ ଯଦି ଆମେ ସେହିପରି ଅମଳ (କର୍ମ) କରୁ ତେବେ ସେହି ସାହାବିମାନଙ୍କର ଉପାଧି ଆମେ ମଧ୍ୟ ହାସଲ କରିନେବା" ।

***(ଅଓରତୋଁ କା ଦୀନ୍ ସେ ୱାକିଫ୍ ହୋନା ଜରୁରୀ ହୈ, ଅନୱାରୁଲ୍ ଉଲୁମ୍, ଖଣ୍ଡ-୪, ପୃ-୩୮-୩୯)***

ହଜ୍‌ରତ୍ ଉମର୍ ର:ଅଙ୍କ ଈଶ୍ୱର ଭୟର ଅବସ୍ଥା ଏପରି ଥିଲା ଯେ ଆପଣ କହୁଥିଲେ ଯଦି ଫୁରାତ୍ ନଦୀ ତଟରେ ଗୋଟିଏ ଛେଳି ମଧ୍ୟ ମରିଯାଏ ତେବେ ମତେ ଭୟ ରହିଛି ଯେ, ଅଲ୍ଲାଃ ତାଲା ପ୍ରଳୟ ଦିବସରେ ମତେ ସେଥି ସଂକ୍ରାନ୍ତରେ କାଲେ ପ୍ରଶ୍ନ କରିବେ ।

***(ସିରତ୍ ଉମର୍ ବିନ୍ ଖତାବ୍, ଇବ୍‌ନୁଲ୍ ଜୁଜି, ପୃ-୧୪୦.... ଅଜ୍‌ନ୍‌ଲ୍)***

ଆଉ ଏକ ବର୍ଣ୍ଣନାରେ ଏପରି ଦରଜ ରହିଛି ଯେ ଆପଣ କହିଲେ ଯଦି ଫୁରାତ ନଦୀ ତଟରେ ଗୋଟିଏ ଓଟ ମଧ୍ୟ ମରିଯାଏ ତେବେ ମୋର ଭୟ ରହିଛି ଯେ, ଅଲ୍ଲାଃ ତାଲା ପ୍ରଳୟ ଦିବସରେ ମତେ ସେଥି ସଂକ୍ରାନ୍ତରେ ପ୍ରଶ୍ନ କରିବେ ।

***(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୨୩୨....... ୧୯୯୦)***

ହଜରତ ଅନସ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରନ୍ତି ଦିନେ ମୁଁ ଉମର୍ ବିନ୍ ଖତାବ୍ ର:ଅଙ୍କ ସହିତ ବାହାରକୁ ଗଲି । ସେ ଗୋଟିଏ ବଗିଚା ଭିତରେ ପ୍ରବେଶ କଲେ । ହଜରତ ଉମର ଏବଂ ମୋ ମଧ୍ୟରେ ଗୋଟିଏ କାନ୍ଥ ପ୍ରତିବନ୍ଧକ ଥିଲା । ସେ ବଗିଚା ଭିତରେ ଥିଲେ । ମୁଁ ହଜ୍‌ରତ୍ ଉମର୍ ର:ଅ ଏହା କହୁଥିବାର ଶୁଣିଲି ଯେ ସେ କହୁଥିଲେ ହେ ଇବ୍‌ନେ ଖତାବ୍ ! ଅର୍ଥାତ ଖତାବ୍‌ର ପୁତ୍ର ତୁମେ ହେଉଛ ଅମୀରୁଲ୍ ମୁମିନିନ୍ ! ଈଶ୍ୱରଙ୍କ ରାଣ ତୁମେ ନିଶ୍ଚିତ ରୂପେ ପରମେଶ୍ୱରଙ୍କୁ ଭୟକର ନଚେତ ତୁମେ ନିଶ୍ଚିତ ରୂପେ ତାଙ୍କ କୋପର ଅଧିକାରୀ ହେବ ଓ ତୁମକୁ ଦଣ୍ଡ ମିଳିବ । ***(ମୌତା ଇମାମ୍ ମାଲିକ୍..... ପୃ-୬୦୧, ରିଓ୍ୱାୟତ୍ ନଂ- ୧୮୬୭..... ବେରୁତ)*** । ହଜରତ ଉମର ର:ଅଙ୍କ ମୁଦିରେ ଏହି ବାକ୍ୟ ଖୋଦିତ ହୋଇଥିଲା **କଫା ବିଲ୍ ମୌତି ଓ୍ୱାଇଜନ୍ ୟା ଉମର୍** ଅର୍ଥାତ:- ହେ ଉମର୍ ! ଉପଦେଷ୍ଟା ହେବା ପରିବର୍ତେ ମୃତ୍ୟୁ ଶ୍ରେୟସ୍କର ***(ଇସ୍‌ତିୟାବ୍...... ଖଣ୍ଡ-୩, ପୃ-୨୩୬ ..... ବେରୁତ ୨୦୦୨)*** ଅର୍ଥାତ ଯଦି ମଣିଷ ମୃତ୍ୟୁକୁ ସ୍ମରଣ ରଖେ ତେବେ ସେହି ଉପଦେଶ କାରି ଗୋଟିଏ ବସ୍ତୁ ଏବଂ ତାହା ହିଁ ନିଜ ଅବସ୍ଥାକୁ ଠିକ୍ କରିବାପାଇଁ ଯଥେଷ୍ଟ ନିଜ ଭିତରେ ପବିତ୍ର ପରିବର୍ତନ କରିବାପାଇଁ ଯଥେଷ୍ଟ ।

ଅବ୍‌ଦୁଲ୍ଲା ବିନ୍ ଶଦ୍‌ଦାଦ୍ କହୁଥିଲେ ଯେ ମୁଁ ହଜରତ ଉମର ର:ଅଙ୍କ ହାକୁଟି ଶୁଣିଲି ଓ ମୁଁ ଶେଷ ଧାଡ଼ିରେ ଛିଡ଼ା ହୋଇଥିଲି । ସେତେବେଳେ ହଜରତ ଉମର ର:ଅ ଏହି ପଂକ୍ତି ଆବୃତ କରୁଥିଲେ **ଇନ୍ନମା ଅଶ୍‌କୁ ବସ୍‌ସି ଓ୍ୱ ହୁଜ୍‌ନି ଇଲଲ୍ଲାହି (ୟୁସୁଫ୍:୮୭)** ଅର୍ଥାତ ମୁଁ ନିଜ ପ୍ରଭୁଙ୍କ ଶରଣରେ ହିଁ ନିଜ ଦୁଃଖକଷ୍ଟର ଗୁହାରି କରୁଛି ମୁଁ ନିଜ ଆବଶ୍ୟକତା ଅନ୍ୟ କାହା ଆଗରେ ପ୍ରକାଶ କରୁନାହିଁ ***(ସହି ବୁଖାରୀ, କିତାବୁଲ୍ ଅଜାନ୍....... ଫିସ୍ ସଲାତି)*** ଅର୍ଥାତ ନା ଅନ୍ୟ କାହାରିକୁ ପ୍ରଭୁଙ୍କ ବ୍ୟତିତ ମାଗୁଛି ।

ଏହି ଘଟଣା ଚର୍ଚ୍ଚା କରି ଯମାତ୍ ଅହେମଦୀୟାର ଚତୁର୍ଥ ଖଲିଫା କୁହନ୍ତି ଯେ ଯେଉଁ ଲୋକମାନେ ଜିକ୍‌ରେ ଇଲାହି ଅର୍ଥାତ ଅଲ୍ଲାଃଙ୍କ ଗୁଣଗାନ କରିବାରେ ହଜିଯାଆନ୍ତି ସେମାନଙ୍କୁ ପ୍ରଭୁଙ୍କ ବ୍ୟତିତ ଅନ୍ୟ କାହାରି ଦ୍ୱାର ହିଁ ମିଳିନଥାଏ ଯେଉଁସ୍ଥଳେ କି ସେ ନିଜ ଦୁଃଖକଷ୍ଟ ଓ ନିଜ ହୃଦୟର ବେଦନାର ପରିପ୍ରକାଶ କରି ସେଥିରୁ ଆଶ୍ୱସ୍ତି ଲାଭ କରିପାରିବେ । ***(ଖୁତ୍‌ବାତେ ତାହେର୍, ଖଣ୍ଡ-୧୩, ପୃ-୨୪୮-୨୪୯)***

ପୂରାତନ ସେବକ ବଳିଦାନକାରୀଙ୍କୁ ହଜ୍‌ରତ୍ ଉମର୍ ର:ଅ କିଭଳି ମନେ ରଖୁଥିଲେ ଯେ ଏକଦା କିଛି ଦାମୀ ଓଢ଼ଣୀ କେଉଁ ଆଡୁ ଆସି ପହଂଚିଲା ହଜ୍‌ରତ୍ ଉମର୍ ର:ଅ ତାହାକୁ ବାଂଟିବା ଆରମ୍ଭ କଲେ ସେହି ଓଢ଼ଣୀ ମଧ୍ୟରୁ ଗୋଟିଏ ଭଲ ଓଢ଼ଣୀ ବଂଚିଗଲା । ସେଠାରେ ଉପସ୍ଥିତ ଲୋକମାନଙ୍କ ମଧ୍ୟରୁ କେହି ଜଣେ କହିଲେ ହେ ଅମୀରୁଲ୍ ମୁମିନିନ୍ ! ଆପଣ ଏହାକୁ ଉମ୍ମେ କୁଲ୍‌ସୁମ୍ ର:ଅଙ୍କୁ ଦିଅନ୍ତୁ । କିନ୍ତୁ ହଜରତ ଉମର ର:ଅ ସେହି ସବୁଠାରୁ ଉତ୍କୃଷ୍ଟ ସୁନ୍ଦର ଓଢ଼ଣୀଟିକୁ ହଜରତ ଉମ୍ମେ ସଲିତ୍ ର:ଅଙ୍କୁ ପ୍ରଦାନ କରି କହିଲେ ତୁମେ ଏହା ହିଁ ଏହାର ପ୍ରକୃତ ଅଧିକାରିଣୀ କାରଣ ଓ୍ୱହଦ୍ ଯୁଦ୍ଧ ଦିନ ଆପଣ ଆମମାନଙ୍କ ପାଇଁ ଜଳପୂର୍ଣ୍ଣ ଥଳି ଉଠାଇ ଉଠାଇ ଆଣୁଥିଲେ ଏବଂ ଆମକୁ ଜଳପାନ କରାଉଥିଲେ ।

***(ସହି ବୁଖାରୀ..... ହଦିସ୍-୪୦୭୧)***

ପୁଣି ବଳୀଦାନ କରିଥିବା ଲୋକମାନଙ୍କ ନିକଟ ସମ୍ପର୍କୀୟମାନଙ୍କୁ କିପରି ଅନୁଗ୍ରହ କରୁଥିଲେ । ସେ ସମ୍ବନ୍ଧରେ ଜୈଦ୍ ବିନ୍ ଅସ୍‌ଲମ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ ସାଥିରେ ବଜାରକୁ ଗଲି ସେଠାରେ ଜଣେ ମହିଳା ନିଜ ସ୍ୱାମୀଙ୍କ ନିଧନ ପରେ ନିଜ ଓ ନିଜ ଛୁଆଙ୍କ ଦୁରାବସ୍ଥାର ଗୁହାରି ହଜ୍‌ରତ୍ ଉମର୍ ର:ଅଙ୍କୁ ଜଣାଇଲା । ପୁନଶ୍ଚ କହିଲେ ଈଶ୍ୱରଙ୍କ ରାଣ ! ଛେଳୀର ଗୋଡ଼ ମଧ୍ୟ ଖାଇବା ପାଇଁ ମୋ ପିଲାମାନଙ୍କ ଭାଗ୍ୟରେ ନାହିଁ । ମୋ ସ୍ୱାମୀଙ୍କର ନା ତ କୌଣସି ଖେତଜମି ଅଛି ଓ ନା କୌଣସି ଦୁଧିଆଳ ପଶୁ । ମତେ ଭୟ ଲାଗୁଛି ଯେ ଆମେ ସଙ୍କଟରେ ନ ପଡ଼ିଯାଉ । ମୁଁ ହେଉଛି ଖୁଫାଫ୍ ବିନ୍ ଇମା ଗଫାରୀଙ୍କ କନ୍ୟା ଯିଏ ସୁଲାହ୍ ହୁଦୈବିୟାରେ ହଜୁର ସ:ଆ:ସଙ୍କ ସାଥିରେ ଥିଲେ । ଏହା ଶୁଣିବା ପରେ ହଜ୍‌ରତ୍ ଉମର୍ ର:ଅ କହିଲେ, ଓ୍ୱାଃ ଓ୍ୱାଃ ଆପଣ ତ' ଆମର ନିକଟ ସମ୍ପର୍କୀୟ ସେଥିଅନ୍ତେ ହଜରତ ଉମର ଯାଇ ଗୋଟିଏ ମଜ୍‌ଭୁତ୍ ଓଟ ଉପରେ ଶସ୍ୟର ବସ୍ତା ଲଦିଦେଲେ । ବର୍ଷକ ପାଇଁ ଖର୍ଚ୍ଚ କରିବା ନିମନ୍ତେ ଅର୍ଥ ଓ ବସ୍ତ୍ର ରଖିବା ପରେ ଓଟର ପଘାଟି ସମ୍ପୃକ୍ତ ମହିଳାଙ୍କ ହସ୍ତରେ ଧରାଇଦେଲେ ଏବଂ କହିଲେ, ଏ ସବୁ ଜିନିଷଗୁଡ଼ିକ ଶେଷ ହୋଇନଥିବ ଯେ ପରମେଶ୍ୱର ତୁମକୁ ଆହୁରି ପ୍ରଦାନ କରିଦେବେ । ଜଣେ ବ୍ୟକ୍ତି କହିଲେ, ହେ ଅମୀରୁଲ୍ ମୁମିନିନ୍ ! ଆପଣ ତାଙ୍କୁ ବେଶ୍ ଅଧିକ ପ୍ରଦାନ କରିଦେଇଛନ୍ତି । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ତୁମ ମାତା ତୁମକୁ ହରାନ୍ତୁ ଅର୍ଥାତ ଆପଣ ର:ଅ ଅତିଷ୍ଟଭାବ ପରିପ୍ରକାଶ କଲେ ଏବଂ କହିଲେ, ଅଲ୍ଲାଃଙ୍କ ରାଣ ! ମୁଁ ତ ତାହାର ପିତା ଓ ଭାଇକୁ ଏବେ ମଧ୍ୟ ଦେଖୁଛି ଯେ ସେମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ ଦୁର୍ଗ ଘେରାଉ କରି ରଖିଥିଲେ ଯାହାକୁ ଶେଷରେ ସେମାନେ ଜୟ କରିନେଲେ । ସେଥିଅନ୍ତେ ସକାଳେ ଆମେ ସେ ଦୁହିଁଙ୍କ ମଧ୍ୟରେ ଭାଗ କଲୁ, ବାଂଟି ଦେଲୁ ଅର୍ଥାତ ଉକ୍ତ ଦୁର୍ଗକୁ ସେ ଦୁହେଁ ଜୟ କରିଥିଲେ ଯାହାର ଧନ ସମ୍ପତି ମୁସଲମାନମାନଙ୍କ ହାତ ମୁଠାକୁ ଆସିଲା ଯେପରି କି ଆମେ ତାହାକୁ ଭାଗ କରି ବାଂଟିନେଲୁ । ***(ସହି ବୁଖାରୀ, କିତାବୁଲ୍ ମଗାଜି.... ହଦିସ୍ ୪୧୬୦-୪୧୬୧)*** ସୁତରାଂ ଏହି କାରଣରୁ ସେ ଏହି ପୁରସ୍କାରର ହକ୍‌ଦାର୍ ଥିଲା ଯେ ତାଙ୍କୁ ଏଭଳି ଶସ୍ୟ, ଅର୍ଥ ଓ ବସ୍ତ୍ର ଆଦି ପ୍ରଦାନ କରାଯାଉ ।

ବୁଢ଼ି, ଭିନ୍ନକ୍ଷମ ଏବଂ ଅଭାବି ମହିଳାମାନଙ୍କର ଓ ଲୋକମାନଙ୍କର ହଜରତ ଉମର ର:ଅ କିପରି ଧ୍ୟାନ ରଖୁଥିଲେ । ଏ ସମ୍ବନ୍ଧରେ ରିଓ୍ୱାୟତ ମିଳୁଛି ଯେ ଏକଦା ଅନ୍ଧାର ରାତ୍ର ସମୟରେ ହଜ୍‌ରତ୍ ଉମର୍ ର:ଅ କିଛି ଘରର ଖବର ବୁଝିବା ନିମନ୍ତେ ପରିଦର୍ଶନ ପାଇଁ ବାହାରିଲେ, ସେତେବେଳେ ହ. ତଲ୍‌ହାର ର:ଅ ଆପଣଙ୍କୁ ଦେଖିନେଲେ ଯେ ହଜରତ ଉମର ର:ଅ ଗୋଟିଏ ଘରେ ପ୍ରବେଶ କଲେ ଅତଏବ ତା ପରଦିନ ହଜରତ ତଲ୍‌ହା ର:ଅ ସେହି ଘରଗୁଡ଼ିକ ମଧ୍ୟରୁ ଗୋଟିଏ ଘରକୁ ଗଲେ ଯେଉଁ ସ୍ଥଳେ ଜଣେ ବୃଦ୍ଧ ମହିଳା ରହିଥିଲେ ତାଙ୍କୁ ହଜରତ ତଲ୍‌ହା ର:ଅ ପ୍ରଶ୍ନ କଲେ ଯେ ଯେଉଁ ବ୍ୟକ୍ତିଜଣକ ରାତିରେ ତୁମ ଘରକୁ ଆସୁଛନ୍ତି, ସେ କଣ କରୁଛନ୍ତି ? ସେଥିରେ ସେହ ବୃଦ୍ଧାଜଣକ କହିଲେ, ଗତ ରାତ୍ରିରେ ଯେଉଁ ବ୍ୟକ୍ତି ମୋ ଘରକୁ ଆସିଥିଲେ ସେ ମୋର ବହୁତ ସେବା ଯତ୍ନ କରୁଛନ୍ତି ମୋର ସମସ୍ତ କାମ କରିଦେଉଛନ୍ତି ଏବଂ ମୋର ସମସ୍ତ ପ୍ରକାର ଅସନା ଓ ମଇଳାକୁ ପରିଷ୍କାର କରୁଛନ୍ତି । ମୋ ଘର ସଜାଡ଼ି ଦେଉଛନ୍ତି । ଏହା ଶୁଣିବା ପରେ ହଜରତ ତଲ୍‌ହା ଅନୁତପ୍ତ ହୋଇ ନିଜକୁ କହିଲେ, ହେ ତଲ୍‌ହା ! ତୋ ମାତା ତତେ ହରାନ୍ତୁ । କେଡ଼େ ଦୁଃଖର ବିଷୟ ତୁ ତ ଉମରଙ୍କ ଦୋଷ ତ୍ରୁଟିର ଅନୁସନ୍ଧାନରେ ବାହାରିଥିଲୁ କିନ୍ତୁ ଏଠାରେ ତ' ମାମଲା ହିଁ ବିପରୀତ । ***(ସିରତ୍ ଉମର୍ ବିନ୍ ଖତାବ୍....... ପୃ-୫୮..... ଅଜ୍‌ହର୍)*** ପ୍ରଜାମାନଙ୍କ ସେବା କରିବାର ସର୍ବୋତମ ଉଦାହରଣ ଯାହାକି ହଜ୍‌ରତ୍ ଉମର୍ ର:ଅ ପ୍ରଦର୍ଶନ କରିଛନ୍ତି ।

ହଜ୍‌ରତ୍ ଉମର୍ ର:ଅ ଅଭାବି ପୁରୁଷ, ମହିଳା ଏବଂ ପିଲାମାନଙ୍କର ଆବଶ୍ୟକତା ପୂରଣ କରିବା ଅନେକ ଘଟଣାବଳୀ ରହିଛି ଏବଂ ସେଥିପାଇଁ ଆପଣ କିଭଳି ବ୍ୟସ୍ତ ବିବ୍ରତ ରହୁଥିଲେ ଏବଂ ଯେତେବେଳେ ମଧ୍ୟ ଆପଣ ନିଜ ପ୍ରଜାମାନଙ୍କ ମଧ୍ୟରେ କୌଣସି ଅଭାବି ଲୋକଙ୍କୁ ଦେଖୁଥିଲେ ସେତେବେଳେ ଭୀଷଣ ରୂପେ ବ୍ୟସ୍ତ ବିବ୍ରତ ହୋଇ ଉଠୁଥିଲେ । ଅନେକ ଘଟଣା ମୁଁ ପୂର୍ବରୁ ମଧ୍ୟ ଏ ସଂକ୍ରାନ୍ତରେ ଆଲୋଚନା କରିସାରିଛି । ଯେପରି କି ରାତ୍ର ସମୟରେ ଜଣେ ମହିଳାଙ୍କର ଛୁଆ ରୋଦନ କରୁଥିବାର ଆପଣ ଶୁଣିଲେ କାରଣ ପଚାରିବାରୁ ସେ କହିଲେ, ଯେ ଉମର ତ କ୍ଷୀରପାନ କରୁଥିବା ପିଲାମାନଙ୍କ ରାଶନ ଧାର୍ଯ୍ୟ କରିନାହାନ୍ତି ତେଣୁ ଭୋକରେ ମୋ ଛୁଆ ରୋଦନ କରୁଛି । ଏକଥା ଶୁଣି ଉମର ବିଚଳିତ ହୋଇ ଉଠିଲେ ଏବଂ ସଙ୍ଗେ ସଙ୍ଗେ ସେମାନଙ୍କ ରାଶନର ବ୍ୟବସ୍ଥା କଲେ ତଥା ଘୋଷଣା କରିଦେଲେ ଯେ, ଆସନ୍ତାରେ ପ୍ରତ୍ୟେକ ନବଜାତ ଛୁଆ ପାଇଁ ରାଶନ ଜାରି କରିଦିଆଯାଉ । ***(ଅଲ୍‌ବିଦାୟତୁନ୍ ନହାୟା, ଖଣ୍ଡ-୧୦,ପୃ-୧୮୫-୧୮୬........ ୧୯୯୭)***

ପୁନଶ୍ଚ ଜଣେ ମହିଳା ଯାତ୍ରୀ ନିକଟରେ କୌଣସି ଖାଦ୍ୟ ସାମଗ୍ରୀ ନଥିଲା ଏବଂ ରାତ୍ରରେ ତାହାର ଛୁଆ ଖାଇବାକୁ ନ ପାଇ ଭୋକରେ ରୋଦନ କରିବା ଆରମ୍ଭ କରିଦେଲା ଯେତେବେଳେ ହଜରତ ଉମର ର:ଅ ଏକଥା ଜାଣିବାକୁ ପାଇଲେ ସଙ୍ଗେ ସଙ୍ଗେ ଗୋଦାମରୁ ଶସ୍ୟ, ଖାଦ୍ୟ ସାମଗ୍ରୀ ଉଠାଇ ଉକ୍ତ ମହିଳା ନିକଟରେ ପହଂଚିଗଲେ ଏବଂ ସେ ପର୍ଯ୍ୟନ୍ତ ଆଶ୍ୱସ୍ତ ଲାଭ କଲେ ନାହିଁ ବରଂ ସେହି ସ୍ଥଳେ ବସି ରହିଲେ ଯେ ପର୍ଯ୍ୟନ୍ତ କି ତା'ର ପିଲାମାନେ ପେଟପୁରା ଖାଇ ହସିବାର ନ ଦେଖିନେଲେ । ତା'ପରେ ସେଠାରୁ ଫେରିଆସିଲେ ।

***(ତାରିଖୁଲ୍ ତିବ୍‌ରି..... ଖଣ୍ଡ-୫, ପୃ-୬୨..... ବେରୁତ ୧୯୯୮)***

ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖ ତାଙ୍କର ପ୍ରଭାବ ଓ ପ୍ରତାପ କିପରି ଲୋକମାନଙ୍କ ହୃଦୟରେ ଅଭ୍ୟାହତ ରହିଥିଲା । ଯାହାକୁ ଦେଖି ବଡ଼ ବଡ଼ ରାଜା ମହାରାଜା ମଧ୍ୟ ଭୟଭୀତ ହୋଇ ଉଠୁଥିଲେ । କେସର୍ ଓ କିସ୍‌ରା ଥରବର ହୋଇଯାଉଥିଲେ ଏହା ସତ୍ୱେ ମଧ୍ୟ ହଜରତ ଉମର ର:ଅ ଜଣେ ଗାଉଁଲି ମହିଳାର ଛୁଆକୁ ଭୋକିଲାରେ ଦେଖି ବିଚଳିତ ହୋଇଯାଉଥିଲେ । ସୁତରାଂ ନିଜ ପିଠି ଉପରେ ଅଟାବସ୍ତା ଓ ଘିଅ ଡ଼ବା ଉଠାଇ ସେଠାରେ ଅର୍ଥାତ ସେହି

ମହିଳାଙ୍କ ନିକଟରେ ପହଂଚିଗଲେ ଏବଂ ସେ ପର୍ଯ୍ୟନ୍ତ ସେଠାରୁ ଫେରିଲେ ନାହିଁ ଯେପର୍ଯ୍ୟନ୍ତ ସ୍ୱୟମ ଖାଦ୍ୟ ପ୍ରସ୍ତୁତ କରି ସେହି ପିଲାମାନଙ୍କୁ ଖୁଆଇ ଦେଇନାହାନ୍ତି ଓ ସେହି ପିଲାମାନେ ଶୋଇ ପଡ଼ିନଥିଲେ ।

*(ସେରେ ରୁହାନୀ (୬), ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୨, ପୃ-୫୯୬)*

ପୁଣି ଗୋଟିଏ ଘଟଣା ହଜରତ ଇବ୍‌ନେ ଉମର ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ହଜ୍‌ରତ୍ ଉମର୍ ର:ଅ ସିରିୟାରୁ ପ୍ରତ୍ୟାବର୍ତନ କରିବା ପରେ ଲୋକମାନଙ୍କ ଅବସ୍ଥା ବୁଝିବା ସକାଶେ ଦିନେ ବାହାରିଗଲେ । ମଦିନାର ସୁଦୁର ଅଂଚଳରେ ଗୋଟିଏ ଅସ୍ଥାୟୀ ଘରେ ଜଣେ ବୃଦ୍ଧ ମହିଳା ରହୁଥିଲେ ଆପଣ ଘର ଭିତରକୁ ପ୍ରବେଶ କରି ତାଙ୍କ ଖବର ପଚାରିବାରୁ ସେ କହିଲେ, ପରମେଶ୍ୱର ମୋ ତରଫରୁ ଉମର ର:ଅଙ୍କୁ କୌଣସି ପୂଣ୍ୟ ପ୍ରଦାନ ନ କରନ୍ତୁ । କାରଣ ଯେବେଠାରୁ ସେ ଖଲିଫା ହୋଇଛନ୍ତି ସେବେଠାରୁ ମତେ କୌଣସି ପ୍ରକାର ଭତା ମିଳିନାହିଁ । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ, ତୁମ ଅବସ୍ଥା ସମ୍ପର୍କରେ ତାଙ୍କୁ କିପରି ଜ୍ଞାତ ହେବ ? ଉକ୍ତ ବୃଦ୍ଧ ମହିଳାଜଣକ ପୁନଶ୍ଚ କହିଲେ, ସୁବ୍‌ହାନଲ୍ଲାଃ (ଅର୍ଥାତ ଅଲ୍ଲାଃ ହେଉଛନ୍ତି ପବିତ୍ରମୟ) । ମୁଁ ଭାବିପାରୁ ନାହିଁ ଯେ, ଜଣେ ସରଦାର୍ ନିଜ ପ୍ରଜାଙ୍କ ଅବସ୍ଥା ସମ୍ପର୍କରେ କ'ଣ ଏପରି ଅଜ୍ଞ ରହିବା ଉଚିତ ? କ'ଣ ତାହାର ଦକ୍ଷିଣ ଓ ବାମ ପାଶ୍ୱରେ କଣ ସବୁ ଘଟୁଛି ସେ ସବୁ ଜାଣିବା ତାହାର ଦାୟିତ୍ୱ ପରିସର ମଧ୍ୟରେ ନାହିଁ ? ଏକଥା ଶୁଣିବା ପରେ ହଜ୍‌ରତ୍ ଉମର୍ ର:ଅଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇଚାଲିଲା ଏବଂ ଆପଣ କହିଲେ, ହାଏ ! ହାଏ ! ଉମର ଜଣାନାହିଁ କେତେ ସୁଦକ୍ଷ ବ୍ୟକ୍ତି ଥିବେ ଯେ ତୁମଠାରୁ ଇସ୍‌ଲାମ୍‌ର ଶିକ୍ଷାକୁ ଅଧିକ ଉତମ ରୂପେ ବୁଝୁଥିବେ ଅତଏବ ଆପଣ ର:ଅ ଉକ୍ତ ବୃଦ୍ଧ ମହିଳାଙ୍କୁ କହିଲେ, ତୁମେ ନିଜ ପ୍ରତାଡ଼ନାକୁ କେତେ ମୁଲ୍ୟରେ ବିକ୍ରି କରିବ କାରଣ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ ନର୍କାଗ୍ନୀରୁ ରକ୍ଷା କରିବାକୁ ଚାହେଁ । ଉକ୍ତ ମହିଳାଜଣକ ପ୍ରଥମେ ଏପରି ପ୍ରସ୍ତାବକୁ ପରିହାସ ମନେକଲେ ହଜରତ ଉମର୍ ର:ଅ କହିଲେ ଏହା ଥଟ୍ଟା ପରିହାସ ନୁହେଁ । ପୁଣି ବାଧ୍ୟ କରି ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ଯେତେବେଳେ ପଚିଶ ଦିନାର ଦେଲେ ସେ ତାହାକୁ ସ୍ୱୀକାର କରିନେଲେ ଇତି ମଧ୍ୟରେ ହଜରତ ଅଲି ଓ ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ସେଠାରେ ଆସି ପହଂଚିଗଲେ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କୁ ସେହି ଦୁଇଜଣଯାକ ଅସ୍‌ସଲାମୁ ଆଲୈକୁମ୍ କହି ସମ୍ବୋଧିତ କଲେ ଏହା ଶୁଣି ଉକ୍ତ ମହିଳାଜଣକ ଭୟଭୀତ ହୋଇପଡ଼ିଲେ । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ ତୁମର କୌଣସି ଦୋଷ ନାହିଁ । ସେଥିଅନ୍ତେ ଆପଣ ଗୋଟିଏ ଲେଖା ପ୍ରସ୍ତୁତ କଲେ ଯେ ଆଜି ଉମର ଅମୁକ ମହିଳାଙ୍କୁ ତାଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ମୂଲ୍ୟ ସ୍ୱରୁପ ପଚିଶ ଦିନାର ପ୍ରଦାନ କରିଛନ୍ତି । ବର୍ତମାନ ଯଦି ସେ ଅର୍ଥାତ ଉକ୍ତ ମହିଳାଜଣକ ପ୍ରଳୟ ଦିବସରେ ଅଲ୍ଲାଃଙ୍କ ନିକଟରେ ନିଜ ଅଧିକାର ଦାବି କରେ ତେବେ ଉମର ସେଥିରୁ ମୁକ୍ତ ରହିବେ । ଏଥିସଂକ୍ରାନ୍ତରେ ମୋର ଦୁଇ ସାଥି ଅଲି ଓ ଅବ୍‌ଦୁଲ୍ଲାଃ ସାକ୍ଷୀ ରହିଲେ । ତା'ପରେ ଆପଣ ଉକ୍ତ ଆଲେଖ୍ୟ ଅଲୀଙ୍କୁ ପ୍ରଦାନ କରି କହିଲେ, ଯଦି ମୁଁ ତୁମ ପୂର୍ବରୁ ମୃତ୍ୟୁବରଣ କରେ ତେବେ ଏହି ଲେଖାଟିକୁ ମୋ କଫନରେ ରଖିଦେବ ।

*(ଅଜାଲତୁଲ୍ ଖଫାଆ ମୁତର୍‌ଜିମ୍, ଖଣ୍ଡ-୩, ପୃ-୨୭୬-୨୭୮...... କରାଚି)*

ପିଲାମାନଙ୍କ ପାଇଁ ବନ୍ଧୁଘର କରିବା ସମ୍ବନ୍ଧରେ ଆଜିକାଲି ଆମେ ଏହି ପ୍ରସଙ୍ଗରେ ଦେଖିବାକୁ ପାଇଥାଉଁ ଯେ ବଡ଼ ବଡ଼ ଘର ଖୋଜା ଯାଇଥାଏ । ବିବାହ ବନ୍ଧୁଘର କରିବା ପ୍ରସଙ୍ଗରେ ନିଜ ପିଲାମାନଙ୍କ ପାଇଁ ପ୍ରସ୍ତାବ ଖୋଜିବା ସମୟରେ କିପରି ସ୍ତର ରଖାଯାଏ । କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ ଏହି କାର୍ଯ୍ୟରେ କ'ଣ ସ୍ତର ଥିଲା । ଏ ପ୍ରସଙ୍ଗରେ ଗୋଟିଏ ରିୱାୟତ୍ ମିଳୁଛି ଯେ ଉମ୍ମେ ଅସ୍‌ଲମ୍ ବର୍ଣ୍ଣନା କରନ୍ତି, ଯିଏ ହଜ୍‌ରତ୍ ଉମର୍ ର:ଅଙ୍କ ସ୍ୱାଧିନ ପ୍ରାପ୍ତ ଦାସ ଥିଲେ । ସେ କୁହନ୍ତି ଯେ, ମୁଁ ଉମରଙ୍କ ସାଥିରେ ରାତ୍ରରେ ସହର ପରିକ୍ରମା କରୁଥିଲି ଆପଣ କିଛି କ୍ଷଣ ପାଇଁ ବିଶ୍ରାମ ନେବା ଉଦ୍ଦେଶ୍ୟରେ ଗୋଟିଏ କାନ୍ଥ ସହିତ ସଲଗ୍ନ ହୋଇ ବସିପଡ଼ିଲେ । କାନ୍ଥ ଆରପଟରୁ ଜଣେ ବୃଦ୍ଧ ମହିଳାଙ୍କ କଥା ଶୁଣାଗଲା, ସେ ନିଜ କନ୍ୟାଙ୍କୁ କହୁଥିଲେ ଯାଅ କ୍ଷୀରରେ ପାଣି ମିଶାଇ ଦିଅ । କନ୍ୟାଜଣକ ଉତର ଦେଲେ କଣ ଆପଣଙ୍କୁ ଜଣାନାହିଁ ଅମିରୁଲ୍ ମୁମିନିନ୍ ଘୋଷଣା କରିଛନ୍ତି ଯେ କ୍ଷୀରରେ ପାଣି ମିଶାଇବା ଉଚିତ ନୁହେଁ । ଏହାପରେ ମଧ୍ୟ ସେ ପୁନଶ୍ଚ ନିଜ କନ୍ୟାକୁ କହିଲେ, ଏବେ ତ ନା ଅମିରୁଲ୍ ମୁମିନିନ୍ ଏଠାରେ ଅଛନ୍ତି, ନା ତାଙ୍କ ଘୋଷଣାକାରୀ ଏଠାରେ ଅଛନ୍ତି । ତା'ର ଝିଅ ପୁଣି ତାକୁ କହିଲା ଈଶ୍ୱରଙ୍କ ରାଣ ! ଏକଥା ତ ଆମ ପାଇଁ ଉଚିତ ନୁହେଁ ଯେ ଆମେ ତାଙ୍କ ସମ୍ମୁଖରେ ଆଜ୍ଞାବହତା ସ୍ୱୀକାର କରିବା ଓ ତାଙ୍କ ପଛରେ ତାଙ୍କର ଅବମାନନା କରିବା । ଏକଥା ଶୁଣି ହଜ୍‌ରତ୍ ଉମର୍ ର:ଅ ବହୁତ ଆନନ୍ଦିତ ହେଲେ ଏବଂ କହିଲେ, ଏହି ଘରେ ଚିହ୍ନ ଲଗାଇ ଦିଅ ସୁତରାଂ ସାହାବି ଜଣକ ଉକ୍ତ ଘରେ ଚିହ୍ନ ଲଗାଇଦେଲେ ଏବଂ ତା ପରଦିନ ହଜ୍‌ରତ୍ ଉମର୍ ର:ଅ ଉକ୍ତ ଯୁବତୀଙ୍କ ପାଇଁ ନିଜ ପୁତ୍ର ଆସିମ୍‌ର ବିବାହ ପ୍ରସ୍ତାବ ପଠାଇଲେ ତାହା ମଧ୍ୟ କେବଳ ଏହି ଆଧାରରେ ସ୍ଥିର କଲେ ଯେ, ସେ ଜଣେ ସତ୍ୟନିଷ୍ଠ ଯୁବତୀ । ପରବର୍ତୀ ସମୟରେ ଉକ୍ତ ଯୁବତୀଙ୍କ ଔରଷରୁ ଅର୍ଥାତ ହଜ୍‌ରତ୍ ଉମର୍ ର:ଅଙ୍କ କୁଳବଧୂଙ୍କ ଔରଷରୁ ଆସିମ୍‌ର ଜଣେ କନ୍ୟା ଜନ୍ମଗ୍ରହଣ କଲେ । ହଜରତ ଉମର ବିନ୍ ଅବ୍‌ଦୁଲ୍ ଅଜିଜ୍ ସେହି କନ୍ୟାଙ୍କର ସନ୍ତାନ ମଧ୍ୟରୁ ଥିଲେ । ***(ଅଜାଲତୁଲ୍ ଖଫାଆ..... ମୁତରଜିମ୍, ଖଣ୍ଡ-୩, ପୃ-୨୮୧-୨୮୨..... କରାଚି)*** । ଏକଦା ହଜ୍‌ରତ୍ ଉମର୍ ର:ଅ ବଜାରର ରାସ୍ତାରୁ ହଟାଇବା ପାଇଁ ନିଜ ବେତ ଦ୍ୱାରା ଇସାରା କରିବାରୁ ଜଣେ ସାହାବି ଯାହାଙ୍କ ନାମ ସଲ୍‌ମା ଥିଲା ତ' ସେହି ସମୟରେ ହଜରତ ଉମର ର:ଅଙ୍କର ବଙ୍କୁଲିବାଡ଼ି ବାଜିଯାଇଥିଲା । ଉକ୍ତ ଘଟଣାକୁ ବର୍ଷେ ଅତିବାହିତ ହେବା ପରେ ଆପଣ ର:ଅ ସମ୍ପୃକ୍ତ ବ୍ୟକ୍ତିକୁ ଛଅଶହ ଦିର୍‌ହମ୍ ଦେଇ କହିଲେ, ଏହା ମୋର ସେହି ଭୁଲ୍‌ର ପ୍ରତିଦାନ, କାରଣ ମୁଁ ତୁମକୁ ରାସ୍ତାରୁ ପୃଥକ ରହିବାପାଇଁ ଅର୍ଥାତ ରାସ୍ତା କଡ଼ରେ ଚାଲିବାପାଇଁ ଇସାରା କରିବା ସମୟରେ ମୋ ବାଡ଼ି ତମକୁ ଲାଗି ଯାଇଥିଲା ତେଣୁ ତାହାର କ୍ଷତିପୂରଣ ସ୍ୱରୁପ ମୁଁ ତୁମକୁ ଏଭଳି ରାଶି ପ୍ରଦାନ କରୁଛି । ସଲ୍‌ମା କହୁଛନ୍ତି: ଯେ ମୁଁ କହିଲି ଅଲ୍ଲାଃଙ୍କ ରାଣ ହେ ଅମୀରୁଲ୍ ମୁମିନିନ୍ ! ମୁଁ ଏକଥା ସମ୍ପୁର୍ଣ୍ଣ ରୂପେ ଭୂଲି ଯାଇଥିଲି । ଆଜି ଆପଣ ମତେ ମନେପକାଇ ଦେଲେ । ***(ସିରତ୍ ଉମର୍ ବିନ୍ ଖତାବ୍..... ପୃ-୯୮.... ଅଜ୍‌ହର୍)*** ସେଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ କହିଲେ, ହେ ସଲ୍‌ମା ! କଣ ଏ ବର୍ଷ ତୁମେ ହଜ୍ କରିବାର ଉଦ୍ଦେଶ୍ୟ ରଖିଛି କି ? ମୁଁ କହିଲି ହେ ଅମିରୁଲ୍ ମୁମିନିନ୍ ! ହଁ ମୁଁ ଏ ଉଦ୍ଦେଶ୍ୟ ରଖିଛି । ଅତଃ ଆପଣ ମୋ ହାତ ଧରିଲେ ଏବଂ ମତେ ନିଜ ଘରକୁ ନେଇଗଲେ ।

ସେଥିଅନ୍ତେ ଆଉ ଏକ ଘଟଣା ଏଭଳି ଦରଜ ରହିଛି ଯେ ଆପଣ ଏହା ମଧ୍ୟ ଦେଖୁଥିଲେ ଯେ, ବଜାରରେ ସାମଗ୍ରୀର ଦରଦାମ କିଭଳି ରହିଛି, ସାମଗ୍ରୀର ଦରଦାମ କିପରି ଆୟତଧିନ ରହୁ । ସେଥିପ୍ରତି ଆପଣ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ ଯଦ୍ୱାରା ଏହି ଦରଦାମ ବୃଦ୍ଧି କୌଣସି ସହରୀର ଅର୍ଥାତ ନାଗରୀକର ଅଧିକାରକୁ ପ୍ରଭାବିତ ନ କରୁ । ଅତଏବ ଏକଥାକୁ ବର୍ଣ୍ଣନା କରି ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କୁହନ୍ତି: ଜଣେ ନାଗରୀକର ଅଧିକାରରେ ଏହା ଅର୍ନ୍ତଭୁକ୍ତ ଯେ କିଣାବିକାର ମାମଲାରେ କୌଣସି ପ୍ରକାର ଖରାପ ଜିନିଷ ନ ରହୁ । ଆମେ ଦେଖିଥାଉ ଯେ ଇସ୍‌ଲାମ୍ ଏଥିପ୍ରତି ବିଶେଷ ଧ୍ୟାନ ଦେଇ ନିର୍ଦ୍ଦେଶ ଦେଇଛି ଏବଂ ଦରଦାମ ବଢ଼ାଇବା ଓ ସାମଗ୍ରୀଗୁଡ଼ିକ ମହଙ୍ଗା କରିବାକୁ ବାରଣ କରିଛି । ଅନ୍ୟକୁ କ୍ଷତି ପହଂଚାଇବା ପାଇଁ ସାମଗ୍ରୀର ମୂଲ୍ୟ ହ୍ରାସ କରିବାକୁ ମଧ୍ୟ ବାରଣ କରିଛି । ଯେପରି ଆଜିକାଲି ମାର୍କେଟରେ ଚାଲିଛି । ଏକଦା ମଦିନାରେ ଜଣେ ବ୍ୟକ୍ତି ଅଙ୍ଗୁର ବିକ୍ରି କରୁଥିଲା ଓ ସେ ବଜାରର ଦାମ ଠାରୁ ଖୁବ୍ କମ୍ ଦାମ୍‌ରେ ବିକ୍ରି କରୁଥିଲା । ହଜ୍‌ରତ୍ ଉମର୍ ର:ଅ ସେଠାରୁ ଅତିକ୍ରମ କଲେ ଏବଂ ତାହାକୁ ପାଟି କଲେ ଯେ, ଏପରି କର ନାହିଁ କାରଣ ଏପରି କରିବା ଦ୍ୱାରା ଅନ୍ୟ ଦୋକାନିମାନଙ୍କର କ୍ଷତି ଘଟିଥାଏ । ଅତଏବ ଇସ୍‌ଲାମ୍ ଜିନିଷପତ୍ରର ଦରଦାମ ବଢ଼ାଇବା ଏବଂ ତାହାକୁ ହ୍ରାସ କରିବାକୁ ବେଶ୍ ଦୃଢ଼ତାର ସହିତ ବାରଣ କରିଛି । ଏତଦ୍‌ଦ୍ୱାରା ନା'ତ ଦୋକାନୀମାନଙ୍କୁ କୌଣସି କ୍ଷତି ପହଂଚୁ ଓ ନା ଗ୍ରାହକମାନଙ୍କୁ କୌଣସି କ୍ଷତି ପହଂଚୁ" । *(ତଫ୍‌ସୀର୍ କବୀର, ଖଣ୍ଡ-୧୦, ପୃ-୩୦୭)*

ଆମିର ବର୍ଣ୍ଣନା କରନ୍ତି, ଜଣେ ବ୍ୟକ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଆସିଲା ଏବଂ କହିଲା ମୁଁ ନିଜ କନ୍ୟାକୁ ଅନ୍ଧକାର ଯୁଗରେ ଜୀବିତ ପୋତି ଦେଇଥିଲି ଏବଂ ତାକୁ ପରେ ତା'ର ମୃତ୍ୟୁ ପୂର୍ବରୁ ବାହାର କରିନେଲି । ଯେତେବେଳେ ଉକ୍ତ ମହିଳା ଜଣକ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲା ସେତେବେଳେ ଭୂଲ୍ କାର୍ଯ୍ୟ ଯୋଗୁଁ ତା ଉପରେ ଅଲ୍ଲାଃ ତାଲାଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ମଧ୍ୟରୁ ଗୋଟିଏ ନିୟମ ପ୍ରଣୟନ କରାଗଲା ଫଳତଃ ସେ ଏକ ଛୁରୀଟିଏ ଧରି ନେଲା ଏବଂ ନିଜକୁ ଆତ୍ମହତ୍ୟା କରିବାକୁ ଉଦ୍ୟମ କଲା । ମୁଁ ତାକୁ ଧରିନେଲି ଅପରପକ୍ଷରେ ସେ ନିଜ ସ୍ନାୟୁକୁ କାଟିନେଲା ପୁନଶ୍ଚ ଏହାପରେ ମୁଁ ତା'ର ଚିକିତ୍ସା କଲି ଏପରି କି ସେ ସ୍ୱାସ୍ଥ୍ୟବାନ ହୋଇଗଲା । ସେଥିଅନ୍ତେ ସେ ନିଜ କରିଥିବା କୁକର୍ମ ଯୋଗୁଁ କ୍ଷମା ଜାଚନା କଲା । ଏହାପରେ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲି ହେ ଅମୀରୁଲ୍ ମୁମିନିନ୍ ! ମୋ ନିକଟକୁ ଝିଅର ଅନେକ ପ୍ରସ୍ତାବମାନ ଆସୁଅଛି ବିବାହ ନିମନ୍ତେ, କଣ ମୁଁ ଝିଅର ପୂର୍ବ ଘଟଣା ସମ୍ପର୍କରେ ସେହି ଲୋକମାନଙ୍କୁ ଯିଏ ପ୍ରସ୍ତାବ ନେଇ ଆସୁଛନ୍ତି ତାଙ୍କୁ ଅବଗତ କରିବି ଯେ ପୂର୍ବ ଜୀବନରେ ସେ ଏଭଳି ଭୁଲ୍ କାମ କରିବସିଥିଲା, ହଜ୍‌ରତ୍ ଉମର୍ ର:ଅ ସେହି ବ୍ୟକ୍ତିକୁ କହିଲେ, ଅଲ୍ଲାଃ ତାଲା ତା'ର ଦୋଷ ଦୁର୍ବଳତା ଉପରେ ପରଦା

ପକାଇ ଦେଇଛନ୍ତି । ଆଉ ତୁ ତାହାକୁ ପ୍ରକାଶ୍ୟ କରିବାକୁ ଚାହୁଁଛୁ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ତୁ ଯଦି ତା ପୂର୍ବ ଜୀବନର ଘଟଣା ସମ୍ପର୍କରେ ବୃତାନ୍ତ କରୁ ତେବେ ମୁଁ ସମଗ୍ର ସହରବାସୀଙ୍କ ସମ୍ମୁଖରେ ତତେ ଦୃଷ୍ଟାନ୍ତ ସ୍ୱରୂପ କରିଦେବି ବରଂ ମୁଁ ତତେ ଏହି ନିର୍ଦ୍ଦେଶ ଦେଉଛି ଯେ ତୁମେ ଏହାର ବିବାହ ଜଣେ ପବିତ୍ର ତଥା ସଦାଚାରିଣୀ ମହିଳାଙ୍କ ପରି କରିଦିଅ ଏବଂ ପୂର୍ବ କଥାଗୁଡ଼ିକୁ ପାଶୋରି ଯାଅ । ***(ତଫସିରୁଲ୍ ତିବ୍‌ରୀ, ଖଣ୍ଡ-୬, ସୁରଃ ଅଲ୍‌ମାଇଦାଃ, ପୃ-୧୨୭..... ୨୦୦୧)***

ତାଉନ୍ ଅମ୍‌ଓ୍ୱାସ୍ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କର ଲୋକମାନଙ୍କ ଜୀବନ ସୁରକ୍ଷା ପ୍ରତି ଆଭାର ଓ ଚିନ୍ତିତ ହେବା ସମ୍ପର୍କରେ ଏଭଳି ବର୍ଣ୍ଣନା ଦରଜ ରହିଛି । ରମ୍‌ଲା ଠାରୁ ବଇତୁଲ୍ ମୁକଦ୍ଦସ୍‌ର ମାର୍ଗରେ ଛଅ ମାଇଲ ବ୍ୟବଧାନରେ ଏକ ଉପତ୍ୟାକା ଅବସ୍ଥିତ ଯାହାର ନାମ ହେଉଛି ଅମ୍‌ଓ୍ୱାସ୍ । ଇତିହାସ ପୁସ୍ତକରେ ଉଲ୍ଲେଖ ରହିଛି ପ୍ଲେଗ ରୋଗର ଆରମ୍ଭ ଏହି ଅମୁଓ୍ୱାଜ୍‌ଠାରୁ ହିଁ ହୋଇଥିଲା ଏବଂ ତାହା ସିରିୟା ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ତେଣୁ ଏହି ଅଂଚଳର ନାମାନୁଯାଇ ଏହି ଅଂଚଳରେ ବ୍ୟାପିଥିବା ପ୍ଲେଗରୋଗକୁ ତାଉନେ ଅମୁଓ୍ୱାଜ୍ ବୋଲି କୁହାଯାଏ । ଏହି ରୋଗ ଯୋଗୁଁ ସିରିୟାର ଅସଂଖ୍ୟ ଲୋକ ପ୍ରାଣ ହରାଇଥିଲେ । କେତେକଙ୍କ ନିକଟରେ ଏହି ରୋଗ ଯୋଗୁଁ ୨୫ ହଜାର ଲୋକେ ନିଜର ପ୍ରାଣ ହରାଇଥିବାର ଉଲ୍ଲେଖ ରହିଛି ।

ହଜ୍‌ରତ୍ ଉମର୍ ର:ଅ ୧୭ ହିଜ୍‌ରୀରେ ସିରିୟା ଅଭିମୁଖେ ବାହାରିଗଲେ ଏବଂ ସର୍ଗ ନାମକ ସ୍ଥାନରେ ପହଂଚି ସେନାଧ୍ୟକ୍ଷମାନଙ୍କ ସହିତ ସାକ୍ଷାତ କଲେ । ସର୍ଗ ମଧ୍ୟ ସିରିୟା ଏବଂ ହିଜାଜ୍‌ର ସୀମାବର୍ତୀ ଅଂଚଳ ଏବଂ ତବୁକ୍ ନାମକ ବସ୍ତିକୁ ବୁଝାଏ । ହଜ୍‌ରତ୍ ଉମର୍ ର:ଅଙ୍କୁ ଏହି କଥାର ସୁଚନା ପ୍ରଦାନ କରାଗଲା ଯେ, ଅମୁଓ୍ୱାଜ୍‌ଠାରେ ପ୍ଲେଗ ରୋଗ ବ୍ୟାପି ଯାଇଛି । ହଜ୍‌ରତ୍ ଉମର୍ ର:ଅ ନିଜ ସାହାବାମାନଙ୍କୁ ପଚାରିଲେ ତାଙ୍କ ସହିତ ପରାମର୍ଶ କଲେ ଯେ, ସେଠାରୁ ସେ ଆଗକୁ ବଢ଼ିବେ ନା ମଦିନା ଫେରି ଆସିବେ ପରାମର୍ଶ ପରେ ଆପଣ ର:ଅ ସେଠାରୁ ଲେଉଟି ଗଲେ । ଏହାର ବିସ୍ତୃତ ବିବରଣୀ ସହି ବୁଖାରୀରେ ବର୍ଣ୍ଣିତ ରହିଛି ଯାହାକି ମୁଁ ପୂର୍ବେ ମଧ୍ୟ ଆଲୋଚନା କରିସାରିଛି ଯେ, ହଜରତ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ସର୍ଗ ନାମକ ସ୍ଥାନରେ ପହଂଚିଲେ ସେତେବେଳେ ସେନାଧ୍ୟକ୍ଷ ହଜରତ ଅବୁ ଉବୈଦା ଓ ତାଙ୍କ ସାଥିମାନଙ୍କ ସହିତ ସାକ୍ଷାତ କଲେ । ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ ଯେ ସିରିୟା ଦେଶରେ ପ୍ଲେଗ ରୋଗର ପାର୍ଦୁର୍ଭାବ ହୋଇଛି । ହଜ୍‌ରତ୍ ଉମର୍ ର:ଅ ପରାମର୍ଶ ନିମନ୍ତେ ପ୍ରାଥମିକ ପ୍ରବାଶକାରୀଙ୍କୁ ଡ଼ାକିଲେ ଅତଏବ ହଜ୍‌ରତ୍ ଉମର୍ ର:ଅ ସେମାନଙ୍କ ସହିତ ପରାମର୍ଶ କଲେ କିନ୍ତୁ ସେଠାରେ ସାହାବାମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଲା । କେତେକ ମୁହାଜିର୍ ଏ ପରାମର୍ଶ ଦେଲେ ଯେ ଏଠାରୁ ପଛକୁ ଫେରିଯିବା ଠିକ୍ ହେବନାହିଁ, ତ ଆଉ କିଛି ମୁହାଜିର୍ ଏ ପରାମର୍ଶ ଦେଲେ ଯେ ଆପଣଙ୍କ ସାଥିରେ ହଜୁର ସ:ଆ:ସଙ୍କର ବୟଜ୍ୟୋଷ୍ଠ ସାହାବାମାନେ ଅଛନ୍ତି ସେମାନଙ୍କୁ ଅଯଥାରେ ରୋଗରେ ପକାଇବା ପ୍ରଯୁଜ୍ୟ ହେବନାହିଁ । ଏହାପରେ ହଜ୍‌ରତ୍ ଉମର୍ ର:ଅ ପ୍ରବାଶକାରୀମାନଙ୍କୁ ଅର୍ଥାତ ମୁହାଜିର୍‌ମାନଙ୍କୁ ପଠାଇ ଦେଲେ ଏବଂ ଅନ୍‌ସାରମାନଙ୍କୁ ଡ଼କାଇଲେ । ସେମାନଙ୍କ ଠାରୁ ମଧ୍ୟ ପରାମର୍ଶ ଲୋଡ଼ିଲେ କିନ୍ତୁ ଅନ୍‌ଶାରମାନଙ୍କର ପରାମର୍ଶ ସହିତ ପ୍ରବାଶକାରୀମାନଙ୍କ ପରାମର୍ଶରେ ମତପାର୍ଥକ୍ୟ ଦେଖାଦେଲା । ହଜ୍‌ରତ୍ ଉମର୍ ର:ଅ ଅନ୍‌ସାର୍‌ମାନଙ୍କୁ ପଠାଇଦେଲେ ଏବଂ କହିଲେ, କୁରୈଶ୍‌ର ବୟଜ୍ୟୋଷ୍ଠ ଲୋକମାନଙ୍କୁ ଡ଼ାକି ଆଣ । ଯେଉଁମାନେ ମକ୍କା ବିଜୟ ସମୟରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପରେ ମଦିନାକୁ ଆସିଥିଲେ । ଅତଏବ ସେମାନଙ୍କୁ ଡ଼କାଗଲା ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ଏକସ୍ୱରରେ ଏହି ପରାମର୍ଶ ଦେଲେ ଯେ, ହେ ଅମିରୁଲ୍ ମୁମିନିନ୍ ଆପଣ ସେହି ଲୋକମାନଙ୍କୁ ସାଥିରେ ଧରି ଫେରି ଯାଆନ୍ତୁ ଓ ସଂକ୍ରମିତ ଅଂଚଳରେ ସେମାନଙ୍କୁ ଧରି ଯାଆନ୍ତୁ ନାହିଁ । ସୁତରାଂ ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କୁ ସେଠାରୁ ଫେରି ଯିବାର ଘୋଷଣା କରିଦେଲେ ଉକ୍ତ ଅବସରରେ ହଜରତ ଅବୁ ଉବୈଦାଃ ର:ଅ ପ୍ରଶ୍ନ କଲେ ହେ ଅମିରୁଲ୍ ମୁମିନିନ୍ ! ଅଲ୍ଲାଃ ତାଲାଙ୍କର ବିଧାନଠାରୁ ପଳାୟନ କରିବା ସମ୍ଭବପର କି ? ହଜ୍‌ରତ୍ ଉମର୍ ର:ଅ ହଜରତ ଅବୁ ଉବୈଦାଃଙ୍କୁ କହିଲେ, ହେ ଅବୁ ଉବୈଦାଃ ! ଏପରି ହୋଇଥାନ୍ତା କି ଉକ୍ତ କଥାଟି ତୁମ ବ୍ୟତିତ ଅନ୍ୟ କେହି କହିଥାନ୍ତେ । ହଁ ଆମେ ଅଲ୍ଲାଃ ତାଲାଙ୍କର ବିଧାନଠାରୁ ପଳାୟନ କରି ଅଲ୍ଲାଃ ତାଲାଙ୍କ ଦ୍ୱାରା ନିୟତିକୃତ ଅନ୍ୟ ଏକ ବିଧାନ ଆଡ଼କୁ ପଳାୟନ କରୁଛୁ ।

ତୁମ ନିକଟରେ ଯଦି ଗୋଟିଏ ଓଟ ଥାଏ ଏବଂ ତୁମେ ତାହାକୁ ଧରି ଏଭଳି ଉପତ୍ୟାକାରେ ଅବତୀର୍ଣ୍ଣ କର ଯାହାର ଉଭୟ ପାର୍ଶ୍ୱ ରହିଥିବ ଗୋଟିଏ ପାର୍ଶ୍ୱରେ ସବୁଜିମା ଥିବ ତ ଅନ୍ୟ ପାର୍ଶ୍ୱଟି ଶୁଷ୍କ ଥିବ । ତୁମେ କ'ଣ କରିବ ? ତୁମେ ନିଜର ଓଟକୁ ଧରି ସବୁଜିମା ଅଂଚଳରେ ଚରାଇବ ନା ସେହି ଶୁଷ୍କ ପାର୍ଶ୍ୱକୁ ଯିବ ? ତେଣୁ ଏହା ଅଲ୍ଲାଃ ତାଲାଙ୍କ ନିର୍ଦ୍ଧାରିତ ବିଧାନ ସେହିପରି ତୁମେ ଯଦି ନିଜର ଓଟକୁ ଧରି ସବୁଜିମାର ବିପରୀତ ଅଂଚଳକୁ ଯାଅ ତେବେ ତାହା ମଧ୍ୟ ଈଶ୍ୱରଙ୍କର ବିଧାନ । ଏତିକି ବେଳେ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଆସି ପହଂଚିଗଲେ ଯିଏ ପୂର୍ବେ କୌଣସି କାର୍ଯ୍ୟବଶତଃ ଉକ୍ତ ପରାମର୍ଶରେ ଉପସ୍ଥିତ ହୋଇପାରିନଥିଲେ । ସେ କହିଲେ ହେ ଅମିରୁଲ୍ ମୁମିନିନ୍ ! ମୋ ନିକଟରେ ଉକ୍ତ ସମସ୍ୟାର ସମାଧାନ ରହିଛି । ମୁଁ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ, ତୁମେ ଯେତେବେଳେ କୌଣସି ସ୍ଥାନ ସମ୍ପର୍କରେ ଏହା ଶୁଣିବାକୁ ପାଅ ଯେ ସେଠାରେ କୌଣସି ମହାମାରୀ ରୋଗ ପରିବ୍ୟାପ୍ତ ରହିଛି ବୋଲି, ତା'ହେଲେ ଏପରି ସ୍ଥଳେ ତୁମେ ସେଠାକୁ କଦାପି ଯାଅନାହିଁ । ସେହିପରି ଯଦି କୌଣସି ସ୍ଥାନରେ ଏଭଳି ଏକ ରୋଗର ପାର୍ଦୁର୍ଭାବ ଘଟେ ଯେଉଁଠି ତୁମେ ବସବାସ କରୁଥାଅ ତେବେ ତୁମେ ସେହି ଅଂଚଳରୁ ଅନ୍ୟ ଅଂଚଳକୁ ପଳାୟନ କରନାହିଁ । ପ୍ରତ୍ୟୁତରରେ ହଜ୍‌ରତ୍ ଉମର୍ ର:ଅ ଅଲ୍ଲାଃ ତାଲାଙ୍କ କୃତଜ୍ଞତା ଜ୍ଞାପନ କଲେ ଏବଂ ସେଠାରୁ ମଦିନା ଫେରି ଆସିଲେ ।
***(ସହି ବୁଖାରୀ............ ହଦିସ୍ ନଂ-୫୭୨୯) (ତବକାତୁଲ୍ କୁବ୍‌ରା.......... ଖଣ୍ଡ-୩, ପୃ-୨୧୪-୨୧୫............ ବେରୁତ ୧୯୯୦) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୪, ପୃ-୧୭୭-୧୭୮, ଖଣ୍ଡ-୩, ପୃ-୨୩୯..... ବେରୁତ)***

ହଜ୍‌ରତ୍ ଉମର୍ ର:ଅ ମଦିନାରୁ ବାହାରିଥିଲେ ଏବଂ ରୋଗ ବ୍ୟାପି ଥିବା ଅଂଚଳରେ ବର୍ତମାନ ପହଂଚି ନଥିଲେ ଯେ, ନିଜ ସାଥିମାନଙ୍କୁ ଧରି ସେଠାରୁ ଫେରି ଆସିଲେ କିନ୍ତୁ ହଜରତ ଅବୁ ଉବୈଦାଃ ର:ଅ ସୈନ୍ୟଦଳର ସେନାଧ୍ୟକ୍ଷ ଥିଲେ ଏବଂ ସେ ପୂର୍ବରୁ ହିଁ ସେହି ରୋଗ ବ୍ୟାପି ଥିବା ଅଂଚଳରେ ଅଧିଷ୍ଠିତ ଥିଲେ ସେଥିପାଇଁ ସେ ଓ ତାଙ୍କର ସୈନ୍ୟଦଳ ବ୍ୟାପିଥିବା ପ୍ଲେଗ ରୋଗ ଅଂଚଳରେ ହିଁ ରହିଗଲେ । ଯିଏ ଯେଉଁଠି ଥିଲା ସେ ସେହିଠାରେ ରହିଲା । ମଦିନାରେ ପହଂଚିବା ପରେ ହଜ୍‌ରତ୍ ଉମର୍ ର:ଅ ସିରିୟାରେ ବସବାସ କରୁଥିବା ମୁସଲମାନମାନଙ୍କ ସଂକ୍ରାନ୍ତରେ ଚିନ୍ତିତ ଥିଲେ ଯେ ସେମାନଙ୍କୁ ପ୍ଲେଗ ମହାମାରୀରୁ କିପରି ସୁରକ୍ଷିତ ରଖାଯାଇପାରିବ ।

ବିଶେଷ କରି ହଜ୍‌ରତ୍ ଉମର୍ ର:ଅ ହଜରତ ଅବୁ ଉବୈଦାଃ ର:ଅଙ୍କ ପ୍ରତି ଅଧିକ ଚିନ୍ତିତ ଥିଲେ । ଦିନେ ହଜ୍‌ରତ୍ ଉମର୍ ର:ଅ ହଜରତ ଅବୁ ଉବୈଦାଃ ର:ଅଙ୍କ ନିକଟକୁ ପତ୍ର ପ୍ରେରଣ କଲେ ଯେ ତୁମ ସହିତ ମୋର ଏକ ଜରୁରୀ କାର୍ଯ୍ୟ ରହିଛି । ତେଣୁ ଯେତେବେଳେ ତୁମ ନିକଟରେ ମୋର ଏହି ପତ୍ର ପହଂଚିବ ସେତେବେଳେ ତୁମେ ତୁରନ୍ତ ମଦିନା ଅଭିମୁଖେ ବାହାରି ଆସିବ । ଯଦି ପତ୍ର ରାତ୍ର ସମୟରେ ପହଂଚେ ତେବେ ସକାଳ ହେବାର ଅପେକ୍ଷା କରିବନାହିଁ ଏବଂ ଯଦି ପତ୍ର ସକାଳେ ପହଂଚେ ତେବେ ତୁମେ ରାତ୍ର ହେବାର ଅପେକ୍ଷା କରିବନାହିଁ । ସୁତରାଂ ତହିଁରୁ ଏହା ସ୍ପଷ୍ଟ ହେଉଛି ଯେ, ହଜ୍‌ରତ୍ ଉମର୍ ର:ଅ କିପରି ହଜରତ ଅବୁ ଉବୈଦାଃ ର:ଅଙ୍କୁ ଭଲ ପାଉଥିଲେ । ହଜରତ ଅବୁ ଉବୈଦାଃ ର:ଅ ଯେତେବେଳେ ସେହି ପତ୍ରଟିକୁ ପଢ଼ିଲେ ସେତେବେଳେ ସେ କହିବାକୁ ଲାଗିଲେ ଯେ, ହେ ଅମିରୁଲ୍ ମୁମିନିନ୍ ! ମୁଁ ଆପଣଙ୍କର ଆବଶ୍ୟକତାକୁ ଅନୁଭବ କରିପାରୁଛି । ଅଲ୍ଲାଃ ତାଲା ଆପଣଙ୍କ ଉପରେ କୃପା ଅବତୀର୍ଣ୍ଣ କରନ୍ତୁ । ଆପଣ ତାହାକୁ ଜୀବିତ ରଖିବାକୁ ଚାହୁଁଛନ୍ତି ଯିଏ ଚିରଞ୍ଜୀବୀ ନୁହେଁ ବରଂ କ୍ଷଣସ୍ଥାୟୀ । ଅଲ୍ଲାଃ ତାଲା ତ ଭଲ ଭାବରେ ଜାଣନ୍ତି ଯେ, ମୋ ସହିତ ସେ କ'ଣ କରିବେ ମୋ ପାଇଁ କ'ଣ ନିୟତ ରଖିଛନ୍ତି । (ହଜରତ ଅବୁ ଉବୈଦାଃ ର:ଅ ଏହା ଭାବିଲେ ଯେ, ପୁନଶ୍ଚ ସେ ଉକ୍ତ ପ୍ରଶ୍ନର ଉତର ଦେଲେ, ହେ ଅମିରୁଲ୍ ମୁମିନିନ୍ ! ମୁଁ ଆପଣଙ୍କର ଅଭିପ୍ରାୟକୁ ବୁଝି ସାରିଛି ତେଣୁ ଆପଣ ମତେ ଡ଼କାନ୍ତୁ ନାହିଁ । ମତେ ଏହିଠାରେ ହିଁ ରହିବାକୁ ଦିଅନ୍ତୁ । କାରଣ ମୁଁ ମୁସଲମାନ ସୈନିକ ମାନଙ୍କର ସେନାଧ୍ୟକ୍ଷ । ଭାଗ୍ୟରେ ଯାହା କିଛି ଲେଖା ରହିଛି ତା ଅବଶ୍ୟ ଘଟିବ) ମୁଁ ଏମାନଙ୍କୁ ଛାଡ଼ି କିଭଳି ଏଠାରୁ ଚାଲିଯିବି । ସୁତରାଂ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ହଜରତ ଅବୁ ଉବୈଦାଃ ର:ଅଙ୍କର ଏହି ପତ୍ର ପଢ଼ିଲେ ସେତେବେଳେ ସେ ଭାବବିହ୍ୱଳ ହୋଇ କାନ୍ଦି ପକାଇଲେ ।

ଉପସ୍ଥିତ ଲୋକମାନେ ପଚାରିଲେ ହେ ଅମୀରୁଲ୍ ମୁମିନିନ୍ ! କ'ଣ ହଜରତ ଅବୁ ଉବୈଦାଃ ର:ଅଙ୍କର ମୃତ୍ୟୁବରଣ ହୋଇଯାଇଛି ? ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ନା କିନ୍ତୁ ସମ୍ଭବତଃ ତାଙ୍କର ବିୟୋଗ ନିକଟବର୍ତୀ । ***(ସେରେ ଆଲାମୁନ୍ ନବଲାଆ, ଖଣ୍ଡ-୧, ପୃ-୧୮-୧୯...... ଦମିଶକ୍ ୨୦୧୪)***

ହଜ୍‌ରତ୍ ଉମର୍ ର:ଅ ପରାମର୍ଶଦାତା ସାହାବାମାନଙ୍କର ପରାମର୍ଶ କ୍ରମେ ହଜରତ ଅବୁ ଉବୈଦାଃ ର:ଅଙ୍କୁ ପତ୍ର ଲେଖିଲେ ଯେ ତୁମେ ଲୋକମାନଙ୍କୁ ତଳିଆ ଅଂଚଳରେ ରଖିଅଛ ତେଣୁ ତୁମେ ପର୍ବତର କୌଣସି ଏକ ଉଚ୍ଚତମ ଭାଗକୁ ଚଢ଼ିଯାଅ ଏବଂ ନିର୍ମଳ ପରିବେଶ ଥିବା ପରିବେଷ୍ଟିନି ମଧ୍ୟକୁ ଚାଲିଯାଅ ଓ ସେଠାରେ ଯାଇ ବସବାସ କର । ଅତଏବ ହଜରତ ଅବୁ ଉବୈଦାଃ ର:ଅଉକ୍ତ ଆଦେଶର ଆଜ୍ଞାପାଳନ କରିବାକୁ ଚିନ୍ତା କରୁଥିଲେ ଯେ, ପ୍ଲେଗରୋଗ ଦ୍ୱାରା ସେ ଆକ୍ରାନ୍ତ ହେଲେ ଏବଂ ତାଙ୍କର ପ୍ରାଣହାନୀ ଘଟିଲା । ହଜରତ ଅବୁ ଉବୈଦାଃ ର:ଅ ନିଜର ଉତରାଧିକାରୀ ରୂପେ ହଜରତ ମୁଆଜ୍ ବିନ୍ ଜବଲ୍ ର:ଅଙ୍କୁ ମନୋନୀତ କରିଥିଲେ କିନ୍ତୁ ତାଙ୍କର ମଧ୍ୟ ପ୍ଲେଗ ରୋଗରେ ମୃତ୍ୟୁ ଘଟିଥିଲା । ପୁନଶ୍ଚ ହଜରତ ମୁଆଜ୍ ବିନ୍ ଜବଲ୍ ର:ଅ ନିଜର ଉତରାଧିକାରୀ ଭାବରେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅଙ୍କୁ ମନୋନୀତ କରିଥିଲେ । ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ଏକ ଭାଷଣ ଦେଲେ ଏବଂ କହିଲେ, ହେ ଲୋକମାନେ ! ଯେତେବେଳେ ଏହି ରୋଗର ପାର୍ଦୁଭାବ ଘଟେ ସେତେବେଳେ ଏହା ଅଗ୍ନୀ ପରି ବ୍ୟାପି ଯାଇଥାଏ । ତେଣୁ ତୁମେମାନେ ପର୍ବତ ଉପରେ ଲୁଚି ଯାଅ ଏବଂ ନିଜକୁ ରକ୍ଷା କର । ହଜରତ ଉମ୍‌ରୋ ବିନ୍ ଆସ ର:ଅ ଲୋକମାନଙ୍କୁ ଧରି ସେଠାରୁ ବାହାରିଗଲେ ଏବଂ ପର୍ବତର ଉଚ୍ଚ ଶୃଙ୍ଗରେ ନିର୍ମଳ ବାତାବରଣରେ ଅବସ୍ଥାନ କଲେ ଏପରି କି ରୋଗର ପ୍ରକୋପ ଧିରେ ଧିରେ ମଉଳିଗଲା ଏବଂ ପ୍ଲେଗ ରୋଗର ସମାପ୍ତି ଘଟିଲା । ହଜ୍‌ରତ୍ ଉମର୍ ର:ଅଙ୍କୁ ଯେତେବେଳେ ହଜରତ ଉମ୍‌ରୋ ବିନ୍ ଆସ୍ ର:ଅ ଉକ୍ତ ପ୍ରସଙ୍ଗରେ ଅବଗତ କରାଇଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଏକଥା ଶୁଣି ବହୁତ ଆନନ୍ଦିତ ହେଲେ ବରଂ ତାଙ୍କର ଏପରି କର୍ମକୁ ହଜରତ ଉମର ର:ଅ ସେହି ଆଦେଶର ପାଳନ ରୂପେ ଅଭିହିତ କଲେ ଯାହା ଆପଣ ର:ଅ ହଜରତ ଅବୁ ଉବୈଦାଃ ର:ଅଙ୍କୁ ପ୍ରଦାନ କରିଥିଲେ । ***(ସୟଦନା ହଜରତ ଉମର ଫାରୁକ୍ ଆଜମ୍...... ପୃ-୪୧୩.... ଲାହୋର୍)***

ହଜରତ ଅବୁ ଉବୈଦାଃ ବିନ୍ ଜର୍‌ରାହ୍ ର:ଅଙ୍କର ବ୍ୟତିତ ହଜରତ ମୁଆଜ୍ ବିନ୍ ଜବଲ୍ ର:ଅ, ହଜରତ ୟଜିଦ୍ ବିନ୍ ଅବୁ ସୁଫିୟାନ୍, ହଜରତ ହାରିସ୍ ବିନ୍ ହୁଶାମ୍, ହଜରତ ସୁହେଲ୍ ବିନ୍ ଉମ୍‌ରୋ ଓ ହଜରତ ଉତ୍‌ବା ବିନ୍ ସୁହେଲ୍ ର:ଅ ଏବଂ ଏମାନଙ୍କ ବ୍ୟତୀତ ଅନ୍ୟାନ୍ୟ ସମ୍ମାନସ୍ପଦ ସାହାବାମାନେ ମଧ୍ୟ ଏହି ମହାମାରୀ ପ୍ଲେଗର ବିଭିଷୀକାରେ ଆକ୍ରାନ୍ତ ହୋଇ ସଭିଏଁ ମୃତ୍ୟୁବରଣ କରିଥିଲେ । ***(ତାରିଖୁଲ୍ ତିବ୍‌ରି, ଖଣ୍ଡ-୨, ପୃ-୪୮୭.... ବେରୁତ ୨୦୧୨)***

ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ତାଉନେ ଅମ୍‌ୱାସ୍ ଅର୍ଥାତ ଅମୁୱାଜ୍‌ରେ ପ୍ଲେଗ ରୋଗ ବ୍ୟାପିଥିବା ସ୍ଥାନରୁ ଫେରିବା ସମ୍ପର୍କରେ ଚର୍ଚ୍ଚା କରି ଏକ ସ୍ଥାନରେ କୁହନ୍ତି: ଯେତେବେଳେ ସିରିୟାରେ ଯୁଦ୍ଧ ହେଲା ଏବଂ ସେଠାରେ ପ୍ଲେଗ ରୋଗର ପାଦୁର୍ଭାବ ଘଟିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସ୍ୱୟମ ସେହି ସ୍ଥାନକୁ ଚାଲିଯାଇଥିଲେ କାରଣ ଲୋକମାନଙ୍କର ପରାମର୍ଶ ମାଧ୍ୟମରେ ସୈନ୍ୟଦଳର ସୁରକ୍ଷାର ଉଚିତ ବ୍ୟବସ୍ଥା ଓ ବିହିତ ପଦକ୍ଷେପ ଗ୍ରହଣ କରିପାରିବେ କିନ୍ତୁ ଯେତେବେଳେ ରୋଗର ଆକ୍ରମଣ ତିବ୍ରତର ହେଲା ସେତେବେଳେ ସାହାବାମାନେ ଏ ପରାମର୍ଶ ଦେଲେ ଯେ ଆପଣଙ୍କ ପକ୍ଷେ ଏହା ଉଚିତ ହେବ ଯେ ଆପଣ ଏଠାରୁ ଚାଲିଯାଆନ୍ତୁ ଅର୍ଥାତ ମଦିନା ଅଭିମୁଖେ ଫେରିଯାଆନ୍ତୁ । ଅତଏବ ଆପଣ ପ୍ରତ୍ୟାବର୍ତନ କରିବାର ଇଚ୍ଛା ପ୍ରକାଶ କଲେ ସେତେବେଳେ ହଜରତ ଅବୁ ଉବୈଦାଃ ର:ଅ କହିଲେ, ହେ ଅମୀରୁଲ୍ ମୁମିନିନ୍ ! **ଆ ଫିରାରମ୍ ମିନ୍ କଦରିଲ୍ଲାହି ?** ଅର୍ଥାତ କ'ଣ ଆପଣ ଅଲ୍ଲାଃ ତାଲାଙ୍କ ଭାଗ୍ୟ ଲେଖାରୁ ପଳାୟନ କରିବାକୁ ଚାହୁଁଛନ୍ତି ? ହଜ୍‌ରତ୍ ଉମର୍ ର:ଅ ଶିଘ୍ର ଉତର ଦେଲେ **ନାଆମ୍ ନଫିର୍‌ରୁ ମିନ୍ କଦରିଲ୍ଲାହି ଇଲା କଦରିଲ୍ଲାହି** ଅର୍ଥାତ ହଁ ମୁଁ ଅଲ୍ଲାଃ ତାଲାଙ୍କ ଭାଗ୍ୟ ଲେଖା ଠାରୁ ଅନ୍ୟ ଏକ ଭାଗ୍ୟ ଲେଖା ଆଡ଼କୁ ପଳାୟନ କରୁଛି । ଅତଏବ ସାଂସାରିକ ବସ୍ତୁ ତଥା ସାଧନଗୁଡ଼ିକୁ ତ୍ୟାଗ କରିବା ଉଚିତ ନୁହେଁ । କିନ୍ତୁ ସାଂସାରିକ ବସ୍ତୁ ଓ ମାଧ୍ୟମକୁ ଧର୍ମ ଅଧିନରେ ରଖିବା ଉଚିତ" । ***(ଅଲ୍ଲାଃ ତାଲା ସେ ସଚ୍ଚା ଅଓର୍ ହକିକି ତାଲୁକ୍ କାଏମ୍ କର୍‌ନେ ମେଁ ହି ହମାରି କାମିୟାବି ହୈ, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୧, ପୃ-୧୦୪)***

ହଜ୍‌ରତ୍ ଉମର୍ ର:ଅଙ୍କ ଦୁଆ ଗ୍ରହଣ ହେବା ପ୍ରସଙ୍ଗରେ କେତେକ ଘଟଣାବଳୀ ରହିଛି । ହଜରତ ଖୱାତ୍ ବିନ୍ ଜୁବୈର୍ ର:ଅ କୁହନ୍ତି: ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ଶାସନ କାଳରେ ଭୀଷଣ ମରୁଡ଼ି ପଡ଼ିଥିଲା । ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କ ସହିତ ବାହାରିଲେ ଏବଂ ସେମାନଙ୍କୁ ଦୁଇ ରେକାତ ନାମଜ ଇସ୍ତେସ୍କା ପଢ଼ାଇଲେ । ପୁନଶ୍ଚ ନିଜର ଚାଦରକୁ କାନ୍ଧ ଦ୍ୱୟ ମଧ୍ୟରେ ପକାଇଲେ ଏବଂ ଚାଦରର ଦକ୍ଷିଣ ପାର୍ଶ୍ୱକୁ ବାମ କାନ୍ଧ ଉପରେ ପକାଇଲେ ଏବଂ ବାମପାର୍ଶ୍ୱର ଚାଦରକୁ ଦକ୍ଷିଣ ପାଶ୍ୱସ୍ଥିତ କାନ୍ଧ ଉପରେ ପକାଇଲେ ଅର୍ଥାତ ଗୁଡ଼ାଇ ଦେଲେ । ପୁନଶ୍ଚ ନିଜର ବାହୁ ଦ୍ୱୟକୁ ଦୁଆ ନିମନ୍ତେ ପ୍ରସାରିତ କଲେ ଏବଂ କହିଲେ, **ଅଲ୍ଲାଃହୁମ୍ମା ଇନ୍ନା ନସ୍‌ତଗ୍‌ଫିରୁକା ୱ ନସ୍‌ତସ୍‌କିକା** ଅର୍ଥାତ ହେ ଅଲ୍ଲାଃ ନିଃସନ୍ଦେହ ରୂପେ ଆମ୍ଭେମାନେ ତୁମଠାରୁ କୃପା ଭିକ୍ଷା କରୁଅଛୁ ଏବଂ ମେଘ ବର୍ଷା କରିବାର ଅଭିଳାଷି ଅଟୁ । ବର୍ତମାନ ଆପଣ ଦୁଆ କରି ନିଜ ସ୍ଥାନରୁ ପଛକୁ ଘୁଂଚି ନଥିଲେ ଯେ ବର୍ଷା ଆରମ୍ଭ ହୋଇଗଲା ।

ବର୍ଣ୍ଣନାକାରୀ କୁହନ୍ତି ଯେ ଆମର ଯେଉଁ ଗାଉଁଲି ଲୋକମାନେ ଥିଲେ ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଆସିଲେ ଏବଂ କହିଲେ, ହେ ଅମୀରୁଲ୍ ମୁମିନିନ୍ ! ଅମୁକ ଦିନ ଅମୁକ ସମୟରେ ଆମେମାନେ ଅମୁକ ଉପତ୍ୟାକାରେ ଥିଲୁ ଯେ ବାଦଲ ଆମମାନଙ୍କ ଉପରେ ଛାଇ କଲା । ଆମେମାନେ ତହିଁରୁ ଏହି ସ୍ୱର ଶୁଣିଲୁ ଯେ, ହେ ଅବୁ ହଫ୍‌ସା ! ବର୍ଷା ଜରିଆରେ ସାହାଯ୍ୟ ତୁମ ନିକଟକୁ ଆସିଅଛି । ହେ ଅବୁ ହଫ୍‌ସା ! ବର୍ଷା ମାଧ୍ୟମରେ ତୁମ ନିକଟକୁ ସାହାଯ୍ୟ ଆସିଅଛି । ***(କନ୍‌ଜୁଲ୍ ଅମାଲ୍, ଖଣ୍ଡ-୪, ଭାଗ-୮, ହଦିସ୍ ନଂ- ୨୩୫୩୩, କିତାବୁସ୍ ସଲାତ୍...... ବେରୁତ ୨୦୦୪)***

ନିଳ ନଦୀ ପ୍ରଭାହିତ ହେବା ପ୍ରସଙ୍ଗରେ ହଜ୍‌ରତ୍ ଉମର୍ ର:ଅଙ୍କର ଏକ ଦୁଆ ଗ୍ରହଣୀୟ ହେବା ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ ଯେତେବେଳେ ନିଳ ନଦୀ ଶୁଷ୍କ ହୋଇଯାଉଥିଲା ସେତେବେଳେ ଇସ୍‌ଲାମ୍ ଧର୍ମ ପୂର୍ବରୁ ପ୍ରଥମେ ସେଠାରେ ଅଧିବାସୀମାନେ ତାହାର ଖରସ୍ରୋତାକୁ ଜାରି ରଖିବାପାଇଁ ଗୋଟିଏ ପ୍ରଥା ପ୍ରଚଳିତ କରି ରଖିଥିଲେ ଏବଂ ଅଲ୍ଲାଃ ତାଲା ଜାଣିଥିବେ ଯେ ବାସ୍ତବପକ୍ଷେ ଏହି ପ୍ରଥାର ପ୍ରଭାବ ତା' ଉପରେ ପଡୁଥିଲା କି ନାହିଁ । କିନ୍ତୁ ଇସ୍‌ଲାମ୍ ଧର୍ମର ଆଗମନ ଘଟିବା ଫଳରେ ଉକ୍ତ ପ୍ରଥାର ଅବସାନ ଘଟିଲା ଏହି ପ୍ରଥା ଶେଷ ହେବା ସମ୍ବନ୍ଧରେ ଏହା ଉଲ୍ଲେଖ ରହିଛି । ତାହା ହେଉଛି ଏପରି କି ହଜରତ କୈସ୍ ବିନ୍ ହିଜାଜ୍ ବର୍ଣ୍ଣନା କରନ୍ତି ଯେତେବେଳେ ମିଶର ବିଜୟ ହେଲା ସେତେବେଳେ ସେଠାକାର ଅଧିବାସୀମାନେ ଅଜ୍‌ମି ମାସର କୌଣସି ଏକ ଦିନ ଉମ୍‌ରୋ ବିନ୍ ଆସ ର:ଅଙ୍କ ନିକଟକୁ ଆସିଲେ ଏବଂ କହିଲେ, ହେ ଅମୀର୍ ! ଆମ ନୀଳ ନଦୀ ପାଇଁ ଗୋଟିଏ ପ୍ରଥା ରହିଛି । ଯାହା ବିନା ଏହି ନଦୀ ପ୍ରବାହିତ ହୋଇଥାଏ । ହଜରତ ଅମ୍‌ରୋ ବିନ୍ ଆସ ର:ଅ ପଚାରିଲେ ଯେ ତାହା କି ପ୍ରକାରର ପ୍ରଥା ? ସେମାନେ କହିଲେ ଯେତେବେଳେ ସେହି ମାସର ଏଗାର ରାତି ବିତିଯାଏ ସେତେବେଳେ ଆମେମାନେ ଏକ କୁଆଁରୀ କନ୍ୟା ନିକଟକୁ ଅର୍ଥାତ କୁଆଁରି କନ୍ୟାର ପିତାମାତାଙ୍କ ନିକଟକୁ ଯାଇ ତା' ମାତାପିତାଙ୍କୁ ରାଜି କରାଉଥିଲୁଁ ଏବଂ ସେହି କୁଆଁରୀ କନ୍ୟାକୁ ଉତ୍କୃଷ୍ଟ ଧରଣର ବସ୍ତ୍ର, ଅଳଙ୍କାର ପରିଧାନ କରାଇ ତାହାକୁ ନୀଳ ନଦୀରେ ନିକ୍ଷେପ କରି ଦେଉଥିଲୁ । (ତାଙ୍କର ବିଶ୍ୱାସ ଥିଲା ଯେ ଏଭଳି କରିବା ଦ୍ୱାରା ନୀଳ ନଦୀ ଚିରସ୍ରୋତା ରହିବ) ଅର୍ଥାତ ଆରମ୍ଭରେ ସେହି କୁଆଁରୀ କନ୍ୟାକୁ ନଦୀରେ ପକାଇ ଦେଉଥିଲେ । ହଜ୍‌ରତ୍ ଉମର୍ ର:ଅ ସେମାନଙ୍କୁ କହିଲେ, ଇସ୍‌ଲାମ୍ ଧର୍ମରେ ତୁମମାନଙ୍କର ଏହି ପରମ୍ପରା ଆଉ ଚଳିବ ନାହିଁ । ନିଃସନ୍ଦେହ ଇସ୍‌ଲାମ୍ ଧର୍ମ ଅନ୍ୟ ସମସ୍ତ ଧର୍ମଗୁଡ଼ିକରେ ଥିବା ସମସ୍ତ ପୂର୍ବ ପ୍ରଚଳିତ ପ୍ରଥାକୁ ସମାପ୍ତ କରିଥାଏ ।

ଅତଏବ ସେମାନେ ସେହିଠାରୁ ହିଁ ଅଟକି ଗଲେ, ନୀଳ ନଦୀ ଶୁଖି ଗଲା ଏବଂ ସେତେବେଳେ ତାହା ସମ୍ପୁର୍ଣ୍ଣ ରୂପେ ପ୍ରବାହିତ ହେଉନଥିଲା ଯଦ୍ୱାରା ତାହା ଦେଖି ସେଠାରୁ ଲୋକମାନେ ଅର୍ଥାତ ନଦୀ ତଟରେ ବସବାସ କରୁଥିବା ଲୋକମାନେ ସେହି ସ୍ଥାନକୁ ଛାଡ଼ି ଚାଲିଯିବାକୁ ମନସ୍ଥ କଲେ । ଅତଏବ ହଜରତ ଉମ୍‌ରୋ ବିନ୍ ଆସ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଏ ସମସ୍ତ ସଂକ୍ରାନ୍ତରେ ପତ୍ର ଲେଖି ପଠାଇଲେ । ହଜରତ ଉମ୍‌ରୋ ବିନ୍ ଆ:ସଙ୍କ ନିକଟକୁ ହଜ୍‌ରତ୍ ଉମର୍ ର:ଅ ଉତର ଲେଖିଲେ ଯେ ତୁମେ ଯାହା କିଛି କହୁଛ ତାହା ସମ୍ପୁର୍ଣ୍ଣ ସଠିକ୍ ନିଃସନ୍ଦେହ ରୂପେ ଇସ୍‌ଲାମ୍ ଧର୍ମ ସେହି ସମସ୍ତ ପୂର୍ବ ପ୍ରଚଳିତ ପରମ୍ପରା ଏବଂ ପ୍ରଥାକୁ ସମାପ୍ତ କରିଥାଏ । ଉକ୍ତ ପତ୍ରରେ ହଜ୍‌ରତ୍ ଉମର୍

ର:ଅ ଏକ କ୍ଷୁଦ୍ର ଚିଠା ମଧ୍ୟ ପ୍ରେରଣ କରିଥିଲେ ଏବଂ ଉମ୍‌ରୋଙ୍କୁ ଲେଖିଥିଲେ ଯେ, ଏହି ଚିଠାଟିକୁ ନୀଳ ନଦୀରେ ଫିଙ୍ଗି ଦେବ ଯେତେବେଳେ ହଜରତ ଅମ୍‌ରୋ ବିନ୍ ଆସ ସେହି ଚିଠି ଭିତରେ ଥିବା ଚିଠାକୁ ଦେଖିଲେ, ସେଥିରେ ଏହା ଉଲ୍ଲେଖ ରହିଥିଲା ଯେ, ଈଶ୍ୱରଙ୍କ ଭକ୍ତ ଉମ୍‌ରୋ ବିନ୍ ଖତାବ୍ ଅମୀରୁଲ୍ ମୁମିନିନଙ୍କ ପକ୍ଷରୁ ମିଶର ଦରିଆ ଆଡ଼କୁ ପତ୍ର । ଏତଦ୍ ପରେ ତୁ ଯଦି ସ୍ୱୟମ ପ୍ରଭାହିତ ହେଉଛୁ (ଅର୍ଥାତ ନୀଳ ନଦୀକୁ ସମ୍ବୋଧିତ କରି ଆପଣ ର:ଅ କହୁଛନ୍ତି ଯଦି ତୁ ସ୍ୱୟମ ପ୍ରଭାହିତ ହେଉଛୁ) ତେବେ ପ୍ରଭାହିତ ହେବା ବନ୍ଦ ହୋଇ ଯା । କିନ୍ତୁ ଯଦି ତତେ ପରମେଶ୍ୱର ପରାକ୍ରମୀ ଅଲ୍ଲାଃ ପ୍ରଭାହିତ କରୁଛନ୍ତି ଯିଏ କି ସର୍ବଶକ୍ତିମାନ ଓ ସମସ୍ତ ଶକ୍ତିର ଉତ୍ସ ତେବେ ମୁଁ ପ୍ରାର୍ଥନା କରୁଛି ସେ ତୋତେ ପ୍ରଭାହିତ କରନ୍ତୁ ଏବଂ ତୋର ସ୍ରୋତ ଜାରି ରଖନ୍ତୁ ଓ (ତୁ ଚିରସ୍ରୋତା ହୁଅ) । ହଜରତ ଉମରୋ ର:ଅ ଉକ୍ତ ପତ୍ରଟିକୁ କୃଶ ଉତ୍ସବର ଏକ ଦିନ ପୂର୍ବରୁ ନୀଳ ନଦୀର ଗର୍ଭରେ ଫିଙ୍ଗି ଦେଲେ । ଯେତେବେଳେ ସକାଳ ହେଲା ସେତେବେଳେ ଅଲ୍ଲାଃ ତାଲା ଗୋଟିଏ ରାତିରେ ହିଁ ୧୬ ହାତ ଅଧିକ ଜଳ ନୀଳ ନଦୀରେ ଜାରି କରିଦେଇଥିଲେ ଏହିପରି ଅଲ୍ଲାଃ ତାଲା ମିଶର ବାସୀଙ୍କର ସେହି ପରମ୍ପରା ଓ ପ୍ରଥାକୁ ଶେଷ କରିଦେଲେ । ***(ତାରିଖୁଲ୍ ଖଫାଆ.... ପୃ-୧୦୦..... ଲେବ୍‌ନାନ୍-୧୯୯୯)***

ଅଧିକାଂଶ ଇତିହାସ ପୁସ୍ତକଗୁଡ଼ିକରେ ଉକ୍ତ ଘଟଣାର ପୃଷ୍ଟି ଉଲ୍ଲେଖ ରହିଛି କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀର ଲେଖକ ମୁହମ୍ମଦ ହୁସୈନ୍ ହୈକଲ୍ ଏହାକୁ ଖଣ୍ଡନ କରିଛନ୍ତି ଯେ, ଏଭଳି କୌଣସି ପ୍ରଥା ଓ ପରମ୍ପରା ନଥିଲା । ***(ସୟଦନା ହଜରତ ଉମର୍ ଫାରୁକ୍ ଆଜମ୍, ଲେଖକ- ମୁହମ୍ମଦ ହୁସୈନ୍ ହୈକଲ୍, ମୁତରଜିମ୍ ପୃ-୬୭୩, ଇସ୍‌ଲାମୀ କୁତୁବ୍ ଖାନା ଲାହୋର୍)*** । ସେ ଯାହା ହେଉ ନା କାହିଁକି ଏହା ଏକ ଘଟଣା ଥିଲା ।

ପୁନଶ୍ଚ ହଜରତ ସାରିୟା ର:ଅଙ୍କର ଗୋଟିଏ ଯୁଦ୍ଧରେ ହଜ୍‌ରତ୍ ଉମର୍ ର:ଅଙ୍କ ସ୍ୱର ଶୁଣିବାର ଘଟଣା ସମ୍ପର୍କରେ ପୂର୍ବେ ମଧ୍ୟ ଆଲୋଚନା ହୋଇସାରିଛି । ଏଠାରେ ଦୁଆ ସ୍ୱୀକାର ହେବା ପ୍ରସଙ୍ଗରେ ଅଲ୍ଲାଃଙ୍କୁ ଏକ ବିଶେଷ ବ୍ୟବହାର ଥିଲା । ଉକ୍ତ ଘଟଣାକୁ ପୁର୍ନବାର ଆଲୋଚନା କରିଦେଉଛି । ତବ୍‌ରୀର ଇତିହାସରେ ବର୍ଣ୍ଣିତ ରହିଛି ଯେ ହଜ୍‌ରତ୍ ଉମର୍ ର:ଅ ହଜରତ ସାରିୟା ବିନ୍ ଜୁନୈମ୍ ର:ଅଙ୍କୁ ଫସା ଏବଂ ଦାରା ବଜ୍‌ରଦ୍ ଅଂଚଳ ଅଭିମୁଖେ ପ୍ରେରଣ କରିଥିଲେ । ସେ ସେଠାରେ ପହଂଚି ଲୋକମାନଙ୍କର ଅର୍ଥାତ ଶତ୍ରୁର ଘେରାଉ କରିଥିଲେ । ଫଳତଃ ସେହି ଘେରାଉ ସମୟରେ ଯେତେବେଳେ ଶତ୍ରୁର ସଂଖ୍ୟାଧିକ ହୋଇଗଲା ସେତେବେଳେ ମୁସଲମାନମାନେ ଶତ୍ରୁ କବଳରେ ଫସି ଯାଇଥିଲେ, ବିପତି ତାଙ୍କୁ ଘେରି ନେଇଥିଲା । ହଜ୍‌ରତ୍ ଉମର୍ ର:ଅ ସେଦିନ ଅର୍ଥାତ ଜୁମା ଦିନ ମୁସଲମାନମାନଙ୍କୁ ସମ୍ବୋଧିତ କରି ଖୁତ୍‌ବା ଦେଉଥିଲେ ଯେ, ହଠାତ୍ କହି ଉଠିଲେ, **"ୟା ସାରିୟତୁ ବିନ୍ ଜୁନୈମ୍ ଅଲ୍‌ଜବଲ୍ ଅଲ୍‌ଜବଲ୍"** ଅର୍ଥାତ ହେ ସାରିୟା ବିନ୍ ଜୁନୈମ୍ ! ପର୍ବତ ଓ ପର୍ବତ । ମୁସଲମାନମାନଙ୍କର ସେହି ଦଳଟି ଯେଉଁଠି ଅବସ୍ଥାନ କରିଥିଲେ ତାହାର ନିକଟରେ ଏକ ପର୍ବତ ଦଣ୍ଡାୟମାନ ରହିଥିଲା ଯଦି ସେମାନେ ସେହି ପର୍ବତର ଶରଣ ନେଇଥାନ୍ତେ ତା'ହେଲେ ଶତ୍ରୁମାନେ ଗୋଟିଏ ପଟୁ ଆକ୍ରମଣ କରିଥାନ୍ତେ । ଅତଏବ ଏହି ଶବ୍ଦ ଯାହାକି ହଜ୍‌ରତ୍ ଉମର୍ ର:ଅ ମଦିନାରେ କହିଥିଲେ ତାହା ସାରିୟାଙ୍କୁ ସେଠାରେ ଶୁଣାଯାଇଥିଲା ଏବଂ ସେ ପର୍ବତର ଶରଣ ନେଇଥିଲେ ଏବଂ ଶତ୍ରୁ କବଳରୁ ଏପରି ରକ୍ଷା ପାଇଯାଇଥିଲେ ବରଂ ଶତ୍ରୁକୁ ନୀପାତ କରିବାରେ ଏହା ଫଳପ୍ରଦ ସାବ୍ୟସ୍ତ ହୋଇଥିଲା । ଏଭଳି ମୁସଲମାନମାନଙ୍କର ଏକ ବିରାଟ କ୍ଷତି ଘଟିବା ପୂର୍ବରୁ ଅଲ୍ଲାଃ ତାଲା ସେମାନଙ୍କୁ ରକ୍ଷା କରିନେଇଥିଲେ । ହଜରତ ମସିହ ମଉଦ ଆ:ସ ମଧ୍ୟ ଉକ୍ତ ଘଟଣାକୁ ବର୍ଣ୍ଣନା କରିଛନ୍ତି । ଆପଣ ଆ:ସ କୁହନ୍ତି ସାହାବାମାନଙ୍କ ଦ୍ୱାରା ଏଭଳି ଐଶି ଚମତ୍କାର ବହୁ ମାତ୍ରାରେ ପ୍ରମାଣିତ ହୋଇଛି । ***(ବରାହିନେ ଅହ୍‌ମଦୀୟା ଚତୁର୍ଥ ଭାଗ, ରୁହାନୀ ଖଜାଇନ୍, ଖଣ୍ଡ-୧, ପୃ-୬୫୪, ହାଶିୟା ଦର୍ ହାଶିୟା ନଂ-୪)***

ହଜରତ ମସିହ ମଉଦ ଆ:ସଙ୍କ ଯେଉଁ ସମ୍ପୁର୍ଣ୍ଣ ଆଲେଖ୍ୟ ରହିଛି । ତାହାକୁ ମୁଁ ବିଗତ ଖୁତ୍‌ବାରେ ପଢ଼ିସାରିଛି । ତେବେ ଏହି ସବୁ ଘଟଣା ଯେପରି କି ନୀଳ ନଦୀର ପ୍ରଭାହିତ ହେବା, ସ୍ରୋତ ଜାରି ହେବା ଏ ସବୁକୁ ଯଦି ଅବଲୋକନ କରାଯାଏ ତେବେ ଏହା ଦୂର ନୁହେଁ ଯେ ତାହା ପ୍ରକୃତ ଘଟଣା ହୋଇଥିବ । ଯାହାକୁ ଐତିହାସିକବିତ୍‌ମାନେ ବର୍ଣ୍ଣନା କରିଛନ୍ତି ଏବଂ କେତେକ ଐତିହାସିକମାନେ ଏହାକୁ ସଠିକ୍ ବୋଲି ମନେ କରିନାହାନ୍ତି ।

ହଜ୍‌ରତ୍ ଉମର୍ ର:ଅଙ୍କ ଟୋପିର କଲ୍ୟାଣ ଏବଂ କୈସ୍‌ରେ ରୋମ୍ ଅର୍ଥାତ ରୋମ୍ ସମ୍ରାଟଙ୍କ ସମ୍ପର୍କରେ ଗୋଟିଏ ଘଟଣା ମଧ୍ୟ ଏଭଳି ଦରଜ ରହିଛି ଏହି ଘଟଣା ସମ୍ବନ୍ଧରେ ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ଏକଦା କୈସରର ମୁଣ୍ଡ ବ୍ୟଥା ଆରମ୍ଭ ହେଲା । ତା ମୁଣ୍ଡରେ ଭୀଷଣ ଯନ୍ତ୍ରଣା ଅନୁଭବ ହେଲା । ସତ୍‌ଚେଷ୍ଟା କରିବା ସତ୍ତ୍ୱେ ତାକୁ ଉପସମ ମିଳିଲା ନାହିଁ । ଜନୈକ ବ୍ୟକ୍ତି କହିଲା ହେ ମହାରାଜ ! ଆପଣ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ନିଜର ଅବସ୍ଥା ସମ୍ପର୍କରେ ଲେଖି ପ୍ରେରଣ କରନ୍ତୁ ଓ ଯଦି ହୋଇପାରେ ତାଙ୍କ ନିକଟରୁ କୌଣସି କଲ୍ୟାଣ ସ୍ୱରୁପ ବସ୍ତୁ ବରାଦ କରନ୍ତୁ, ଯେଉଁଥିରୁ କି ଆପଣଙ୍କୁ ଉପସମ ମିଳିବ ଓ ଆପଣ ଏହି ପୀଡ଼ାରୁ ରକ୍ଷା ପାଇଯିବେ ଏବଂ ଆପଣ ନିଜ ପାଇଁ ଦୁଆ ନିମନ୍ତେ ମଧ୍ୟ ତାଙ୍କୁ ନିବେଦନ କରନ୍ତୁ ତାଙ୍କ ଦୁଆ ନିଶ୍ଚିତ ରୂପେ ଆପଣଙ୍କୁ ଆରୋଗ୍ୟ ଲାଭ କରାଇବ । ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ସେ ନିଜର ରାଜଦୂତଙ୍କୁ ପ୍ରେରଣ କଲେ, ହଜ୍‌ରତ୍ ଉମର୍ ର:ଅ ଭାବିଲେ ଯେ, ଏମାନେ ହେଉଛନ୍ତି ଗର୍ବ ଓ ଅହଙ୍କାରୀ ଲୋକେ । ସେ ମୋ ନିକଟକୁ କାହିଁକି ବା ଆସିବି । ବର୍ତମାନ ରାଜା ଦୁଃଖରେ ପ୍ରପୀଡ଼ିତ ତେଣୁ ସେଥିପାଇଁ ନିଜର ସନ୍ଦେଶ ବାହକ ରୂପେ ରାଜଦୂତଙ୍କୁ ପ୍ରେରଣ କରିଛନ୍ତି । ଯଦି ମୁଁ ତା ନିକଟକୁ କୌଣସି ତବରୁକ୍ ଅର୍ଥାତ କଲ୍ୟାଣ ପ୍ରେରଣ କରେ ତେବେ ସମ୍ଭବତଃ ସେ ତାକୁ ତୁଚ୍ଛ କରିବ ଏବଂ ତାହାର ଅନାଦାର କରିବ ଓ ତାକୁ ତୁଚ୍ଛ ଭାବି ବ୍ୟବହାର କରିବନାହିଁ । ତେଣୁ ମୁଁ ତାହା ନିକଟକୁ ଏଭଳି ଏକ ବସ୍ତୁ ପ୍ରେରଣ କରିବି ଯାହା କଲ୍ୟାଣ ରୂପେ କାମ ମଧ୍ୟ ଦେବ ଏବଂ ତାହାର ଅହଙ୍କାର ମଧ୍ୟ ଭାଙ୍ଗିଯିବ । ଅତଏବ ସେ ନିଜର ଅର୍ଥାତ ହଜ୍‌ରତ୍ ଉମର୍ ର:ଅ ନିଜର ଏକ ପୁରୁଣା ଟୋପି ଯାହା ଉପରେ ସ୍ଥାନେ ସ୍ଥାନେ ମଳି ଜମି ରହିଥିଲା, ଯାହାକି ସମ୍ପୁର୍ଣ୍ଣ ରୂପେ ଧୂଳିଧୁସର ହୋଇ କଳା ପଡ଼ିଯାଇଥିଲା, କଲ୍ୟାଣ ସ୍ୱରୁପ ଆପଣ ଉକ୍ତ କୈସର ସମ୍ରାଟ ନିକଟକୁ ପ୍ରେରଣ କଲେ । ଯେତେବେଳେ କୈସର ଉକ୍ତ ଟୋପିକୁ ଦେଖିଲା ସେତେବେଳେ ତାକୁ ବହୁତ ଖରାପ ଲାଗିଲା ଓ ସେ ଟୋପିକୁ ପିନ୍ଧିଲା ନାହିଁ । କିନ୍ତୁ ଅଲ୍ଲାଃ ତାଲା ସେହି ରାଜା ପାଇଁ ସେହିଥିରେ ହିଁ କଲ୍ୟାଣ ଭରି ଦେଇଥିଲେ । ସୁତରାଂ ଯେତେବେଳେ ତା ମୁଣ୍ଡ ବ୍ୟଥା ଭୀଷଣ ହେଲା ଏବଂ ସେ ଅସମ୍ଭାଳ ହୋଇପଡ଼ିଲା ସେତେବେଳେ ସେ ନିଜର ଚାକରକୁ କହିଲା ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ସେହି ଟୋପି ମୋ ନିକଟକୁ ଘେନି ଆଣ । ଅତଏବ ସେ ସେହି ଟୋପିକୁ ନିଜ ମୁଣ୍ଡରେ ରଖିବା ମାତ୍ରେ ହଠାତ୍ ତାହାର ମୁଣ୍ଡ ବ୍ୟଥା ଦୂରିଭୁତ ହୋଇଗଲା । ଯେହେତୁ ପ୍ରତି ଆଠ ଦଶ ଦିନରେ ତା ମୁଣ୍ଡରେ ଯନ୍ତ୍ରଣା ଅନୁଭୂତ ହେଉଥିଲା ତେଣୁ ତା'ର ଏହି କାର୍ଯ୍ୟଟି ନିତିଦିନିଆ ହୋଇଗଲା ଅର୍ଥାତ ସେ ଉକ୍ତ ଟୋପିକୁ ନିଜ ମୁଣ୍ଡରେ ହିଁ ରଖିଲା । ଏପରି କି ରାଜଦରବାରରେ ବସିଥିବା ସମୟରେ ମଧ୍ୟ ସେ ଉକ୍ତ ମଇଳା ଟୋପିଟିକୁ ନିଜ ମୁଣ୍ଡରେ ରଖୁଥିଲା । ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କୁହନ୍ତି: ଅଲ୍ଲାଃ ତାଲା କୈସର୍ ରୋମ୍‌କୁ ଯେଉଁ ନିଦର୍ଶନ ଅବଲୋକନ କରାଇଥିଲେ ସେଥିରେ ଆଉ ଗୋଟିଏ କଥା ମଧ୍ୟ ଲୁକ୍କାୟିତ ଥିଲା । (ତାହା ହେଉଛି ଏହା କି) ରସୁଲେ୍ କରିମ୍ ସ:ଆ:ସଙ୍କ ଜଣେ ସାହାବି କୈସର୍ ରାଜା ନିକଟରେ ବନ୍ଦି ରୂପେ ରହିଥିଲା ଏବଂ ରାଜା ଆଦେଶ ଦେଲା ଯେ ଉକ୍ତ ସାହାବିକୁ ଘୁଷୁରୀ ମାଂସ ସେବନ କରାଇ ଦିଆଯାଉ । ରାଜାର ଏପରି କହିବାର ତାତ୍ପର୍ଯ୍ୟ ଏହା ଥିଲା କି ମୁସଲମାନମାନେ ଭୋକକୁ ସାହ୍ୟ କରିନେଉଥିଲେ କିନ୍ତୁ ସେମାନେ କେବେ ବି ଘୁଷୁରୀ ମାଂସ ସେବନ କରୁନଥିଲେ କାରଣ ତାହା ସେମାନଙ୍କ ପାଇଁ ଅବୈଧ ଥିଲା । ଯଦିଓ ଇସ୍‌ଲାମ୍‌ରେ ଏହା ମଧ୍ୟ ରହିଛି ଯେ, ବିବଶ ସମୟରେ ଓ ଜୀବନ ବଂଚାଇବା ପାଇଁ ଘୁଷୁରୀ ମାସଂ ଖାଇବାରେ କୌଣସି ଅସୁବିଧା ନାହିଁ (ତାହା ବୈଧ ଅଟେ ଅର୍ଥାତ ଜୀବନ ବଂଚାଇବା ପାଇଁ ଖାଇପାରିବ) । ଏପରି ଥିବା ସତ୍ତ୍ୱେ ମଧ୍ୟ ସେହି ସାହାବି ଜଣକ ଏହା କହୁଥିଲେ କି ଯେହେତୁ ମୁଁ ଜଣେ ସାହାବି ତେଣୁ ମୁଁ ଏଭଳି କରିବି ନାହିଁ ଅର୍ଥାତ ଘୁଷୁରୀ ମାସଂ ଖାଇବି ନାହିଁ । ଅତଏବ ଅନେକ ଦିନ ଭୋକିଲା ରହିବା ଫଳରେ ଯେତେବେଳେ ସେ ମରିବାକୁ ଲାଗୁଥିଲେ ଅର୍ଥାତ ତାଙ୍କର ଶେଷ ସମୟ ଆସିଯାଉଥିଲା ସେତେବେଳେ କୈସର ତାଙ୍କୁ ରୋଟି ପ୍ରଦାନ କରୁଥିଲା, ପୁନଶ୍ଚ ଯେତେବେଳେ ଶରୀରରେ କିଛି ଶକ୍ତି ସଂଚାର ହେଉଥିଲା କୈସର ପୁନଶ୍ଚ ତାଙ୍କୁ ଘୁଷୁରୀ ମାଂସ ସେବନ କରିବାକୁ ଦେଉଥିଲା । ଏହିପରି ଭାବରେ ରାଜା କୈସର ଉକ୍ତ ସାହାବିକୁ ନାନା ନିର୍ଯ୍ୟାତନା ଦେଉଥିଲା । ପୁଣି ଯେତେବେଳେ କୈସରର ମୁଣ୍ଡ ବ୍ୟଥା ହେଲା

ସେତେବେଳେ କେହି ଜଣେ ରାଜ କର୍ମଚାରୀ ରାଜାଙ୍କୁ ଏହି ପରାମର୍ଶ ଦେଇଥିଲା ଯେ, ଆପଣ ଏହି ମୁସଲମାନ ସାହାବିଙ୍କୁ ଏଭଳି ନିର୍ଯ୍ୟାତନା ଦେବା ଫଳରେ, ତାଙ୍କୁ ବନ୍ଦି କରିବା ଫଳରେ ଆପଣଙ୍କୁ ଏହି ରୋଗ ହୋଇଅଛି । ତେଣୁ ହଜ୍ରତ୍ ଉମର୍ ର:ଅଙ୍କ ନିକଟକୁ ଦୁଆ ପାଇଁ ନିବେଦନ କରନ୍ତୁ ଏବଂ ତାଙ୍କଠାରୁ କୌଣସି ଏକ ତବର୍ରୁକ୍ (ଅର୍ଥାତ ବିଭୂତି ସ୍ୱରୁପ) କଲ୍ୟାଣ ବରାଦ୍ କରନ୍ତୁ । ସୁତରାଂ ହଜ୍ରତ୍ ଉମର୍ ର:ଅ ଯେତେବେଳେ ରାଜାଙ୍କୁ ନିଜର ଟୋପି ପ୍ରେରଣ କଲେ , ତାହାର ମୁଣ୍ଡ ବ୍ୟଥା ଉପଷମ ହୋଇଗଲା । ସେତେବେଳେ ସେଥିରେ ସେ ଏଭଳି ପ୍ରଭାବିତ ହେଲା ଯେ, ଉକ୍ତ ସାହାବିଙ୍କୁ ଯାହାକୁ ସେ ବନ୍ଦୀ କରି ରଖିଥିଲା ତାଙ୍କୁ ମୁକ୍ତ କରିଦେଲା । ବର୍ତମାନ ଦେଖ କେଉଁଠି ସମ୍ରାଟ କୈସର ଯିଏ ଜଣେ ସାହାବିଙ୍କୁ କଷ୍ଟ ଦେଉଥିଲା ଓ ଅଲ୍ଲାଃ ତାଲା ତାକୁ ତା ସ୍ୱରୁପ ତାହା ମୁଣ୍ଡରେ ଏଭଳି ପୀଡ଼ା ଓ ଯନ୍ତ୍ରଣା ସୃଷ୍ଟି କରିଦେଲେ କଣ ଏହା ପରମେଶ୍ୱରଙ୍କ ନିଦର୍ଶନ ନୁହେଁ ? ପୁଣି ରାଜାଙ୍କୁ କେହି ଜଣେ ଏଭଳି ପରାମର୍ଶ ଦେବା ଯେ ହେ ମଣିମା ! ଆପଣ ହଜ୍ରତ୍ ଉମର୍ ର:ଅଙ୍କଠାରୁ କଲ୍ୟାଣ ବରାଦ୍ କରନ୍ତୁ । ତାଙ୍କ ନିକଟକୁ ଦୁଆ କରିବାପାଇଁ ନିବେଦନ କରନ୍ତୁ । ସୁତରାଂ ହଜ୍ରତ୍ ଉମର୍ ର:ଅ କଲ୍ୟାଣ ପ୍ରେରଣ କଲେ ଓ କୈସରର ମୁଣ୍ଡ ବ୍ୟଥା ଦୂର ହେଲା । ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲା ସେହି ସାହାବିଙ୍କୁ ଏହିପରି ଭାବରେ ମୁକ୍ତ କରିବାର ସାଧନ ସୃଷ୍ଟି କରିଦେଇଥିଲେ । ଯଦ୍ୱାରା ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସତ୍ୟତା ପ୍ରତିପାଦନ ହେଉଥିଲା ଯେ, ସେ ମହାନ୍ ନବୀ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଜଣେ ସତ୍ୟ ଓ ସଚ୍ଚୋଟ ନବୀ । ***(ସେରେ ରୁହାନୀ (୪), ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୯, ପୃ-୫୩୬-୫୩୭)***

ତଫ୍ସୀରେ ରାଜିରେ ଉଲ୍ଲେଖ ରହିଛି ରାଜା କୈସର ହଜ୍ରତ୍ ଉମର୍ ର:ଅଙ୍କୁ ପତ୍ର ଲେଖିଲା ଯେ, ଆଜ୍ଞା ମୋର ମୁଣ୍ଡ ବ୍ୟଥା ଭଲ ହେଉନାହିଁ । ଆପଣ ମୋ ପାଇଁ କୌଣସି ଔଷଧ ପ୍ରେରଣ କରିଦିଅନ୍ତୁ । ଏଥିରେ ହଜ୍ରତ୍ ଉମର୍ ର:ଅ ତା ପାଇଁ ଗୋଟିଏ ପୁରୁଣା ଟୋପି ପ୍ରେରଣ କରିଥିଲେ, ଯେତେବେଳେ ସେ ଉକ୍ତ ଟୋପିକୁ ମୁଣ୍ଡ ଉପରେ ରଖୁଥିଲା ସେତେବେଳେ ତା ଯନ୍ତ୍ରଣା ଦୂରିଭୁତ ହୋଇଯାଉଥିଲା ଏବଂ ଯେତେବେଳେ ଟୋପିକୁ ନିଜ ମୁଣ୍ଡରୁ ଓହ୍ଲାଇ ଦେଉଥିଲା ସେତେବେଳେ ପୂର୍ନବାର ତା'ର ମୁଣ୍ଡ ବ୍ୟଥା ଆରମ୍ଭ ହୋଇଯାଉଥିଲା । ଅତଏବ ସେ ଏହି ଘଟଣା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହେଲା ଏବଂ ଆଶ୍ଚର୍ଯ୍ୟ ଚକିତ ହେଲା ଯେ ଟୋପିରେ କିଛି ନା କିଛି ରହିଛି ତେଣୁ ସେ ତାହା ଖୋଜିବାକୁ ଲାଗିଲା ଓ ସେ ସେହି ଟୋପି ମଧ୍ୟରେ ଗୋଟିଏ କାଗଜ ପାଇଲା, ଯେଉଁଥିରେ ଲେଖା ଥିଲା **ବିସ୍ମିଲ୍ଲାହିର୍ ରହ୍ମା ନିର୍ରହିମ୍ ।** ଏହି ଚର୍ଚ୍ଚାଟି ରାଜିରେ ଉଲ୍ଲେଖ ରହିଛି । ***(ତଫ୍ସୀର୍ କବୀର୍ ଲି ଇମାମେ ରାଜି, ଖଣ୍ଡ-୧, ପୃ-୧୪୩....... ବେରୁତ)***

ହଜରତ ଉମ୍ରୋ ବିନ୍ ମୈମୁନ୍ ବର୍ଣ୍ଣନା କରନ୍ତି: ହଜ୍ରତ୍ ଉମର୍ ର:ଅ ଏହି ଦୁଆ କରୁଥିଲେ **ଅଲ୍ଲାହୁମ୍ମା ତୌଫ୍ଫନି ମାଅଲ୍ ଅବ୍ରାର୍ ୱ୍ଲା ତୁଖଲ୍ଲିଫ୍ନି ଫିଲ୍ ଅଶ୍ରାର ୱ୍ କିନି ଅଜାବନ୍ ନାର୍ ୱ୍ ଅଲ୍ହିକ୍ନି ବିଲ୍ଅଖ୍ୟାର୍** ଅର୍ଥାତ ହେ ଅଲ୍ଲାଃ ମୋତେ ପୂଣ୍ୟବାନ ବ୍ୟକ୍ତିଙ୍କ ସହିତ ମୃତ୍ୟୁ ପ୍ରଦାନ କର ଏବଂ ମତେ ଦୁରାଚାରୀ ଲୋକମାନଙ୍କ ପଛରେ ଛାଡ଼ ନାହିଁ । ମତେ ନର୍କାଗ୍ନୀ ଠାରୁ ରକ୍ଷା କର ଏବଂ ମତେ ପୂଣ୍ୟବାନ ବ୍ୟକ୍ତିଙ୍କ ସହିତ ସମ୍ମିଳିତ କର । ***(ତବକାତୁଲ୍ କୁବ୍ରା.........ଖଣ୍ଡ-୩, ପୃ-୧୭୭............ ବେରୁତ ୧୯୯୬)***

ୟହ୍ୟା ବିନ୍ ସଇଦ୍ ବିନ୍ ମୁସୈବ ର:ଅ ବର୍ଣ୍ଣନା କରନ୍ତି ହଜ୍ରତ୍ ଉମର୍ ର:ଅ ଯେବେ ମିନାଠାରୁ ଫେରିଲେ ସେତେବେଳେ ନିଜର ଓଟକୁ ଅବ୍ତହ୍ଠାରେ ବସାଇଲେ ଏବଂ ବଡା ଉପତ୍ୟାକାର ଶିଳା ଖଣ୍ଡଗୁଡ଼ିକୁ ଏକତ୍ରିତ କରି ଏକ ସ୍ତୁପ ନିର୍ମାଣ କଲେ, ତାହା ଉପରେ ନିଜର ଚାଦରର ଗୋଟିଏ କାନି ବିଛାଇ ବିଶ୍ରାମ ନେଲେ । ନିଜର ହାତକୁ ଆକାଶ ଆଡ଼କୁ ପ୍ରସାରିତ କରି ଦୁଆ କଲେ **ଅଲ୍ଲାହୁମ୍ମା କୁବରତ୍ ସିନ୍ନି ୱ୍ ଜଉଫତ୍ କୁୱ୍ୱତି ୱ୍ନ୍ତଶରତ୍ ରଇୟତି ଫକ୍ବିଜ୍ ଇଲୈକା ଗୈରା ମୁଜୟିଇନ୍ ୱ୍ଲା ମୁଫର୍ରତିନ୍** ଅର୍ଥାତ ହେ ଅଲ୍ଲାଃ ! ମୋର ବୟସ ଅଧିକ ହୋଇଯାଇଛି ମୋର ଶକ୍ତି ଦୁର୍ବଳ ହୋଇଯାଇଛି, ମୋର ପ୍ରଜାମାନେ ଚର୍ତୁଦ୍ଦୀଗରେ ପରିବ୍ୟାପ୍ତ ହୋଇଯାଇଛନ୍ତି ଅର୍ଥାତ ମୋର ସାମ୍ରାଜ୍ୟ ବେଶ୍ ବ୍ୟାପକ ହୋଇଯାଇଛି । ତୁମ୍ଭେ ମୋତେ ନଷ୍ଟ କରିବା ପୂର୍ବରୁ ମୋର ଶେଷ ସମୟ ଘେନି ଆଣ । ସୁତରାଂ ବର୍ତମାନ ଜୁଲ୍ହଜା ମାସ ଶେଷ ହୋଇନଥିଲା ଯେ, ହଜ୍ରତ୍ ଉମର୍ ର:ଅଙ୍କ ଉପରେ ମରଣାତ୍ମକ ଆକ୍ରମଣ ହେଲା ଏବଂ ଆପଣ ର:ଅ ଶହୀଦ ହୋଇଗଲେ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୧୬୨...... ବେରୁତ)***

ହଜରତ ଇବ୍ନେ ଉମର ର:ଅ ବର୍ଣ୍ଣନା କରନ୍ତି (ଅର୍ଥାତ ହଜ୍ରତ୍ ଉମର୍ ର:ଅଙ୍କ ପୁତ୍ର ବର୍ଣ୍ଣନା କରିଛନ୍ତି) ମରୁଡ଼ି ଦିନ ମାନଙ୍କରେ ହଜ୍ରତ୍ ଉମର୍ ର:ଅ ଗୋଟିଏ ଅଭିନବ ପ୍ରୟାସ ତଥା କାର୍ଯ୍ୟ କଲେ ଯାହାକୁ ସେ ପୂର୍ବେ କରୁନଥିଲେ । ତାହା ଏହି କି ଯେ, ହଜ୍ରତ୍ ଉମର୍ ର:ଅ ଲୋକମାନଙ୍କୁ ନମାଜ ଇସା ପଢ଼ାଇ ନିଜ ଗୃହ ଭିତରକୁ ପ୍ରବେଶ କରିଯାଉଥିଲେ ଏବଂ ରାତ୍ରର ଶେଷ ପ୍ରହର ପର୍ଯ୍ୟନ୍ତ ଅହରହ ଭାବରେ ନମାଜ ପାଠ କରୁଥିଲେ । ସେଥିଅନ୍ତେ ଆପଣ ବାହାରକୁ ବାହାରୁଥିଲେ ଏବଂ ମଦିନାର ଚର୍ତୁପାଶ୍ୱରେ ପରିକ୍ରମା କରୁଥିଲେ । ଏକଦା ରାତ୍ରର ଶେଷ ପ୍ରହର ସମୟରେ ମୁଁ ହଜ୍ରତ୍ ଉମର୍ ର:ଅଙ୍କୁ ଏହା କହୁଥିବାର ଶୁଣିଲି **ଅଲ୍ଲାହୁମ୍ମା ଲା ତଜ୍ଅଲ୍ ହଲାକା ଉମ୍ମତି ମୁହମ୍ମଦିନ୍ ଅଲା ୟଦୟା** ଅର୍ଥାତ ହେ ଅଲ୍ଲାଃ ! ମୋ ହସ୍ତରେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସମ୍ପ୍ରଦାୟକୁ ବିନାଶ ମୁଖରେ ପକାଅ ନାହିଁ ଅର୍ଥାତ ନଷ୍ଟ କରନାହିଁ । ***(ତବକାତୁଲ୍ କୁବ୍ରା.........ଖଣ୍ଡ-୩, ପୃ-୨୩୭........... ବେରୁତ ୧୯୯୦)***

ହଜରତ ଖଲିଫତୁଲ୍ ମସିହ ଅୱ୍ୱଲ୍ (ପ୍ରଥମ) ର:ଅ ବର୍ଣ୍ଣନା କରନ୍ତି: ମନୁଷ୍ୟ ପକ୍ଷେ ଏହା ଉଚିତ ଯେ, ସେ କେବଳ ନୈଷ୍ଠିକ ରୂପେ ନିଜ ଈଶ୍ୱରଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରୁ ଏବଂ ତାଙ୍କରି ହିଁ ଉପାସନା କରୁ । ଏପରି କରିବା ଦ୍ୱାରା ମାନବଜାତି ତାକୁ ଖରାପ ଭାବନ୍ତୁ ଅବା ନ ଭାବନ୍ତୁ ତା'ର ଏଥିପ୍ରତି ଭ୍ରୁକ୍ଷେପ କରିବା ଉଚିତ ନୁହେଁ । ନିଜର ପ୍ରକାଶ୍ୟକୁ ଜାଣିଶୁଣି ଖରାପ କରିବାଟା ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପ୍ରଶିକ୍ଷିତ ଦୁଆ ର ବିରୁଦ୍ଧାଚରଣ ଅଟେ । ଯେଉଁ ଦୁଆ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ହଜରତ ଉମର ର:ଅଙ୍କୁ ଶିଖାଇଥିଲେ, ତାହା ଏପରି ଥିଲା:- **ଅଲ୍ଲାହୁମ୍ମା ଇଜ୍ଅଲ୍ ସରିରତି ଖୈରମ୍ ମିନ୍ ଅଲାନିୟତି ୱ୍ଜ୍ଅଲ୍ ଅଲାନିୟତି ସ୍ୱାଲିହତନ୍** ଅର୍ଥାତ ହେ ଅଲ୍ଲାଃ ! ମୋ ଅନ୍ତରକୁ ମୋର ପ୍ରକାଶ୍ୟଠାରୁ ଅଧିକ ଉତମ କରିଦିଅ ଏବଂ ମୋର ପ୍ରକାଶ୍ୟକୁ ଭଲ ତଥା ଉତମ କରିଦିଅ" । ***(ହକାଇକୁଲ୍ ଫୁର୍କାନ୍ ଖଣ୍ଡ-୪, ପୃ-୪୮୨)***

ହଜ୍ରତ୍ ଉମର୍ ର:ଅଙ୍କର ମସ୍ଜିଦେ ନବୱି ଏବଂ ନମାଜ ପାଠ କରିବା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପ୍ରସଙ୍ଗରେ ଏଭଳି ବର୍ଣ୍ଣନା ରହିଛି ଯେ, ହଜରତ ସାଏବ୍ ବିନ୍ ୟଜିଦ୍ ର:ଅ ବର୍ଣ୍ଣନା କରନ୍ତି: ମୁଁ ମସ୍ଜିଦ୍ରେ ଛିଡ଼ା ହୋଇଥିଲି ଯେ, ଜଣେ ବ୍ୟକ୍ତି ମତେ ଢ଼େଲାଟିଏ ମାରିଲା ମୁଁ ଯେତେବେଳେ ତା ଆଡ଼କୁ ଦୃଷ୍ଟି ପକାଇଲି ସେତେବେଳେ ମୁଁ ଦେଖିଲି ଯେ, ହଜରତ ଉମର ବିନ୍ ଖତାବ୍ ର:ଅ ମୋ ଆଗରେ ଛିଡ଼ା ହୋଇଛନ୍ତି । ସେ କହିଲେ, ଯାଅ ସେହି ଦୁହିଁଙ୍କୁ ମୋ ନିକଟକୁ ନେଇ ଆସ । ସେହି ଦୁଇଜଣ ବ୍ୟକ୍ତି, ଉଚ୍ଚ ସ୍ୱରରେ କଥାବାର୍ତା ହେଉଥିଲେ । ତେଣୁ ମୁଁ ସେହି ଦୁଇଜଣ ବ୍ୟକ୍ତିଙ୍କୁ ହଜ୍ରତ୍ ଉମର୍ ର:ଅଙ୍କ ସମ୍ମୁଖରେ ହାଜର କଲି । ହଜ୍ରତ୍ ଉମର୍ ର:ଅ କହିଲେ, ତୁମେ ଦୁଇଜଣ କିଏ ? ଓ କେଉଁଠୁ ଆସିଛ ? ସେମାନେ କହିଲେ ଆମେମାନେ ହେଉଛୁ ତାଏଫ୍ର ବାସିନ୍ଦା । ପ୍ରତ୍ୟୁତରରେ ହଜ୍ରତ୍ ଉମର୍ ର:ଅ କହିଲେ ତୁମେମାନେ ଯଦି ଏହି ସହରର ବାସିନ୍ଦା ହୋଇଥାନ୍ତ ତାହେଲେ ମୁଁ ତୁମମାନଙ୍କୁ ଅବଶ୍ୟ ଦଣ୍ଡିତ କରିଥାନ୍ତି । ତୁମେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମସ୍ଜିଦ୍ରେ ଏତେବଡ଼ ପାଟିରେ କଥାବାର୍ତା ହେଉଛ । ***(ସହି ବୁଖାରୀ, କିତାବୁସ୍ ସଲାତ୍...... ହଦିସ୍-୪୭୦)***

ହଜରତ ଇବ୍ନେ ଉମର ର:ଅ ବର୍ଣ୍ଣନା କରନ୍ତି: ହଜ୍ରତ୍ ଉମର୍ ର:ଅଙ୍କର ଏହି ଶୈଳୀ ରହିଥିଲା ଯେପର୍ଯ୍ୟନ୍ତ ନମାଜ ଧାଡ଼ିକୁ ସଳଖ କରିନେଉନଥିଲେ ସେପର୍ଯ୍ୟନ୍ତ ଆପଣ ଅଲ୍ଲାଃହୁ ଅକ୍ବର୍ କହୁନଥିଲେ ବରଂ ଧାଡ଼ି ସିଧା

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

## ନିକାହ୍ ଘୋଷଣା

ଜମାତ୍ ଅହେମଦୀୟା ମହ୍ମୁଦାବାଦ୍, କେରଙ୍ଗ, ଓଡ଼ିଶାର ଶ୍ରୀମତି ମାରିୟା ସିଦ୍ଦିକା ସାହିବା ସୁପୁତ୍ରୀ ଶ୍ରୀମାନ୍ ଶମ୍ସେର୍ ଅହେମଦ୍ ସାହେବ୍ଙ୍କ ନିକାହ୍ ହଲ୍କା ଦାରୁଲ୍ ବର୍କତ୍, ଗ୍ରାମ- କେରଙ୍ଗ, ଓଡ଼ିଶାର ଶ୍ରୀମାନ୍ ଶହ୍ବାଜ୍ ଖାନ୍ ସୁପୁତ୍ର ଶ୍ରୀମାନ୍ ଶରିଫୁଦ୍ଦିନ୍ ଖାନ୍ ସାହେବଙ୍କ ସହିତ ତା ୦୮-୧୨-୨୦୨୧ ରିଖ ଦିନ ଶ୍ରୀମାନ୍ ମୌଲବୀ ମୁବଶୀର୍ ଖାନ୍ ସାହେବ୍ ପଢ଼ାଇଲେ ଓ ଘୋଷଣା କଲେ ।

ଦୁଆ କରନ୍ତୁ ଅଲ୍ଲାଃ ତାଲା ଏହି ବିବାହ ବନ୍ଧନକୁ ପ୍ରତି କ୍ଷେତ୍ରରୁ ମଙ୍ଗଳମୟ କରନ୍ତୁ । ଆମିନ୍ ।

*(ବଦର କାର୍ଯ୍ୟାଳୟ)*

# : ଖୁତ୍‌ବା ଜୁମା :

**ଅଲ୍ଲାହୁ ଅକ୍‌ବର୍! ଏହି ଦୁଇଜଣ (ଅର୍ଥାତ:- ଅବୁବକର ର:ଅ ଏବଂ ଉମର ର:ଅ)ଙ୍କ ଆନ୍ତରିକତା ଓ ନିଷ୍ଠାର ସ୍ତର ବହୁତ ଉଚ୍ଚରେ ଅଧିଷ୍ଠିତ ।**

**ଏହି ଦୁଇଜଣ ଏପରି (ମୁବାରକ୍ ଅର୍ଥାତ ପବିତ୍ରମୟ) କବରସ୍ତାନ୍‌ରେ କବର ପାଇଛନ୍ତି ଯେ ଯଦି ମୁସା ଆ:ସ ତଥା ଇସା ଆ:ସ ଜୀବିତ ଥା'ନ୍ତେ ତା'ହେଲେ ଆନ୍ତରିକତାର ସହିତ ସେଠାରେ କବର ପାଇବା ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତେ । (ହଜରତ ମସିହ ମଉଦ ଆ:ସ)**

**ହଜରତ ହସନ୍ ବସରି ର:ଅ କହିଛନ୍ତି:- ଯେବେ ତୁମେମାନେ ନିଜ ମଜ୍‌ଲିସ୍ (ସଭା)କୁ ସୁବାଶିତ କରିବାକୁ ଚାହୁଁଛ ତା'ହେଲେ ହଜରତ ଉମର ର:ଅଙ୍କର ବହୁତ ଚର୍ଚ୍ଚା କର ।**

**ମୁଜାହିଦ୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ ଆମେ ପରସ୍ପର ମଧ୍ୟରେ ଏହା କହୁଥିଲୁଁ ଯେ ନିଶ୍ଚିତ ରୂପେ ହଜରତ ଉମର ର:ଅଙ୍କ ଯୁଗରେ ଶୈତାନ୍‌କୁ ବାନ୍ଧି ଦିଆ ଯାଇଥିଲା । କିନ୍ତୁ ଯେବେ ସେ ଶହୀଦ୍ ହେଲେ, ଶୈତାନ୍‌ମାନେ ଭୂପୃଷ୍ଠରେ ଡିଆଁ ମାରିବାକୁ ଲାଗିଲେ ।**

**ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍‌ଙ୍କ ମହାନ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜରତ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୨୬ ନଭେମ୍ବର ୨୦୨୧ ଅନୁଯାୟୀ ୨୬ ନବୁଓ୍ୱତ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ହଜ୍‌ରତ୍ ଉମର୍ ର:ଅଙ୍କ ଦରବାରରେ ପବିତ୍ର କୁର୍‌ଆନ୍‌ର ଜ୍ଞାନ ରଖୁଥିବା (ବିଦ୍ୱାନ) ବ୍ୟକ୍ତିମାନଙ୍କର ମର୍ଯ୍ୟାଦା ବେଶ ଉର୍ଦ୍ଧ୍ୱରେ ରହିଥିଲା, ତେବେ ସେମାନେ ଅଳ୍ପ ବୟସର ଯୁବକ ହୋଇଥାନ୍ତୁ ବା ବୟସ୍କ ହୋଇଥାନ୍ତୁ (ଏମାନଙ୍କର ସ୍ଥାନ ବହୁତ ଉଚ୍ଚରେ ଥିଲା) । ବୁଖାରୀରେ ଗୋଟିଏ ରିଓ୍ୱାୟତ୍ ଆସିଛି ଯେ ହଜରତ ଇବ୍‌ନେ ଅବ୍‌ବାସ୍ ର:ଅ କହିଛନ୍ତି ଯେ ଉୟଇନା ବିନ୍ ହସନ୍ ବିନ୍ ହୁଜୈଫା ମଦିନା ଆସିଲେ ଏବଂ ନିଜର ପୁତୁରା ହୁର୍‌ର ବିନ୍ କୈସ୍‌ଙ୍କ ଘରେ ଓହ୍ଲେଇଲେ । ହୁର୍‌ର ବିନ୍ କୈସ୍ ସେହି ଲୋକମାନଙ୍କ ମଧ୍ୟରେ ଥିଲେ ଯାହାଙ୍କୁ ହଜ୍‌ରତ୍ ଉମର୍ ର:ଅ ନିଜ ନିକଟରେ ବସାଉଥିଲେ । କାରି ଅର୍ଥାତ ପବିତ୍ର କୁର୍‌ଆନ୍‌ର ଜ୍ଞାନ ରଖିଥିବା ଜ୍ଞାନୀମାନେ, ସେମାନେ ବୟସ୍କ ହୁଅନ୍ତୁ ବା ଯୁବକ, ହଜ୍‌ରତ୍ ଉମର୍ ର:ଅଙ୍କ ମଜ୍‌ଲିସ୍‌ରେ ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ହିଁ ବସୁଥିଲେ । ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ପରାମର୍ଶ ଦେଉଥିଲେ । ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ପରାମର୍ଶ ଦେଉଥିଲେ । ଉୟିନା ନିଜ ପୁତୁରାଙ୍କୁ କହିଲେ:- ହେ ମୋର ପୁତୁରା ! ଏହି ଅମୀର୍ (ଅର୍ଥାତ ହଜ୍‌ରତ୍ ଉମର୍ ର:ଅ)ଙ୍କ ନିକଟରେ ତୁମର ସମ୍ମାନ ଅଛି ତେଣୁ ମତେ ତାଙ୍କ ନିକଟକୁ ଆସିବା ପାଇଁ (ଅର୍ଥାତ ତାଙ୍କ ସହିତ ସାକ୍ଷାତ କରିବା ପାଇଁ) ତାଙ୍କଠାରୁ ଅନୁମତି ମାଗ । ହୁରୁର୍ ବିନ୍ କୈସ୍ କହିଲେ: ମୁଁ ତାଙ୍କଠାରୁ ତୁମ ପାଇଁ ଅନୁମତି ନେଇ ନେବି । ହଜରତ ଇବ୍‌ନେ ଅବ୍‌ବାସ୍ ର:ଅ ଏହା ବର୍ଣ୍ଣନା କରିଛନ୍ତି ଯେ:- ସୁତରାଂ ହୁରର୍ ବିନ୍ କୈସ୍ ଉୟଇନାଙ୍କ ପାଇଁ ଅନୁମତି ଦେଲେ ଏବଂ ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ଅନୁମତି ପ୍ରଦାନ କରିଲେ । ଉୟଇନା ତାଙ୍କ ନିକଟକୁ ଗଲା ଓ କହିଲା ଯେ ହେ ଖତାବ୍‌ଙ୍କ ପୁତ୍ର ଇଏ କି କଥା । ଅଲ୍ଲାଃଙ୍କ ରାଣ ! ନା ତା ଆମକୁ ଆପଣ ଅଧିକ ଧନ ଦେଉଛନ୍ତି ନା ଆମମାନଙ୍କ ମଧ୍ୟରେ ଓ ଆମକୁ ମିଳିଥିବା ଧନସମ୍ପତି ମଧ୍ୟରେ କୌଣସି ନ୍ୟାୟ କରୁଛନ୍ତି । ଏଥିରେ ହଜ୍‌ରତ୍ ଉମର୍ ର:ଅ ଅତିଷ୍ଠ ହୋଇ କିଛି କହିବାକୁ ଯାଉଥିଲେ ଯେ ହୁର୍ ସଙ୍ଗେ ସଙ୍ଗେ କହିଲେ; ଅଲ୍ଲାଃ ତାଲା ନିଜ ପ୍ରିୟ ନବୀ ହଜରତ ମୁହମ୍ମଦ ସ:ଆ:ସଙ୍କୁ କହିଛନ୍ତି, **ଖୁଜିଲ୍ ଅଫ୍‌ଓ୍ୱା ଓ୍ୱାମୁର୍ ବିଲ୍‌ଉର୍‌ଫେ ଓ୍ୱାଆରଜି ଅନିଲ୍ ଜାହିଲିନ୍** ଅର୍ଥାତ କ୍ଷମା ଆଚରଣ କର ଏବଂ ଉତମ କଥା କୁହ ତଥା ଅଜ୍ଞାନୀଙ୍କ ଠାରୁ ଦୂରତା ରକ୍ଷା କର । ଏହି ଉୟଅନା ସେହି ଅଜ୍ଞାନୀଙ୍କ ମଧ୍ୟରୁ ଜଣେ ଥିଲେ । ଅଲ୍ଲାଃଙ୍କ ରାଣ ! ଯେତେବେଳେ ହୁରର୍ ବିନ୍ କୈସ୍ ତାଙ୍କ ସମ୍ମୁଖରେ ଏହି ଆୟତ ପାଠ କଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସେହି ସ୍ଥଳେ ଅଟକି ଗଲେ ଓ କିଛି କହିଲେ ନାହିଁ କାରଣ ଆପଣ ଅଲ୍ଲାଃଙ୍କ ଧର୍ମାଦେଶ ଶୁଣି ଅଟକି ଯାଇଥାନ୍ତି ।

***(ସହି ବୁଖାରୀ.... ହଦିସ୍-୪୬୪୨)***

ଜମାଅତ ଅହେମଦିୟାର ପ୍ରଥମ ଖଲିଫା ହଜ୍‌ରତ୍ ଉମର୍ ର:ଅଙ୍କ ଦରବାରର ଗୋଟିଏ ଘଟଣା ବର୍ଣ୍ଣନା କରି କୁହନ୍ତି ଯେ;- ହଜ୍‌ରତ୍ ଉମର୍ ର:ଅଙ୍କ ଦରବାରକୁ ଜଣେ ଅମୀର ଆସିଲେ । ସେ ଏକଥାକୁ ବହୁତ ଘୃଣ୍ୟ ମନେ କଲେ ଯେ ଜଣେ ଦଶବର୍ଷର ବାଳକ ଏମିତି ଏକ ଭବ୍ୟ ଦରବାରରେ ବସିଛି । ତା'ର ଏଠାରେ କାମ କ'ଣ ? ସଂଯୋଗବଶତଃ ହଜ୍‌ରତ୍ ଉମର୍ ର:ଅ ସେହି ଅମୀରଙ୍କ କୌଣସି କୁକର୍ମ ଯୋଗୁଁ ତା ଉପରେ ନାରାଜ୍ (ଅପ୍ରସନ୍ନ) ହୋଇଗଲେ ଫଳତଃ ହଜ୍‌ରତ୍ ଉମର୍ ର:ଅ ସେହି ଅମୀରଙ୍କୁ ଦଣ୍ଡ ଦେବା ପାଇଁ ଜହ୍ଲାଦ (ବଧକାରୀ)କୁ ଡ଼ାକାଇଲେ । ତାହା ଦେଖି ସେହି ଦଶ ବର୍ଷର ବାଳକ କହି ଉଠିଲା, **ଓ୍ୱଲ୍‌କାଜିମିନଲ୍ ଗୈଜା *(ଆଲେ ଇମ୍‌ରାନ୍:୧୩୫)* ଓଆରିଜ୍ ଅନିଲ୍ ଜାହିଲିନା *(ଅଲ୍ ଆରାଫ୍-୨୦୦) ହାଜା ମିନଲ୍ ଜାହିଲିନ୍*** (ଅର୍ଥାତ:- ଇଏ ତ' ଜଣେ ମୂର୍ଖ ବ୍ୟକ୍ତି) । ଏହା ଶୁଣି ହଜ୍‌ରତ୍ ଉମର୍ ର:ଅଙ୍କ ଚେହେରା ଲାଲ୍ ବର୍ଣ୍ଣ ପଡ଼ିଗଲା ଏବଂ ଆପଣ ନିରବ ହୋଇଗଲେ ସେତେବେଳେ ତା ଭାଇ, ଅର୍ଥାତ ସେହି ବ୍ୟକ୍ତିର ଭାଇ ଯିଏ ଏହା କହୁଥିଲା, ସେ କହିଲା- ଦେଖିଲ ଏହି ବାଳକ ଜଣକ ତୁମକୁ ବଂଚାଇ ଦେଲା ଯାହାକୁ ତୁମେ ନ୍ୟୁନ ମଣୁଥିଲେ" ।

***(ହକାଇକୁଲ୍ ଫୁର୍‌କାନ୍, ଖଣ୍ଡ-୨, ପୃ-୧୨୨)***

ହଜ୍‌ରତ୍ ଉମର୍ ର:ଅ ପିଲାମାନଙ୍କ ପ୍ରଶିକ୍ଷଣ ଓ ସେମାନଙ୍କ ବୁଦ୍ଧିଜ୍ଞାନକୁ ତେଜୀୟାନ କରିବା ସକାଶେ ନିଜ ଦରବାରକୁ ଡ଼ାକି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ଠାରୁ ପରାମର୍ଶ ନେଉଥିଲେ ଏ ସମ୍ବନ୍ଧରେ ଗୋଟିଏ ରିଓ୍ୱାୟତ ରହିଛି । ୟୁସୁଫ୍ ବିନ୍ ୟାକୁବ୍ କହିଲେ: ଇବ୍‌ନେ ଶିହାବ୍ ମତେ ଓ ମୋ ଭାଇଙ୍କୁ ଏବଂ ମୋ ଚାଚାଙ୍କ ପୁଅକୁ କହିଲେ ତୁମେମାନେ ନିଜକୁ ଅଳ୍ପବୟସର ବାଳକ ହୋଇଥିବା ଯୋଗୁଁ ନ୍ୟୁନ/ଛୋଟ ମଣିବ ନାହିଁ । ସେ ସମୟରେ ଆମେମାନେ ଛୋଟି ପିଲା ଥିଲୁଁ

(ପୁଣି ଇବ୍‌ନେ ଶିହାବ୍ କହିଲେ) କାରଣ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ କୌଣସି ମାମଲାରେ ନିଷ୍ପତି ନେବାକୁ ଚାହାନ୍ତି, ସେତେବେଳେ ସେ ପିଲାମାନଙ୍କୁ ଡ଼ାକନ୍ତି ଓ ସେମାନଙ୍କଠାରୁ ବି ଏ ବିଷୟରେ ପରାମର୍ଶ ନିଅନ୍ତି । ଏତଦ୍‌ଦ୍ୱାରା ସେ ପିଲାମାନଙ୍କୁ ବୁଦ୍ଧିକୁ ତେଜ୍ କରିବାକୁ ଚାହୁଁଥିଲେ । ***(ସିରତ୍ ଉମର୍ ବିନ୍ ଖତାବ୍ ଅଜ୍ ଇବ୍‌ନେ ଜୁଜି, ପୃ-୧୬୫, ମକ୍‌ତବାଃ ମିସ୍ରିୟତୁଲ୍ ଅଜ୍‌ହର୍)***

ଓହଦ୍ ଯୁଦ୍ଧ ସମୟରେ ଯେତେବେଳେ ଯୁଦ୍ଧର ପଶା ପଲଟିଗଲା ଏବଂ ମୁସଲମାନମାନଙ୍କୁ ଭୀଷଣ କ୍ଷତି ପହଂଚିଲା, ସେତେବେଳେ ଅବୁ ସୁଫିୟାନ୍ ତିନିଥର ଡ଼ାକ ପକାଇ କହିଲା । କ'ଣ ଏହା (ବଂଚିଯାଇଥିବା- ଅନୁବାଦକ) ଲୋକମାନଙ୍କ ମଧ୍ୟରେ ମୁହମ୍ମଦ ଅଛି କି ? ନବୀ କରିମ୍ ସ:ଆ:ସ ତାହାର ଉତର ଦେବା ପାଇଁ ସାହାବାମାନଙ୍କୁ ରୋକି ଦେଲେ । ପୁଣି ସେ ତିନିଥର ପଚାରିଲା:- କ'ଣ ଏହି ଲୋକମାନଙ୍କ ମଧ୍ୟରେ ଅବୁ କାହାଫାଙ୍କ ପୁତ୍ର ଅଛି ? ପୁଣି ତିନିଥର ପଚାରିଲା:- କ'ଣ ଏହି ଲୋକମାନଙ୍କ ମଧ୍ୟରେ ଇବ୍‌ନେ ଖତାବ୍ (ଅର୍ଥାତ- ହଜ୍‌ରତ୍ ଉମର୍ ର:ଅ) ଅଛି ? ତା'ପରେ ଅବୁ ସୁଫିୟାନ୍ ନିଜ ସାଥୀମାନଙ୍କ ଆଡ଼କୁ ଫେରିଯାଇ କହିବାକୁ ଲାଗିଲା ଯେ ଏମାନେ ସମସ୍ତେ ମରିଯାଇଛନ୍ତି । ଏଠାରେ ହଜ୍‌ରତ୍ ଉମର୍ ର:ଅଙ୍କର ଆତ୍ମ ସ୍ୱାଭିମାନ ବିଷୟରେ ଚର୍ଚ୍ଚା କରାଯାଇଅଛି । ସୁତରାଂ ଅବୁ ସୁଫିୟାନ୍‌ର କଥା ଶୁଣି ହଜ୍‌ରତ୍ ଉମର୍ ର:ଅ ନିଜ ଉପରେ ନିୟନ୍ତ୍ରଣ ହରାଇ ବସିଲେ ଓ କହି ଉଠିଲେ:- ହେ ଅଲ୍ଲାଃଙ୍କ ଶତ୍ରୁ ! ଈଶ୍ୱରଙ୍କ ରାଣ ତୁମେ ମିଥ୍ୟା କହିଛ । ଯେଉଁ ଲୋକମାନଙ୍କର ତୁମେ ନାମ ଧରି ଡ଼ାକିଲ, ସେମାନେ ସମସ୍ତେ ଜୀବିତ ଅଛନ୍ତି । କିନ୍ତୁ ଯେଉଁ କଥା ତୁମକୁ ବାଧିବ ତାହା ହେଉଛି ଏହା କି ଏବେ ତୁମ ପାଇଁ ବହୁତ କିଛି ବାକି ଅଛି । ଅବୁ ସୁଫିୟାନ୍ କହିଲା ଏହି ଯୁଦ୍ଧ ହେଉଛି ବଦର ଯୁଦ୍ଧର ପ୍ରତିଶୋଧ । ଯୁଦ୍ଧ ତ (ପାଣି କଢ଼ାଯାଇଥିବା) ମାଠିଆ ସଦୃଶ । କେବେ ସିଏ ଜିତିଲାଣି ତ କେବେ ଆଉ ଜଣେ । ***(ସହି ବୁଖାରୀ କିତାବୁଲ୍ ଜିହାଦ୍..... ହଦିସ୍ ନଂ-୩୦୩୯)***

ହଜ୍‌ରତ୍ ଉମର୍ ର:ଅ ବୈତୁଲ୍ ମାଲର ସମ୍ପତିର ସୁରକ୍ଷା ଓ ତତ୍ୱାବଧାନ ପ୍ରସଙ୍ଗରେ ଅତ୍ୟନ୍ତ ସଜାଗ ଓ ସତର୍କ ରହୁଥିଲେ । ଏ ସମ୍ବନ୍ଧରେ ଗୋଟିଏ ରିଓ୍ୱାୟତ ରହିଛି । ଜୈଦ୍ ବିନ୍ ଅସ୍‌ଲାମ୍ କହିଛନ୍ତି ଯେ ହଜରତ ଉମର ବିନ୍ ଖତାବ୍ ର:ଅ କ୍ଷୀର ପାନ କଲେ । ଅର୍ଥାତ ଏକଦା ଆପଣଙ୍କୁ କେହି ଜଣେ ଗୋଟିଏ ଗ୍ଲାସ ଦୁଗ୍ଧ ପାନ କରିବାକୁ ଦେଲା, ଯାହାକୁ ଆପଣ ପାନ କଲେ ଏବଂ ପଚାରିଲେ ଏହା କେଉଁଠାରୁ ଆସିଥିଲା । ସେହି ବ୍ୟକ୍ତି ଜଣକ ହଜ୍‌ରତ୍ ଉମର୍ ର:ଅଙ୍କୁ ବତାଇଲା ଯେ ସେ ଗୋଟିଏ ଝରଣା (ପାଣିର ଉତ୍ସ) ନିକଟକୁ ଗଲା । ସେଠାରେ ଜକାତ୍‌ର ଓଟମାନଙ୍କୁ ଲୋକମାନେ ପାଣି ପିଆଉଥିଲେ । ସେମାନେ ମୋ ପାଇଁ ସେହି ଓଟମାନଙ୍କଠାରୁ କ୍ଷୀର ଦୁହିଁଲେ ଓ ସେହି କ୍ଷୀରକୁ ମୁଁ ଏହି ପାଣି ପିଇବା ପାତ୍ରରେ ରଖିନେଲି । ଅତଏବ ଏହି କଥା ଶୁଣି ହଜ୍‌ରତ୍ ଉମର୍ ର:ଅ ତଂଟିରେ ଆଙ୍ଗୁଳି ପୁରାଇ ପାନ କରିଥିବା କ୍ଷୀର ଓଗାଳି ଦେଲେ । ***(ମୋତେ ଇମାମ୍ ମାଲିକ୍ କିତବୁଲ୍ ଜକାତ୍ ...... ହଦିସ୍-୩୧..... ବେରୁତ ୧୯୮୫)***

ବରାଅ ବିନ୍ ମାରୁରଙ୍କ ପୁତ୍ର ବର୍ଣ୍ଣନା କରିଛନ୍ତି ଯେ ଦିନେ ହଜ୍‌ରତ୍ ଉମର୍ ର:ଅ ଘରୁ ବାହାରିଲେ ଓ ଆସି ମେମ୍ବର (ଡ଼ାଇସ୍) ଉପରେ ଚଢ଼ିଗଲେ । ସେ ସମୟରେ ସେ ବେମାର ଥିଲେ ସୁତରାଂ ତାଙ୍କୁ ଅର୍ଥାତ ଏହା ଜକାତର ମାଲ୍ ତେଣୁ ମୁଁ ଏହା ପିଇବି ନାହିଁ । ଉପଚାର ନିମନ୍ତେ ମଧୁ ସେବନ କରିବାକୁ ପରାମର୍ଶ ଦିଆଗଲା, ଯାହାକି ବୈତୁଲ୍ ମାଲ୍'ରେ ଉପଲବ୍ଧ ଥିଲା । ହଜ୍‌ରତ୍ ଉମର୍ ର:ଅ କହିଲେ ଯଦି ଆପଣମାନେ ମତେ ଅନୁମତି ଦେବେ ତା'ହେଲେ ମୁଁ ଏହାକୁ ନେବି ଅନ୍ୟଥା ଏହା ମୋ ପାଇଁ ଅବୈଧ ଅଟେ । ଅତଃ ଲୋକମାନେ ଏ ସମ୍ବନ୍ଧରେ ତାଙ୍କୁ ଅନୁମତି ଦେଇଦେଲେ ।

***(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍- ଖଣ୍ଡ-୩, ପୃ-୧୪୭...... ବେରୁତ ୧୯୯୬)***

ବଇତୁଲ୍ ମାଲ୍ (ରାଜକୋଷ)ର ସୁରକ୍ଷା ପ୍ରତି ହଜ୍‌ରତ୍ ଉମର୍ ର:ଅଙ୍କୁ କେତେ ମାତ୍ରାରେ ଧ୍ୟାନ ଥିଲା । ଏ ସମ୍ବନ୍ଧରେ ମୁଁ ପୂର୍ବରୁ ମଧ୍ୟ ବର୍ଣ୍ଣନା କରିସାରିଛି । ଏଠାରେ ସଂକ୍ଷିପ୍ତରେ ବର୍ଣ୍ଣନା କରିଦେଉଛି ଯେ ଏକଦା ମଧ୍ୟାହ୍ନ ସମୟରେ ପ୍ରବଳ ଗ୍ରୀଷ୍ମ ତାପରେ, ପଛରେ ରହିଯାଇଥିବା ଦୁଇଟି ଓଟକୁ ଆପଣ ସ୍ୱୟଂ ଘଉଡ଼ାଇ ଚାରଣ ଭୂମିରେ ପହଂଚାଇ ଦେଲେ । କାରଣ ଖୋଲା ଛାଡ଼ି ଦେଇଥିଲେ ସେମାନେ ନିଖୋଜ ହେବାର ଆଶଙ୍କା ରହିଥିଲା । ସଂଯୋଗବଶତଃ ହଜରତ ଉସ୍‌ମାନ୍ ର:ଅ ଯେବେ ଏହା ଦେଖିବାକୁ ପାଇଲେ, କହିଲେ ଯେ ଏ କାମ ଆମେ କରିଦେଉଛୁ ଆପଣ ଛାଇତଳକୁ ଆସିଯାଆନ୍ତୁ । ଏହା ଶୁଣି ହଜ୍‌ରତ୍ ଉମର୍ ର:ଅ କହିଲେ:- ତୁମେମାନେ ଆରାମ୍‌ରେ ଛାଇ ତଳେ ବସ; ଏହା ମୋର କାମ, ମୁଁ ହିଁ କରିବି । ***(ଉସ୍‌ଦୁଲ୍ ଗାବାଃ....... ଖଣ୍ଡ-୩, ପୃ-୬୬୭..... ବେରୁତ ଲେବାନନ୍ ୨୦୦୩)***

ଏହି ଘଟଣାର ସମ୍ବନ୍ଧରେ ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି; ଅଲ୍ଲାଃ ତାଲା ନିଜ ପ୍ରତିଶୃତି ମୁତାବକ ମୁସଲମାନମାନଙ୍କୁ ଧନ ସମ୍ପତି, ମର୍ଯ୍ୟାଦା, ଗୌରବ ଓ ଉଚ୍ଚ ଆସନ ସବୁକିଛି ଦେଲେ କିନ୍ତୁ ସେମାନେ ଇସ୍‌ଲାମ୍‌କୁ ଭୁଲିଯାଇନଥିଲେ । ଏକଥା ବର୍ଣ୍ଣନା କରିଛନ୍ତି ଯେ ତୁମେମାନଙ୍କ ମଧ୍ୟରେ କିଛି ଅଛି ତ ତା'ହେଲେ ତୁମେମାନେ ନିଜ ଧର୍ମଠାରୁ ଦୁରେଇଯାଅ ନାହିଁ, ଇସ୍‌ଲାମୀୟ ଶିକ୍ଷା ପ୍ରତି ଅଜ୍ଞ ରୁହ ନାହିଁ, ନିଜର କର୍ତବ୍ୟ ପ୍ରତି ଅବହେଳା କର ନାହିଁ । ହଜରତ ଉସ୍‌ମାନ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଏକଦା ମୁଁ ବାହାରେ କୁବ୍‌ବା (ଅର୍ଥାତ ଏକ ଗୁମ୍ବଦ ସଦୃଶ ଘର ଭିତରେ) ବସିଥିଲି ଏବଂ ଭୀଷଣ ଗ୍ରୀଷ୍ମତାପ ଯୋଗୁଁ କବାଟ ଖୋଲିବା ପାଇଁ ସାହସ ହେଉନଥିଲା । ଏତିକି ବେଳେ ମୋ ଗୁଲାମ୍ (କ୍ରିତଦାସ) ଆସି ମତେ କହିଲା ଦେଖନ୍ତୁ ଭୀଷଣ ଖରାରେ ଜଣେ ଲୋକ ବାହାରେ ବୁଲୁଛି । ଅଳ୍ପ ସମୟ ବିତି ଥିଲା କି ନାହିଁ ସେହି ବ୍ୟକ୍ତି ଜଣକ ମୋ କୁବ୍‌ବା ନିକଟରେ ଆସି ପହଂଚିଲା । ମୁଁ ଦେଖିଲି ଯେ ସେ ହେଉଛନ୍ତି ହଜ୍‌ରତ୍ ଉମର୍ ର:ଅ । ତାଙ୍କୁ ଦେଖି ମୁଁ ଘାବରେଇ ବାହାରକୁ ବାହାରି ଆସିଲି ଏବଂ କହିଲି ଏତେ ଖରାରେ ଆପଣ କେଉଁ ଆଡ଼େ ବାହାରିଛନ୍ତି ? ହଜ୍‌ରତ୍ ଉମର୍ ର:ଅ କହିଲେ ବଇତୁଲ୍ ମାଲ୍‌ର ଗୋଟିଏ ଓଟ ହଜି ଯାଇଥିଲା, ମୁଁ ତାଙ୍କୁ ଖୋଜିବା ପାଇଁ ବାହାରେ ବୁଲୁଛି । ହଜରତ ମୁସ୍‌ଲେହ ମଉଦ୍ ର:ଅ ପୁଣି ଆଗକୁ ଲେଖୁଛନ୍ତି ଯେ ଅଲ୍ଲାଃ ତାଲା କହିଛନ୍ତି:- **ଅଲଲ୍ ଅରାଇକି ୟନ୍‌ଜୁରୁନ୍** ଅର୍ଥାତ ସେ ସିଂହାସନରେ ବସିଥିବେ କିନ୍ତୁ ସେ ପ୍ରତିମୁହୂର୍ତ ନିରିକ୍ଷଣ କରୁଥିବେ । ଏହି ସାଂସାରିକ ସୁଖସ୍ୱାଚ୍ଛନ୍ଦ୍ୟ ଏବଂ ଭୌତିକ ଭୋଗବିଳାସ ସେମାନଙ୍କୁ ମନ୍ଥର ଓ ଶିଥିଳ କରିଦେବ ନାହିଁ । ସେମାନେ ସେହି **ଅରାଇକ୍** ମଧ୍ୟରେ ମଧ୍ୟରେ ଶୋଇନଥିବେ ବରଂ ଜାଗ୍ରତ ଓ ସତର୍କ ରହିଥିବେ । ଲୋକମାନଙ୍କ ଅଧିକାରର ଯତ୍ନ ନେଉଥିବେ ଏବଂ ନିଜର ଧାର୍ଯ୍ୟ କର୍ତବ୍ୟକୁ ସୁଚାରୁ ରୂପେ ନିର୍ବାହ କରିଚାଲୁଥିବେ ।

***(ତଫ୍‌ସୀର୍ କବୀର୍, ଖଣ୍ଡହଜ୍‌ରତ୍ ଉମର୍ ର:ଅ୮, ପୃ-୩୧୪, ୩୧୫)***

ସମାନତା ଓ ସମନ୍ୱୟତା ପ୍ରତିଷ୍ଠା କରିବା ସମ୍ବନ୍ଧରେ ଗୋଟିଏ ରିଓ୍ୱାୟତ ଆସିଛି ଯେ ସଈଦ୍ ବିନ୍ ମୁସେବ୍ ର:ଅ ବର୍ଣ୍ଣନା କରନ୍ତି; ହଜ୍‌ରତ୍ ଉମର୍ ର:ଅ ଜଣେ ୟହୁଦି ଓ ମୁସଲମାନ ମଧ୍ୟରେ ଘଟିଥିବା ଝଗଡ଼ା (କଳହ)ର ନିଷ୍ପତି କରିବାକୁ ଯାଇ ହଜ୍‌ରତ୍ ଉମର୍ ର:ଅ ଏହା ଜାଣିବାକୁ ପାଇଲେ ଯେ ସତ୍ୟ ଇହୁଦୀଙ୍କ ପଟରେ ଅଛି ତେଣୁ ହଜ୍‌ରତ୍ ଉମର୍ ର:ଅ ସେହି ୟହୁଦି ସପକ୍ଷରେ ନିଜର ନିର୍ଣ୍ଣୟ ଶୁଣାଇଥିଲେ ଅତଃ ସେହି ଇହୁଦୀଜଣକ କହିଲା ଯେ ଈଶ୍ୱରଙ୍କ ରାଣ ! ତୁମେ ସଠିକ୍ ନିଷ୍ପତି କରିଅଛି ।

***(ମୋତା ଇମାମ୍ ମାଲିକ୍, କିତାବୁଲ୍ କଜିୟା..... ରିଓ୍ୱାୟତ ନଂ-୧୪୨୫...... ଦାରୁଲ୍ ଫିକ୍‌ର୍ ୨୦୦୨)***

ହଜରତ ଅନସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମିସର୍ ଦେଶର ଜଣେ ବ୍ୟକ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଆସି ଏ ଅଭିଯୋଗ କଲା ଯେ ହେ ଅମୀରୁଲ୍ ମୁମିନିନ୍ ! ମୁଁ ଅତ୍ୟାଚାରରୁ ଆପଣଙ୍କ ଶରଣଭିକ୍ଷା କରୁଅଛି । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ ତୁମେ ଭଲ ଶରଣସ୍ଥାନ ଖୋଜି ପାଇଛ । ପୁଣି ସେହି ବ୍ୟକ୍ତି ଜଣକ କହିଲା ମୁଁ ଅମ୍‌ରୋ ବିନ୍ ଆସ୍ ର:ଅଙ୍କ ପୁତ୍ରଙ୍କ ସହିତ ଦଉଡ଼ ପ୍ରତିଯୋଗିତା କଲି ଓ ମୁଁ ତା'ଠାରୁ ଆଗକୁ ବଳିଗଲି । ସେଥିଯୋଗୁଁ ସେ ମତେ ଚାବୁକ ଦ୍ୱାରା ପ୍ରହାର କଲା ଏବଂ କହିଲା ଯେ ମୁଁ ହେଉଛି ଜଣେ ସମ୍ମାନୀୟ ବ୍ୟକ୍ତିଙ୍କ ପୁତ୍ର ତେଣୁ ତୁମର ଏ ସାହାସ କିପରି ହେଲା ଯେ ତୁମେ ମୋ ଠାରୁ ଆଗକୁ ବଳିଗଲ ? ଏହା ଶୁଣି ହଜ୍‌ରତ୍ ଉମର୍ ର:ଅ ହଜରତ ଅମ୍‌ରୋ ବିନ୍ ଆସ ର:ଅଙ୍କ ନିକଟକୁ ଚିଠି ଲେଖି ଆଦେଶ ଦେଲେ ଯେ ସେ ତାଙ୍କ ପୁଅଙ୍କ ସହିତ ଆସି ଉପସ୍ଥିତ ହୋଇଯାଆନ୍ତୁ । ହଜରତ ଅମ୍‌ରୋ ବିନ୍ ଆ:ସ ର:ଅ ଉପସ୍ଥିତ ହେବାରେ ହଜ୍‌ରତ୍ ଉମର୍ ର:ଅ କହିଲେ ମିଶରର ସେହି ବ୍ୟକ୍ତି କେଉଁଠି ଅଛି ? ଏହି ଚାବୁକ ନିଅ ଓ ହଜରତ ଅମ୍‌ରୋ ବିନ୍ ଆସ ର:ଅଙ୍କ ସେହି ପୁତ୍ରକୁ ପ୍ରହାର କର । ସୁତରାଂ ସେ ତାଙ୍କୁ

ମାରିବାକୁ ଲାଗିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସେହି ମିଶରୀୟ ବ୍ୟକ୍ତିକୁ କହୁଥିଲେ ଯେ **"ଏହି ସମ୍ମାନୀୟ ବ୍ୟକ୍ତିଙ୍କ ପୁତ୍ରକୁ ମାର"** । ହଜରତ ଅନସ୍ ର:ଅଙ୍କ ବର୍ଣ୍ଣନା ଯେ ସେ ତାକୁ ମାରୁଥିଲା ଓ ଆମେ ତା'ର ଚାବକୁ ପ୍ରହାର ଦେଖି ଖୁସି ହେଉଥିଲୁ । ସେ ତାକୁ ଅନବରତ ପ୍ରହାର କରି ଚାଲୁଥିଲା ଏପରି କି ଆମେ ଏହା ଚାହିଁୁ ଯେ ବର୍ତମାନ ସେ ତାକୁ ଛାଡ଼ି ଦେଉ । ପୁଣି ହଜ୍‌ରତ୍ ଉମର୍ ର:ଅ ସେହି ମିଶରୀୟ ବ୍ୟକ୍ତିକୁ କହିଲେ ଅମ୍‌ରୋ ବିନ୍ ଆସ୍‌ଙ୍କ ମୁଣ୍ଡକୁ ମାର । ଏଥିରେ ସେହି ମିଶରୀୟ ଲୋକଜଣକ କହିଲା ଯେ ଅମୀରୁଲ୍ ମୁମିନିନ୍! ତାଙ୍କ ପୁତ୍ର ମତେ ମାରିଥିଲା ତେଣୁ ମୁଁ ତା'ଠାରୁ ପ୍ରତିଶୋଧ ନେଇସାରିଛି । ଏଥିରେ ହଜ୍‌ରତ୍ ଉମର୍ ର:ଅ ହଜରତ ଅମ୍‌ରୋ ବିନ୍ ଆସ ର:ଅଙ୍କୁ କହିଲେ ତୁମେ କେବେଠାରୁ ଲୋକମାନଙ୍କୁ ଗୁଲାମ୍ କରି ରଖିଅଛ ଯେବେକି ସେମାନଙ୍କ ମାଆମାନେ ସେମାନଙ୍କୁ ସ୍ୱାଧିନଭାବରେ ଜନ୍ମ ଦେଇଛନ୍ତି ? ଏଥିରେ ହଜରତ ଅମ୍‌ରୋ ବିନ୍ ଆସ ର:ଅ କହିଲେ ହେ ଅମୀରୁଲ୍ ମୁମିନିନ୍! ନା ମତେ ଏ ବିଷୟରେ କିଛି ଜଣାଥିଲା ଓ ନା ଏହି ମିଶରୀୟ ଲୋକଜଣକ ମୋ ନିକଟକୁ ଆସିଥିଲା ।

***(କନଜୁଲ୍ ଅମାଲ୍, କିତାବୁଲ୍ ଫଜାଇଲ୍..... ରିୱାୟତ ନଂ-୩୬୦୦୫....... ବେରୁତ)***

ହଜ୍‌ରତ୍ ଉମର୍ ର:ଅଙ୍କ ମଧ୍ୟରେ କେତେ ଉତ୍ସାହ ଓ ସାହାସ ଥିଲା । ଗୋଟିଏ ରିୱାୟତ୍‌ରେ ଆସୁଛି ଯେ ଏକଦା ହଜ୍‌ରତ୍ ଉମର୍ ର:ଅ ଖୁତ୍‌ବା ଦେଉଥିବା ସମୟରେ କହିଲେ । ହେ ଲୋକମାନେ ! ତୁମମାନଙ୍କ ମଧ୍ୟରୁ ଯଦି କିଏ ମୋ'ଠାରେ କିଛି ତ୍ରୁଟି ପରିଲକ୍ଷିତ କରେ ତା'ହେଲେ ତାହାକୁ ସେ ସୁଧାରି ଦେଉ । ଏକଥା ଶୁଣି ଜଣେ ବ୍ୟକ୍ତି ଛିଡ଼ା ହେଲା ଓ କହିଲା ଯଦି ଆମେ ଆପଣଙ୍କ ନିକଟରେ ଦୋଷ ଓ ଦୁର୍ବଳତା ପରିଲକ୍ଷିତ କରିବୁ ତେବେ ଆମେ ତାହାକୁ ନିଜ ଖଣ୍ଡା ମାଧ୍ୟମରେ ଦୂର କରିବୁ । ଏଥିରେ ହଜ୍‌ରତ୍ ଉମର୍ ର:ଅ ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କଲେ, ଯେ ଅଲ୍ଲାଃଙ୍କ କୃପାରୁ ଏହି ସମ୍ପ୍ରଦାୟରେ ଏଭଳି ବ୍ୟକ୍ତି ଅଛନ୍ତି ଯିଏ ଉମରଙ୍କ ତ୍ରୁଟି ଓ ଦୋଷକୁ ନିଜ ତରବାରୀ ଜରିଆରେ ସୁଧାରି ନେବେ ।

***(ସିରତ୍ ଉମର୍ ବିନ୍ ଖତାବ୍..... ପୃ-୧୦୬.......ବେରୁତ)***

ପୁଣି ହଜ୍‌ରତ୍ ଉମର୍ ର:ଅ ଖୁତ୍‌ବା ପ୍ରଦାନ କରି କହିଲେ: ମତେ ଭଲ କାର୍ଯ୍ୟ କରିବାପାଇଁ ଉପଦେଶ ଦେଇ, ମନ୍ଦ କାର୍ଯ୍ୟରୁ ରୋକି ଦେଇ ଏବଂ ମତେ ସଠିକ୍ ମାର୍ଗରେ ପରିଚାଳିତ ହେବାପାଇଁ ଉପଦେଶ ଦେଇ ମୋର ସାହାଯ୍ୟ କର ।

***(ସିରତ୍ ଉମର୍ ବିନ୍ ଖତାବ୍..... ପୃ-୧୦୭.......ବେରୁତ)***

ହଜ୍‌ରତ୍ ଉମର୍ ର:ଅ କହିଲେ, ମୋ ନିକଟରେ ସବୁଠାରୁ ଅଧିକ ପ୍ରିୟ ବ୍ୟକ୍ତି ସେ ଯେ ମୋ ଦୋଷତ୍ରୁଟି ପ୍ରସଙ୍ଗରେ ମୋତେ ଅବଗତ କରାଇବ ।

***(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୨୨୨..... ବେରୁତ)***

ହଜ୍‌ରତ୍ ଉମର୍ ର:ଅଙ୍କର ଆଉ ଏକ କଥନ ଏପରି ଉଲ୍ଲେଖ ରହିଛି, ଯେ ଆପଣ କହିଲେ; ମୋର ଭୟ ରହିଛି ଯେ ଯଦି ମୁଁ କିଛି ଭୂଲ କରିବସେ ଏବଂ ମୋତେ ସେଥିସଂକ୍ରାନ୍ତରେ କେହି ସତ୍‌ମାର୍ଗ ପ୍ରତି ଧ୍ୟାନ ଆକର୍ଷିତ କରିବାକୁ ନିରବ ରୁହେ । ଅର୍ଥାତ ମତେ ସେ ସିଧା ରାସ୍ତା ନ ଦେଖାଏ ।

***(ସିରତ୍ ଉମର୍ ବିନ୍ ଖତାବ୍..... ପୃ-୧୦୭.......ବେରୁତ)***

ଦିନେ ଆପଣଙ୍କ ନିକଟକୁ ଜଣେ ବ୍ୟକ୍ତି ଆସିଲେ ଏବଂ ସମସ୍ତଙ୍କ ସମ୍ମୁଖରେ କହିଲେ; ହେ ଉମର ! ଅଲ୍ଲାଃଙ୍କୁ ଭୟ କର । କେତେକ ଲୋକ ତାଙ୍କ କଥା ଶୁଣି କ୍ରୋଧିତ ହୋଇ ଉଠିଲେ ଏବଂ ତାହାକୁ ଚୁପ୍ କରିବାକୁ ପ୍ରୟାସ କଲେ । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ: ତୁମମାନଙ୍କ ମଧ୍ୟରେ କୌଣସି ଭଲ ଓ ଉତମତା ନାହିଁ ଯଦି ତୁମେମାନେ ଦୋଷତ୍ରୁଟି ଦେଖି ସେଥିପ୍ରତି ଧ୍ୟାନ ଆକର୍ଷିତ ନ କର ଓ ମୌନ ରହିଯାଅ ଓ ଆମ ମଧ୍ୟରେ କିଛି ବି ଉତମତା ନାହିଁ ଯଦି ଆମେ ତାହାକୁ ନଶୁଣୁ (ଅର୍ଥାତ ଯଦି ଆମେ ସେହି ଦୋଷତ୍ରୁଟି ପ୍ରତି ଅମନଯୋଗ କରୁ ଅର୍ଥାତ ତୁମେମାନେ ଅବାନ୍ତର ଓ ଅଯଥା କଥା କୁହ ନାହିଁ ବରଂ ନିର୍ଦ୍ଦିଷ୍ଟ କଥା କୁହ ଯେ ତୁମ କହିବାର ଉଦ୍ଦେଶ୍ୟ କ'ଣ)

***(ସିରତ୍ ଉମର୍ ବିନ୍ ଖତାବ୍..... ପୃ-୧୦୭.......ବେରୁତ)***

ଦିନେ ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କୁ ଖୁତ୍‌ବା ଦେବା ପାଇଁ ଛିଡ଼ା ହେଲେ । ସେ ଏତିକି କହିଥିଲେ ଯେ ହେ ଲୋକମାନେ ! "ଶୁଣ ଏବଂ ଆଜ୍ଞାବହତା ସ୍ୱୀକାର କର" । ଏତିକି ବେଳେ ଜଣେ ଲୋକ ଛିଡ଼ା ହୋଇ କହିଲା: ହେ ଉମର୍ ! ନା ତ ଆମେ ଶୁଣିବୁ ଓ ନା ଆଜ୍ଞାବହତା ସ୍ୱୀକାର କରିବୁ । ହଜ୍‌ରତ୍ ଉମର୍ ର:ଅ ତାକୁ ବହୁତ ନମ୍ର ଭାବରେ ପଚାରିଲେ ହେ ଅଲ୍ଲାଃଙ୍କ ଭକ୍ତ ! ଏମିତି କାହିଁକି ? ସେହି ଲୋକଜଣକ କହିଲା । ଏହା ଏଥିଯୋଗୁଁ କି ବଇତୁଲ୍ ମାଲ୍‌ରୁ (ରାଜକୋଷରୁ) ଯେଉଁ କପଡ଼ା ସମସ୍ତଙ୍କୁ ବଂଟାଯାଇଥିଲା, ସେଥିରେ ଲୋକମାନେ କେବଳ କମିଜ୍ ତିଆରି କରିପାରିଲେ । ଯୋଡ଼ା (ଅର୍ଥାତ ଉପର ଏବଂ ତଳ ଭାଗର ବସ୍ତ୍ର) ସମ୍ପୁର୍ଣ୍ଣ ହୋଇପାରିଲା ନାହିଁ । ଆପଣଙ୍କୁ ବି ସମାନ କପଡ଼ା ମିଳିଥିବ । କିନ୍ତୁ ଆପଣଙ୍କର ଯୋଡ଼ା (ଉପର ଓ ତଳ ବସ୍ତ୍ର) କିପରି ପ୍ରସ୍ତୁତ ହେଲା ? ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ: ଏହିଠାରେ ରୁହ । ପୁଣି ନିଜ ପୁତ୍ର ଅବ୍‌ଦୁଲ୍ଲାଃକୁ ଡ଼ାକି ଆଣିଲେ । ଅବ୍‌ଦୁଲ୍ଲାଃ ବତାଇଲେ ଯେ ସେ ତାଙ୍କ ବାପାଙ୍କୁ ନିଜ ଭାଗରେ ମିଳିଥିବା କପଡ଼ା ଦେଇଦେଇଥିଲେ ଯଦ୍ୱାରା ବାପାଙ୍କର ବସ୍ତ୍ର ସମ୍ପୁର୍ଣ୍ଣ ହୋଇଯିବ । ଏକଥା ଶୁଣି ସବୁ ଲୋକ ସନ୍ତୁଷ୍ଟ ହେଲେ । ପୁଣି ସେହି ଲୋକ ଜଣକ କହିଲା ହେ ଅମୀରୁଲ୍ ମୁମିନିନ୍! ଏବେ ମୁଁ ଶୁଣିବି ଏବଂ ଆଜ୍ଞାବହତା ସ୍ୱୀକାର କରିବି ।

***(ସିରତ୍ ଉମର୍ ବିନ୍ ଖତାବ୍..... ପୃ-୧୦୭.......ବେରୁତ)***

କିଛି ଏମିତି ସ୍ୱଭାବର ଲୋକମାନେ ବି ଥାଆନ୍ତି କିନ୍ତୁ ଏହି ପ୍ରକାରର କଥା ଆଁ ହଜରତ ସ:ଆ:ସଙ୍କ ଦ୍ୱାରା ପ୍ରଶିକ୍ଷଣ ପାଇଥିବା ସାହାବିମାନଙ୍କ ମୁହଁରୁ କେବେ ବି ଆପଣମାନେ ଶୁଣିବେ ନାହିଁ । ଏହି ଲୋକମାନେ ବହୁତ ପରେ ଇସ୍‌ଲାମ୍ ଗ୍ରହଣ କରିଥିଲେ ବା ଏମାନେ ସମ୍ପୁର୍ଣ୍ଣ ରୂପେ ମୂର୍ଖ ଓ ଅଶିକ୍ଷିତ ଶ୍ରେଣୀର ଲୋକ ଥିଲେ । କିନ୍ତୁ ଯେଉଁ ବଡ଼ ବଡ଼ ସାହାବିମାନେ ଥିଲେ, ସେମାନଙ୍କ ମଧ୍ୟରେ ଏପରି କଥା ମିଳିନଥାଏ । ସେମାନେ ତ ପୂର୍ଣ୍ଣ ଆଜ୍ଞାକାରୀ ଥିଲେ ।

ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ସ୍ୱାଧିନତା ଦେଇଛି । ଏ ସମ୍ବନ୍ଧରେ ହଜ୍‌ରତ୍ ଉମର୍ ର:ଅଙ୍କର କ'ଣ ଶୈଳୀ ଥିଲା । ହଜ୍‌ରତ୍ ଉମର୍ ର:ଅ ଧାର୍ମିକ ମାମଲାରେ ଇସଲାମୀୟ ଶିକ୍ଷାର ବିଶେଷ ଖିଆଲ ରଖୁଥିଲେ । ସିକନ୍ଦରିୟା ବିଜୟ ପରେ ସେଠିକାର ହାକିମ୍ ହଜରତ ଅମ୍‌ରୋ ବିନ୍ ଆସ୍ ର:ଅଙ୍କୁ ବାର୍ତା ପଠାଇଲେ ଯେ ହେ ଆରବର ଜାତି ସମୂହ ! ମୁଁ ତୁମମାନଙ୍କଠାରୁ ଅଧିକା ଘୃଣ୍ୟ ଜାତି ଅର୍ଥାତ ଫରାସୀ ଓ ରୋମୀମାନଙ୍କୁ ଜିଜିୟା ଦେଉଥିଲି । ଯଦି ଆପଣ ପସନ୍ଦ କରିବେ ତା'ହେଲେ ମୁଁ ଆପଣଙ୍କୁ ଜିଜିୟା କର ଦେବାପାଇଁ ପ୍ରସ୍ତୁତ ଅଛି । କିନ୍ତୁ ସର୍ତ ହେଉଛି ଏହା କି ଆପଣ ମୋ ଇଲାକାର ଯୁଦ୍ଧବନ୍ଦୀମାନଙ୍କୁ ଫେରାଇ ଦିଅନ୍ତୁ । ହଜରତ ଅମ୍‌ରୋ ବିନ୍ ଆସ୍ ଖିଲାଫତ୍‌ର ଦରବାରରେ ସମସ୍ତ ବିଷୟ ଲେଖି ଜଣାଇଲେ । ହଜ୍‌ରତ୍ ଉମର୍ ର:ଅଙ୍କର ଉତର ଆସିଲା ଯେ: ତୁମେ ସିକନ୍ଦରିୟାର ହାକିମ ସମ୍ମୁଖରେ ଏ ପ୍ରସ୍ତାବ ରଖ ଯେ ସେ ଜିଜିୟା କର ଦେଉ କିନ୍ତୁ ଯେଉଁ ଯୁଦ୍ଧବନ୍ଦୀମାନେ ତୁମ କବ୍‌ଜାରେ ଅଛନ୍ତି ଅର୍ଥାତ ମୁସଲମାନଙ୍କ କବ୍‌ଜାରେ ଅଛନ୍ତି, ସେମାନଙ୍କୁ ଅକ୍ତିଆର ଦିଆଯିବ ଯେ ସେମାନେ ଇସ୍‌ଲାମ୍ ଗ୍ରହଣ କରନ୍ତୁ ବା ନିଜ ଜାତିର ଧର୍ମ ଉପରେ ତିଷ୍ଠି ରହନ୍ତୁ । ଯିଏ ମୁସଲମାନ ହୋଇଯିବ ସେ ମୁସଲମାନମାନଙ୍କ ମଧ୍ୟରେ ଗଣା ହେବ ଓ ତା'ର ଅଧିକାର ଓ କର୍ତବ୍ୟ ସେମାନଙ୍କ ପରି ହେବ ଅର୍ଥାତ ମୁସଲମାନମାନଙ୍କ ସଦୃଶ ହେବ । କିନ୍ତୁ ଯିଏ ନିଜ ଧର୍ମରେ ରହିବାକୁ ଚାହିଁବ (ଓ ମୁସଲମାନ ହେବାକୁ ଚାହିଁବ ନାହିଁ) ତା' ଉପରେ ସେହି ଜିଜିୟା କର ଧାର୍ଯ୍ୟ କରାଯିବ ଯାହା ସେମାନଙ୍କ ସାଥି ଧର୍ମାବଲମ୍ବୀମାନଙ୍କ ଉପରେ ଧାର୍ଯ୍ୟ ରହିଛି । ଅତଏବ ଅମ୍‌ରୋ ବିନ୍ ଆସ ର:ଅ ସମସ୍ତ କଏଦୀଙ୍କୁ ଏକାଠି କଲେ ଓ ସେମାନଙ୍କୁ ଖଲିଫାଙ୍କ ଆଦେଶ ପଢ଼ି ଶୁଣାଇ ଦିଆଗଲା । ଏଥିରେ ବହୁତ କଏଦି ମୁସଲମାନ ହୋଇଗଲେ ।

***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୫୧୨,୫୧୩.......ବେରୁତ ୨୦୧୨)***

ଧାର୍ମିକ ସ୍ୱାଧିନତା ପ୍ରତି ହଜ୍‌ରତ୍ ଉମର୍ ର:ଅ କେତେମାତ୍ରାରେ ଯତ୍ନବାନ ଥିଲେ । ଏ ସମ୍ବନ୍ଧରେ ଗୋଟିଏ ଘଟଣା ମିଳୁଛି ଯେ ଥରେ ଜଣେ ଖ୍ରୀଷ୍ଟିୟାନ୍ ବୃଦ୍ଧା ମହିଳା ନିଜର କିଛି ଆବଶ୍ୟକତା ପାଇଁ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଆସିଲା । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ କହିଲେ ତୁମେ ମୁସଲମାନ ହୋଇଯାଅ ସୁରକ୍ଷିତ ରହିବ । ଅଲ୍ଲାଃ ତାଲା ମୁହମ୍ମଦ ସ:ଆ:ସଙ୍କୁ ସତ୍ୟ ଦେଇ ପଠାଇ ଥିଲେ । ସେ ଉତର ଦେଲା ମୁଁ ବୁଢ଼ି ମହିଳା ଓ ମୋର ମୃତ୍ୟୁ ନିକଟତର । ହଜ୍‌ରତ୍ ଉମର୍ ର:ଅ ତା'ର ଆବଶ୍ୟକତାକୁ ପୂରଣ କରିଦେଲେ । କିନ୍ତୁ ଭୟ କଲେ ଯେ କାଳେ ଆପଣଙ୍କର ଏହି ସାହାଯ୍ୟ ଦ୍ୱାରା, ସେ ଏଥିରେ ପ୍ରଭାବିତ ହୋଇ ମୁସଲମାନ

ନ ହୋଇଯାଉ । ତେଣୁ ହଜ୍‌ରତ୍ ଉମର୍ ର:ଅ ଅଲ୍ଲାହ୍ଙ୍କଠାରୁ କ୍ଷମାଜାଚନା କଲେ ତୌବାଃ କଲେ ଏବଂ କହିଲେ ହେ ଅଲ୍ଲାଃ ! ମୁଁ ତାକୁ ସିଧା ମାର୍ଗ ଦେଖାଇଥିଲି । ତାକୁ ବାଧ କରିନଥିଲି । ବହୁତ ଯତ୍ନବାନ ଥିଲେ ।

***(ସୟଦନା ଉମର୍ ବିନ୍ ଖତାବ୍ ଅଜ୍ ଡ଼ାଃ- ଅଲି ମୁହମ୍ମଦ ସଲାବି, ପୃ- ୧୦୧.......ବେରୁତ ୨୦୦୭)***

ପୁଣି ଏକ ଘଟଣା ରହିଛି । ହଜ୍‌ରତ୍ ଉମର୍ ର:ଅଙ୍କର ଜଣେ ଇସାଇ ଗୁଲାମ୍ ଥିଲେ । ତା'ର ନା ଥିଲ ଅଶକ୍ । ସେ ବର୍ଣ୍ଣନା କରିଛି ଯେ ମତେ ହଜ୍‌ରତ୍ ଉମର୍ ର:ଅ ମୁସଲମାନ ହେବାପାଇଁ କହିଲେ ଯଦ୍ୱାରା ସେ ମୋଠାରୁ କିଛି ମାମଲାରେ ସାହାଯ୍ୟ/ପରାମର୍ଶ ନେଇପାରିବେ । କାରଣ ତାଙ୍କ ପାଇଁ ଏହା ଠିକ୍ ନଥିଲା ଯେ ସେ ଜଣେ ଅଣମୁସଲିମ୍‌ଙ୍କଠାରୁ ସାହାଯ୍ୟ/ପରାମର୍ଶ ନେବେ । କିନ୍ତୁ ମୁଁ ମୁସଲମାନ ହେବାକୁ ମନା କରିଦେଲି । ସେ ଆପଣଙ୍କ ପ୍ରସ୍ତାବକୁ ଅସ୍ୱୀକାର କଲା । ଏଥିରେ ଆପଣ ର:ଅ କହିଲେ: **ଲାଇକ୍‌ରାହା ଫିଦ୍‌ଦିନ୍** ଅର୍ଥାତ ଧର୍ମ ମାର୍ଗରେ କୌଣସି ବାଧ ବାଧକତା ନାହିଁ । ହଜ୍‌ରତ୍ ଉମର୍ ର:ଅ ନିଜ ଅନ୍ତିମ ସମୟ ବେଳକୁ ସେହି କ୍ରୀତଦାସକୁ ସ୍ୱାଧୀନ କରିଦେଇଥିଲେ ଏବଂ ତାକୁ କହିଲେ ତୁମର ଯେଉଁ ଆଡ଼େ ଇଚ୍ଛା ସେହି ଆଡେ ଚାଲିଯାଅ ।

***(ସୟଦନା ଉମର୍ ବିନ୍ ଖତାବ୍ ....... ମୁତରଜିମ୍ ଉର୍ଦ୍ଦୁ, ପୃ- ୧୮୪.......ପାକିସ୍ତାନ)***

ହଜ୍‌ରତ୍ ଉମର୍ ର:ଅ ଜୀବଜନ୍ତୁମାନଙ୍କ ଉପରେ ଅତ୍ୟନ୍ତ ଦୟା ଆଚରଣ କରୁଥିଲେ ଅହ୍‌ନଫ୍ ବିନ୍ କୈସ୍‌ଙ୍କର ବର୍ଣ୍ଣନା ଯେ ଆମେ ଉମର୍ ବିନ୍ ଖତାବ୍ ର:ଅଙ୍କ ନିକଟକୁ ଗୋଟିଏ ପ୍ରତିନିଧିଦଳ ଆକାରରେ ମହାନ ବିଜୟର ସୁସମାଚାର ନେଇ ଆସିଲୁ । ହଜ୍‌ରତ୍ ଉମର୍ ର:ଅ ପଚାରିଲେ ଆପଣମାନେ କେଉଁଠାରେ ଅଛ ? ମୁଁ କହିଲି ଅମୁକ ସ୍ଥାନରେ ରହିଛୁ । ପୁଣି ଆପଣ ର:ଅ ମୋ ସହିତ ଚାଲିଲେ । ଯେଉଁଠାରେ ଆମ ବାହନ ଗୁଡିକ ଅର୍ଥାତ ଓଟଗୁଡ଼ିକ ବନ୍ଧାଯାଇଥିଲେ, ସେ ସେଠାକୁ ଯାଇ ଗୋଟିଏ ଗୋଟିଏ ଓଟକୁ ନିରୀକ୍ଷଣ କରି ଦେଖିଲେ ଓ କହିଲେ କ'ଣ ତୁମେମାନେ ନିଜ ବାହନଗୁଡ଼ିକ ସମ୍ୱନ୍ଧରେ ଅଲ୍ଲାଃଙ୍କ ଭୟ କରୁନାହଁ । କଣ ତୁମେ ଏହା ଜାଣିନାହଁ ଯେ ସେମାନଙ୍କ ପ୍ରତି ତୁମର ମଧ୍ୟ କର୍ତବ୍ୟ ରହିଛି ? ସେମାନଙ୍କୁ କାହିଁକି ଖୋଲିଦେଲ ନାହିଁ ଯଦ୍ୱାରା ସେମାନେ ଘାସ ଇତ୍ୟାଦି ଚରିଥାନ୍ତେ ।

***(ସିରତ୍ ଉମର୍ ବିନ୍ ଖତାବ୍..... ପୃ-୧୭୧.......ବେରୁତ)***

ଗୋଟିଏ ଓଟର ପିଠିରେ ଆଘାତ ଲାଗିଥିବାର ଆପଣ ଦେଖିବାକୁ ପାଇଲେ । ଅତଏବ ଆପଣ କହିଲେ; ଏଥିସଂକ୍ରାନ୍ତରେ ମଧ୍ୟ ମୋତେ ପ୍ରଭୁ ପ୍ରଶ୍ନ କରିବାକୁ ନେଇ ମୁଁ ଭୟଭୀତ ରହିଛି ।

***(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୨୧୭..... ବେରୁତ)***

ପୁଣି ଗୋଟିଏ ରିଓ୍ୱାୟତ୍ ଅସଲମ୍‌ଙ୍କଠାରୁ ରହିଛି ଯେ, ସେ ବର୍ଣ୍ଣନା କରିଛି ଯେ ଏକଦା ହଜ୍‌ରତ୍ ଉମର୍ ର:ଅ କହିଲେ: ମୋ ମନରେ ତାଜା ମାଛ ଖାଇବା ପାଇଁ ଇଚ୍ଛା ପ୍ରକାଶ ପାଉଛି । ସୁତରାଂ ୟର୍‌ଫା ନାମକ ଜଣେ କ୍ରୀତଦାସ ଗୋଟିଏ ବାହନକୁ ୪ ମାଇଲ୍ ପର୍ଯ୍ୟନ୍ତ ଦୌଡ଼ାଇ (ବଜାର)ରୁ ମାଛ କିଣି ଆଣିଲା । ପୁଣି ବାହନକୁ ଗାଧୋଇ ଦେଲା । ଠିକ୍ ଏତିକିବେଳେ ହଜ୍‌ରତ୍ ଉମର୍ ର:ଅ ଆସି ପହଂଚିଲେ ଓ ସେହି ବାହନକୁ ଦେଖି କହିଲେ । ତୁମେ ଏହି ଓଟର କାନରେ ଲାଗିଥିବା ଝଳକୁ ଧୋଇନାହଁ ତୁମେ ତୁମର ଇଚ୍ଛା ପୂରଣ କରିବା ଲାଗି ଗୋଟିଏ ଜାନ୍‌ଓ୍ୱର୍ (ପଶୁ)କୁ କଷ୍ଟ ଦେଲ ଓ ମୋ ପାଇଁ ତୁମେ ଗୋଟିଏ ନିରୀହ ପ୍ରାଣୀକୁ କଷ୍ଟ ଦେଲ । ଅଲ୍ଲାଃଙ୍କ ରାଣ ! ଉମର ତୁମର ଏହି ମାଛକୁ ଚାଖିବ ବି ନାହିଁ ।

***(କନଜୁଲ୍ ଆମାଲ୍ କିତାବୁଲ୍ ଫଜାଇଲ୍ ଖଣ୍ଡ-୬, ପୃ-୨୮୭, ରିଓ୍ୱାୟତ୍ ନଂ-୩୫୯୬୬....... ବେରୁତ)***

ଥରେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଗ୍ରୀଷ୍ମ ଋତୁରେ ଇରାକ୍‌ରୁ ଗୋଟିଏ ପ୍ରତିନିଧିମଣ୍ଡଳ ଆସି ପହଂଚିଲା । ସେଥିବରେ ଅହ୍‌ନଫ୍ ବିନ୍ କୈସ୍ ମଧ୍ୟ ଥିଲେ । ହଜ୍‌ରତ୍ ଉମର୍ ର:ଅ ମୁଣ୍ଡରେ ପଗଡ଼ି ବାନ୍ଧି ଜକାତ୍‌ର ଗୋଟିଏ ଓଟକୁ ତାର୍‌କୋଲ୍ ଲଗାଉଥିଲେ । ପୁଣି ଆପଣ ର:ଅ କହିଲେ ହେ ଅହ୍‌ନଫ୍ ! ନିଜର ବସ୍ତ୍ର ବାହାର କରି ଆସ ଏବଂ ଏହି ଓଟ ସହିତ ଅମୀରୁଲ୍ ମୁମିନିନ୍‌ଙ୍କୁ ସାହାଯ୍ୟ କର । ଇଏ ହେଉଛି ଜକାତ୍‌ର ଓଟ । ଏଥିରେ ଅନାଥ, ବିଧିବା ଏବଂ ଗରୀବମାନଙ୍କର ଅଧିକାର ରହିଛି ।

***(କନଜୁଲ୍ ଆମାଲ୍, ଖଣ୍ଡ-୩, ପୃ- ୩୦୩...... ହଦିସ୍- ୧୪୩୦୩..... ବେରୁତ)***

ହଜ୍‌ରତ୍ ଉମର୍ ର:ଅ ଜଣେ ଇହୁଦୀକୁ କିପରି ଉତର ଦେଇଥିଲେ । ସେ ସମ୍ୱନ୍ଧରେ ଗୋଟିଏ ରିଓ୍ୱାୟତ ରହିଛି । ଇହୁଦୀମାନଙ୍କ ମଧ୍ୟରୁ ଜଣେ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲା । ଅମୀରୁଲ୍ ମୁମିନିନ୍ ! ଆପଣଙ୍କ ପୁସ୍ତକରେ ଗୋଟିଏ ଆୟତ ଅଛି । ଯାହାକୁ ଆପଣ ପାଠ କରୁଛନ୍ତି । ଯଦି ତାହା ଆମ ଉପରେ ଅର୍ଥାତ ଇହୁଦୀମାନଙ୍କ ଉପରେ ଅବତୀର୍ଣ୍ଣ ହୋଇଥା'ନ୍ତା, ତା'ହେଲେ ଆମେ ସେହି ଦିନଟିକୁ ଈଦ୍ ଭାବରେ ପାଳନ କରିଥାନ୍ତୁ । ହଜ୍‌ରତ୍ ଉମର୍ ର:ଅ ପଚାରିଲେ, ସେହି ଆୟତଟି କଣ ? ସେ କହିଲା **ଅଲ୍‌ୟୋମା ଅକ୍‌ମଲ୍‌ତୁ ଲକୁମ୍ ଦୀନକୁମ୍ ଓ୍ୱ ଅତ୍‌ମମ୍‌ତୁ ଆଲେକୁମ୍ ନେମତି ଓ୍ୱ ରଜଇତୁ ଲକୁମୁଲ୍ ଇସ୍‌ଲାମା ଦୀନା (ଅଲ୍‌ମାଇଦାଃ:୪)** ଅର୍ଥାତ ଆଜି ଆମ୍ଭେ ତୁମର ଧର୍ମକୁ ତୁମମାନଙ୍କ ପାଇଁ ସମ୍ପୂର୍ଣ୍ଣ କରିଦେଲୁ ଏବଂ ତୁମମାନଙ୍କ ପ୍ରତି ଆମ୍ଭର ଅନୁଗ୍ରହକୁ ସମ୍ପୂର୍ଣ୍ଣ କରିଅଛୁ ଏବଂ ତୁମମାନଙ୍କ ସକାଶେ 'ଇସ୍‌ଲାମ୍‌କୁ' ଧର୍ମ ରୂପେ ପସନ୍ଦ କରିଅଛୁ । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ଯେ ଆମକୁ ସେହି ଦିନ ଏବଂ ସେହି ସ୍ଥାନ ମଧ୍ୟ ଜଣା ଯେଉଁଠି ନବୀ ସ:ଆ:ସଙ୍କ ଉପରେ ଏହି ଆୟତ ଅବତୀର୍ଣ୍ଣ ହୋଇଥିଲା । ମହାଭାଗ ସ:ଆ:ସ ସେତେବେଳେ ଜୁମା ଦିନ ଆରାଫତ୍‌ଠାରେ ଛିଡ଼ା ହୋଇଥିଲେ ।

***(ସହି ବୁଖାରୀ, କିତାବୁଲ୍ ଇମାନ୍,...... ହଦିସ୍-୪୫)***

ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି: ଏକଦା ଜଣେ ୟହୁଦୀ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ ପବିତ୍ର କୁରଆନ୍‌ରେ ଏପରି ଏକ ପଂକ୍ତି ରହିଛି, ଯେ ଯଦି ତାହା ଆମ ଧର୍ମ ପୁସ୍ତକରେ ରହିଥାନ୍ତା ତେବେ ଆମେ ସେହି ଦିନକୁ ଇଦ୍ ରୂପେ ପାଳନ କରିଥାନ୍ତୁ । ହଜ୍‌ରତ୍ ଉମର୍ ର:ଅ କହିଲେ; ତାହା କେଉଁ ପଂକ୍ତି ? ସେ ଉତର ଦେଲା **ଅଲ୍ ୟୋମା ଅକମଲ୍‌ତୁ ଲକୁମ୍ ଦିନକୁମ୍** । ଏଥିରେ ଆପଣ କହିଲେ: **ତାହା ତ ଆମମାନଙ୍କ ପାଇଁ ଦୁଇ ଦୁଇଟି ଇଦ୍ ଥିଲା ଅର୍ଥାତ ଉକ୍ତ ପଂକ୍ତିଟି ଜୁମା ଓ ଅରଫା'ର ଦିନ ଅବତୀର୍ଣ୍ଣ ହୋଇଥିଲା" । *(ତଫ୍‌ସୀର୍ କବୀର୍, ଖଣ୍ଡ-୪, ପୃ-୬)***

କେତେକ ବୟୋଜ୍ୟୋଷ୍ଠ ବ୍ୟକ୍ତି କୁହନ୍ତି: ଯେତେବେଳେ ଲୋକମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଉଥିଲେ ସେତେବେଳେ ଦେଖାଯାଉଥିଲଶ ଯେ ହଜ୍‌ରତ୍ ଉମର୍ ର:ଅ ଏ ସମ୍ୱନ୍ଧରେ କ'ଣ କରିଛନ୍ତି । କାରଣ ହଜ୍‌ରତ୍ ଉମର୍ ର:ଅ ପରାମର୍ଶ ନନେଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିଲେ ।

***(ହୁଲିୟତୁଲ୍ ଅଓଲିୟା, ଖଣ୍ଡ-୪, ପୃ-୩୦୪-୩୦୫, ରିଓ୍ୱାୟତ୍ ନଂ- ୫୮୪୧.....୨୦୦୭)***

ହଜରତ କବିସା ବିନ୍ ଜାବିର ର:ଅ କୁହନ୍ତି: ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ରହିଛି ମୁଁ ଆପଣଙ୍କ ଠାରୁ ଅଧିକ କୁର୍‌ଆନ୍ ପାଠ କରୁଥିବା, ଅଲ୍ଲାଃଙ୍କ ଧର୍ମକୁ ବୁଝୁଥିବା ଓ ଉତମ ଉପଦେଷ୍ଟା ଅନ୍ୟ କାହାରିକୁ ଦେଖିନାହିଁ ।

***(ତାରିଖେ ଦମିଶକ୍ ଅଲ୍‌କବୀର୍.... ଖଣ୍ଡ-୧୧, ପୃ- ୨୧, ପୃ-୧୨୮...... ୨୦୦୧)***

ହଜରତ ହସନ୍ ବସ୍‌ରି କୁହନ୍ତି: ଯଦି ତୁମେ ନିଜ ବୈଠକଗୁଡ଼ିକୁ ସୁବାସିତ କରିବାକୁ ଚାହୁଁଛ ତେବେ ହଜ୍‌ରତ୍ ଉମର୍ ର:ଅଙ୍କର ବହୁତ ଚର୍ଚ୍ଚା କର ।

***(ସିରତ୍ ଉମର୍ ବିନ୍ ଖତାବ୍..... ପୃ-୨୧୭....... ଅଜ୍‌ହର୍)***

ମୁଜାହିଦ୍ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଉମର୍ ର:ଅଙ୍କ ସମୟ କାଳରେ ଶୈତାନ କବଳିତ ଥିଲା । ଯେତେବେଳେ ଆପଣ ଶହିଦ୍ ହୋଇଗଲେ ଶୈତାନ୍ ଆନନ୍ଦରେ ଡ଼ିଆଁ ମାରିବାକୁ ଲାଗିଲା ।

***(ସିରତ୍ ଉମର୍ ବିନ୍ ଖତାବ୍..... ପୃ-୨୧୭....... ଅଜ୍‌ହର୍)***

ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ୱନ୍ଧରେ ଆସୁଛି ଯେ ତାଙ୍କର ଶେର୍ ଶାଏରୀ ପ୍ରତି ବହୁତ ଆଗ୍ରହ ଥଲା । ସେ ନିଜେ ଶେର୍ (କବିତା) କହୁନଥିଲେ କିନ୍ତୁ ଶୁଣିବାକୁ ପସନ୍ଦ କରୁଥିଲେ । ହଜରତ ଅବ୍‌ଦୁଲ୍ଲାଃ ବିନ୍ ଅବ୍ବାସ୍ ର:ଅ କହୁଛନ୍ତି ଯେ: ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ଗୋଟିଏ ଯାତ୍ରାରେ ବାହାରିଲି । ଗୋଟିଏ ରାତିରେ ସମସ୍ତେ ଚାଲୁଥିଲେ, ମୁଁ ତାଙ୍କ ନିକଟକୁ ଗଲି, ସେତେବେଳେ ସେ ପାଲାନ୍‌ର ଅଗ୍ରଭାଗକୁ ଗୋଟିଏ ଚାବୁକ ମାରି ନିମ୍ନଲିଖିତ ପଦ ପଢ଼ିଲେ:-

**କଜବ୍‌ତୁମ୍ ଓ୍ୱ ବଇତିଲ୍ଲାହି ୟୁକ୍‌ତଲୁ ଅହ୍‌ମଦ୍**
**ଓ୍ୱ ଲମ୍ମା ନୁତାଇନ୍ ଦୁନହୁ ଓ୍ୱ ନୁନାଜିଲୁ**
**ଓ୍ୱ ନୁସ୍‌ଲିମୁହୁ ହତ୍‌ତା ନୁସର୍‌ରଅ ହୌଲ ହୁ**
**ଓ୍ୱ ନଜ୍‌ହଲା ଅନ୍ ଅବ୍‌ନାଇନା ଓ୍ୱଲ୍ ହଲାଇଲ୍**

ଅର୍ଥାତ:- ତୁମେ ମିଥ୍ୟା

କହୁଅଛ । ଅଲ୍ଲାଃଙ୍କ ଗୃହ ଖାନାକାବାର ରାଣ ! ହଜରତ ଅହମଦ୍ ସ:ଆ:ସ ଶହୀଦ୍ ହୋଇପାରିବେ ନାହିଁ ଯେ ପର୍ଯ୍ୟନ୍ତ ଆମେ ତାଙ୍କ ସୁରକ୍ଷା ନିମନ୍ତେ କନ୍ତ ଚାଳନା ଓ ତରବାରୀ ଚାଳନା କରୁଥିବୁ । ଆମେ ତାଙ୍କ ସାଥି ସେପର୍ଯ୍ୟନ୍ତ ଛାଡ଼ିବୁ ନାହିଁ ଯେପର୍ଯ୍ୟନ୍ତ ଆମେମାନେ ତାଙ୍କ ନିକଟରେ ଯୁଦ୍ଧ କରି କରି ମରି ନ ଯାଇଛୁ ଏବଂ ନିଜର ସୁପୁତ୍ର ଓ ସ୍ତ୍ରୀ ପିଲାଙ୍କୁ ଭୁଲି ନଯାଇଛୁ ।

**ୱମା ହମଲତ୍ ମିନ୍ ନାକତିନ୍ ଫୌକା ରହ୍‌ଲିହା**
**ଅବର୍‌ରା ୱ ଅଓଫା ଜିମ୍ମତନ୍ ମିନ୍ ମୁହମ୍ମଦିନ୍**

ଅର୍ଥାତ କୌଣସି ଓଟ ନିଜ ପିଠି ଉପରେ ହଜରତ ମୁହମ୍ମଦ୍ ସ:ଆ:ସଙ୍କଠାରୁ ବଳି ପୂଣ୍ୟବାନ ଓ ପ୍ରତିଶୃତି ପୂରଣକାରୀ ଲୋକକୁ ବସାଇନାହିଁ । ***(ତାରିଖୁଲ ତିବ୍‌ରି, ଖଣ୍ଡ-୨, ପୃ-୫୬୭......୨୦୧୨)***

ଜଣେ ଐତିହାସିକ ଡ଼ାକ୍ତର ଅଲୀ ମୁହମ୍ମଦ ସଲାବୀ ନିଜ ପୁସ୍ତକରେ ଲେଖିଛନ୍ତି: ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମୀୟ ପରମ୍ପରାରେ ଜଣେ ମହାନ ପ୍ରତିପାଳକ ଥିଲେ । ଆପଣ କବିତାକୁ ପସନ୍ଦ କରୁଥିଲେ ଏବଂ ଶେର୍ ଶାଇରୀ ପ୍ରତି ହଜ୍‌ରତ୍ ଉମର୍ ର:ଅଙ୍କର ଆଗ୍ରହ ବିଷୟରେ ସେ କହିଲେ ଯେ ଖଲିଫା ରାଶ୍‌ଦୀନ୍‌ଙ୍କ ମଧ୍ୟରେ ସବୁଠାରୁ ଅଧିକା ଶେର୍ (ପଦ) ଜରିଆରେ ଉପମା ଦେଉଥିବା ଖଲିଫା ଥିଲେ ହଜ୍‌ରତ୍ ଉମର୍ ର:ଅ ।

ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ବନ୍ଧରେ କିଛି ଲୋକ ଏକଥା ମଧ୍ୟ କହିଛନ୍ତି ଯେ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ମୁଖରେ କୌଣସି ବି ମାମଲା ଆସୁଥିଲା ତ ଆପଣ ର:ଅ ସେଥିରେ ନିଜର ଶେର୍ (ପଦ୍ୟ) ଶୁଣାଉଥିଲେ । ବର୍ଣ୍ଣିତ ଅଛି ଯେ ଥରେ ସେ ନୂଆ ଯୋଡ଼ା (ବସ୍ତ୍ର) ପରିଧାନ କରି ବାହାରକୁ ବାହାରିଲେ । ଲୋକମାନେ ତାଙ୍କୁ ବହୁତ ଧ୍ୟାନ ଦେଇ ଦେଖିଲେ । ଏଥିରେ ସେ ସେମାନଙ୍କୁ ଉଦାହରଣ ଦେଇ ନିମ୍ନଲିଖିତ ଶେର୍ (ପଦ୍ୟ) ଶୁଣାଇଦେଲେ:-

**ଲମ୍ ତୁଗ୍‌ନି ଅନ୍ ହୁର୍‌ମୁଜିନ୍ ୟୋମନ୍ ଖଜାଇନୁହୁ**
**ୱଲ୍ ଖୁଲ୍‌ଦୁ କଦ୍ ହାୱଲତ୍ ଆଦୁନ୍ ଫମା ଖଲଦୁ**
**ଅଇନାଲ୍ ମୁଲୁକୁଲ୍ ଲତି କାନତ୍ ନୱାଫିଲୁହା**
**ମିନ୍ କୁଲ୍ଲି ଅଓବିନ୍ ଇଲୈହା ରାକିବୁନ୍ ୟଫିଦୁ**

ଅର୍ଥାତ ମୃତ୍ୟୁ ସମୟରେ ହୁରମୁଜ୍‌କୁ ତା'ର ରାଜକୋଷ କିଛି ଲାଭ ଦେଲାନାହିଁ । ଆଦ୍ ସମ୍ପ୍ରଦାୟ ସଦାସର୍ବଦା ଏ ଦୁନିଆରେ ତିଷ୍ଠି ରହିବ ବୋଲି ଚେଷ୍ଟା କଲା କିନ୍ତୁ ସେ ସବୁବେଳ ପାଇଁ ରହିପାରିଲେ ନାହିଁ । ସେହି ସମ୍ରାଟମାନେ କୁଆଡ଼େ ଗଲେ ଯେଉଁମାନଙ୍କ ଝରଣାର ଘାଟ ଚାରିଆଡ଼ୁ ଆସୁଥିବା କାଫିଲାମାନଙ୍କ ତୃଷ୍ଣା ନିବାରଣ କରୁଥିଲା ।

***(ସିରତ୍ ଉମର୍ ବିନ୍ ଖତାବ୍...... ପୃ-୩୩୩....... ପାକିସ୍ତାନ)***

ଆଜି ମୁହମ୍ମଦ ସଲାବି ଲେଖିଛନ୍ତି ଯେ ହଜ୍‌ରତ୍ ଉମର୍ ର:ଅ ସେହି କବିତାକୁ ପସନ୍ଦ କରୁଥିଲେ ଯେଉଁଥିରେ ଇସ୍‌ଲାମୀୟ ଜୀବନର ଜ୍ୟୋତି ଚମକୁଥିଲା । ତାହାର ଅର୍ଥ ଇସ୍‌ଲାମୀୟ ଅର୍ଥକୁ ସମର୍ଥନ କରୁଥିଲା ଓ ଇସ୍‌ଲାମୀୟ ଶିକ୍ଷାର ବିପରୀତ ନଥିଲା । ହଜ୍‌ରତ୍ ଉମର୍ ର:ଅ ମୁସଲମାନମାନଙ୍କୁ ଭଲ ପଦ୍ୟଗୁଡ଼ିକୁ ମନେ ରଖିବା ପାଇଁ ପ୍ରୋତ୍ସାହିତ କରୁଥିଲେ ।

***(ସିରତ୍ ଉମର୍ ବିନ୍ ଖତାବ୍...... ପୃ-୩୩୬....... ପାକିସ୍ତାନ)***

ଉପ ମହାଦେଶର ପ୍ରଶିଦ୍ଧ ଜୀବନଚରିତ ଲେଖାଳୀ ଅଲ୍ଲାମା ଶିବ୍‌ଲି ନୁମାନୀ ନିଜର ପୁସ୍ତକ "ଅଲ୍‌ଫାରୁକ୍" ରେ ହଜ୍‌ରତ୍ ଉମର୍ ର:ଅଙ୍କର ଶେର୍ ଶାଇରୀ ପ୍ରତି ଥିବା ଆଗ୍ରହ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ ଏହି ଶେର୍ ଓ ଶାଇରୀ ପ୍ରସଙ୍ଗରେ ଯଦିଓ ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରଶିଦ୍ଧି ସାଧାରଣତଃ କମ୍ ଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ କବିତା (ପଦ୍ୟ) ବହୁତ କମ୍ ପାଠ କରୁଥିଲେ କିନ୍ତୁ ସେଥିପ୍ରତି ଆଗ୍ରହ ଏପରି ଥିଲା ଯେ ତାଙ୍କ ଜୀବନ ଇତିହାସରୁ ଏହି ବିଷୟକୁ ଆମେ ଛାଡ଼ି ପାରିବା ନାହିଁ । ସେ ଆରବର ଜଣେ ପ୍ରଶିଦ୍ଧ କବିଙ୍କର କବିତା ବହୁ ସଂଖ୍ୟାରେ ମନେ ରଖିଥିଲେ । ସେହିପରି ଅନ୍ୟାନ୍ୟ (ସମକାଳିନ) କବିମାନଙ୍କର କବିତା ବିଷୟରେ ତାଙ୍କର ଜ୍ଞାନ ଥିଲା । ସାହିତ୍ୟିକମାନେ ସାଧାରଣତଃ ଏକଥା ସ୍ୱୀକାର କରନ୍ତି ଯେ ହଜ୍‌ରତ୍ ଉମର୍ ର:ଅଙ୍କ ଯୁଗରେ ତାଙ୍କଠାରୁ ଅଧିକା ଆଉ କୌଣସି ବ୍ୟକ୍ତି କବିତା (ଶେର୍ ଶାଇରୀ) ପଢ଼ିନଥିଲେ ।

ଜାହିଜ୍ ନିଜର ପୁସ୍ତକ "ଅଲ୍ ବୟାନୁଲ୍ ତବିୟିନ୍"ରେ ଲେଖିଛନ୍ତି ଯେ ହଜ୍‌ରତ୍ ଉମର୍ ର:ଅ ନିଜ ସମୟରେ ସମସ୍ତଙ୍କଠାରୁ ଅଧିକା ଶେର୍ (କବିତା) ପଢ଼ି ଶୁଣାଉଥିଲେ । ଲୋକମାନଙ୍କୁ ଭଲ ଭଲ କବିତାକୁ ମନେ ରଖିବା ପାଇଁ ଉପଦେଶ ଦେଉଥିଲେ । ........ ସୁତରାଂ ହଜରତ ଅବୁ ମୁସା ଅଶଅରୀ ର:ଅଙ୍କୁ ଏ ଆଦେଶନାମା ପଠାଇଲେ ଯେ ଲୋକମାନଙ୍କୁ କବିତା (ଶେର୍) ମନେରଖିବା ପାଇଁ ନିର୍ଦ୍ଦେଶ ଦିଅ କାରଣ ଏହି କବିତା ଚରିତ୍ରର ଉଚ୍ଚତମ କଥା ଏବଂ ସଠିକ୍ ରାୟ/ମତ ଏବଂ ନ୍ୟାୟ ପାଇଁ ବାଟ ଦେଖାଇଥାଏ । ହଜରତ ଉମର ର:ଅ ସମସ୍ତ ଜିଲ୍ଲାକୁ ଯେଉଁ ନିର୍ଦ୍ଦେଶନାମା ପଠାଇଥିଲେ ତାହାର ବାକ୍ୟ ଏପରି ଥିଲା:-

ନିଜ ସନ୍ତାନମାନଙ୍କୁ ପାଣି ପହଁରା ଓ ଘୋଡ଼ା ଚଢ଼ିବା ଶିଖାନ୍ତୁ । ସେମାନଙ୍କୁ ହିତୋପଦେଶ ଏବଂ ଭଲ ଭଲ କବିତା ମନେ କରାଅ । ଅର୍ଥାତ ଜ୍ଞାନ ପ୍ରତି ସ୍ପୃହା ଓ ଉତ୍ସାହ ସୃଷ୍ଟି କର । ଏଠାରେ ଏକଥା ମଧ୍ୟ ପ୍ରଣିଧାନ ଯୋଗ୍ୟ ଯେ ହଜ୍‌ରତ୍ ଉମର୍ ର:ଅ ପ୍ରେମରାଗ ପୂର୍ଣ୍ଣ କବିତାରୁ ଭଦ୍ର ମହିଳାମାନଙ୍କ ନାମ ନେବା ପ୍ରଥାକୁ ପୂର୍ଣ୍ଣ ରୂପେ ଉଚ୍ଛେଦ କରିଦେଇଥିଲେ ଏବଂ ଏହି ଆଦେଶର ଉଲଙ୍ଘଂନ କରିବା ବ୍ୟକ୍ତି ପାଇଁ କଠୋର ଦଣ୍ଡ ବିଧାନ ପ୍ରଣୟନ କରିଥିଲେ । ସେହିପରି ହଜୁଗୋଇ (ଅର୍ଥାତ ବ୍ୟଙ୍ଗ ଓ ନିନ୍ଦାମୂଳକ କବିତା ଓ କାବ୍ୟ)କୁ ଅପରାଧ ବିବେଚନା କରିଥିଲେ । ପ୍ରଶିଦ୍ଧ ବ୍ୟଙ୍ଗ ଓ ନିନ୍ଦା ବର୍ଣ୍ଣନାକାରୀ ହୁତୟାକୁ ଏହି ଅପରାଧ ଯୋଗୁଁ ବନ୍ଦି କରିଥିଲେ ।

***(ଅଲ୍‌ଫାରୁକ୍... ପୃ-୩୩୦-୩୩୩. ଲାହୋର୍... ୧୪୩୧ ହିଜ୍‌ରୀ)***

ଅଲ୍ଲାମା ଶିବ୍‌ଲି ପୁଣି ଲେଖିଛନ୍ତି ଯେ: ସେ ଯୁଗରେ ସମସ୍ତଙ୍କଠାରୁ ବଡ଼ କବି ମୁତମ୍ମିମ୍ ବିନ୍ ନୁୱେରାଃର ଭାଇକୁ ହଜ୍‌ରତ୍ ଅବୁ ବକର ସିଦ୍ଦିକ୍ ର:ଅଙ୍କ ସମୟରେ ହଜରତ ଖାଲିଦ୍ ର:ଅ ଭୂଲରେ ହତ୍ୟା କରିଦେଇଥିଲେ । ଏହି ଘଟଣା ତା ମନରେ ଅର୍ଥାତ ମୁତମ୍ମିମ୍ ବିନ୍ ନୁୱେରାର ମନରେ ଏତେମାତ୍ରାରେ ଦୁଃଖ ପହଂଚାଇ ଥିଲା ଯେ ସେ ସବୁବେଳେ କାନ୍ଦୁଥିଲା ଓ ମର୍‌ସିୟା (ଦୁଃଖପୂର୍ଣ୍ଣ କବିତା) ପାଠ କରୁଥିଲା । ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ମୁଖରେ ଉପସ୍ଥିତ ହେଲୋ, ଆପଣ ର:ଅ ତାକୁ ମର୍‌ସିୟା ପଢ଼ିବା ପାଇଁ ଫରମାଇସ୍ କଲେ । ସେ କିଛି ପଦ ପାଠକଲା । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ କହିଲେ ଯେ ଯଦି ମତେ ଏହିପରି ମର୍‌ସିୟା ଆସୁଥାନ୍ତା ତା'ହେଲେ ମୁଁ ମୋ ଭାଇ ଜୈଦ୍ ପାଇଁ ମର୍‌ସିୟା ପଢ଼ିଥାନ୍ତି । ସେ କହିଲା ହେ ଅମୀରୁଲ୍ ମୁମିନିନ୍ ! ଯଦି ମୋ ଭାଇ ଆପଣଙ୍କ ଭାଇଙ୍କ ପରି ମରିଥାନ୍ତା ଅର୍ଥାତ ଶହୀଦ୍ ହୋଇଥାନ୍ତା, ତା'ହେଲେ ମୁଁ କଦାପି ତା' ପାଇଁ (ମର୍‌ସିୟା ପଢ଼ି) ଶୋକ କରିନଥାନ୍ତି ।

ହଜ୍‌ରତ୍ ଉମର୍ ର:ଅ ସର୍ବଦା ଏହା କହୁଥିଲେ ଯେ ମୋ ସହିତ ମୁତମ୍ମିମ୍ ପରି ତାଜିୟତ୍ ଅର୍ଥାତ ଶୋକ ସମ୍ବେଦନା କେହି କରିନାହାନ୍ତି ।

***(ଅଲ୍‌ଫାରୁକ୍.... ପୃ-୩୪୫.... ଲାହୋର୍ ୧୪୩୧ ହିଜ୍‌ରୀ)***

ହଜ୍‌ରତ୍ ଉମର୍ ର:ଅଙ୍କ ସୁଗୁଣ ଓ ମହାତ୍ମ୍ୟତା ପରିପ୍ରେକ୍ଷୀରେ ହଜରତ ମସିହ ମଉଦ ଆ:ସ କୁହନ୍ତି: କେତେକ ଭବିଷ୍ୟବାଣୀ ମୂଳକ ଘଟଣା ଥରକେ ପ୍ରକାଶପାଉ ଅବା କ୍ରମାନ୍ୱୟରେ ଅବା ଅନ୍ୟ କୌଣସି ବ୍ୟକ୍ତି ମାଧ୍ୟମରେ, ଯେପରି କି ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ସ:ଆ:ସ ଭବିଷ୍ୟତ ବାଣୀ ପୂରଣ ହେବା ପୂର୍ବରୁ ହଜରତ ମୁହମ୍ମଦ ସ:ଆ:ସଙ୍କର ସ୍ୱର୍ଗବାସ ହୋଇଯାଇଥିଲା । ହଜୁର ସ:ଆ:ସ କୈଶର ଓ କିସରା'ର ଉକ୍ତ ଭଣ୍ଡାର ଘରକୁ ନା ତ ଦେଖିଥିଲେ ଓ ନା ତାହାର ଚାବିକାଠି ଦେଖିଥିଲେ କିନ୍ତୁ ଯେହେତୁ ବିଧିର ବିଧାନ ଥିଲା ଯେ ହଜ୍‌ରତ୍ ଉମର୍ ର:ଅଙ୍କୁ ସେହି ଚାବିକାଠି ମିଳିବ କାରଣ **ହଜରତ ଉମର ର:ଅଙ୍କର ଅସ୍ତିତ୍ୱ ପ୍ରତିରୂପ ସ୍ୱରୁପ ହଜୁର ସ:ଆ:ସଙ୍କର ହିଁ ଅସ୍ତିତ୍ୱ ଥିଲା । ଅତଏବ ଐଶିବାଣୀ ଜଗତରେ ହଜରତ ଉମର ର:ଅଙ୍କ ହସ୍ତକୁ ହଜୁର ସ:ଆ:ସଙ୍କର ହସ୍ତ ବୋଲି ଦର୍ଶାଯାଇଛି" ।**

***(ଅୟାମୁସ୍ ସୁଲାହ୍, ରୁହାନୀ ଖଜାଇନ୍, ଖଣ୍ଡ-୧୪, ପୃ-୨୬୫)***

ପୁନଶ୍ଚ ହଜରତ ମସିହ ମଉଦ ଆ:ସ କୁହନ୍ତି: ଏହି ବିଶ୍ୱାସ ଜରୁରୀ ଅଟେ ଯେ, ଅଲ୍ଲାଃ ତାଲା ହଜରତ ଅବୁବକର ର:ଅ, ହଜରତ ଉମର ର:ଅ, ହଜରତ ଜୁନ୍ ନୁରୈନ୍ (ଅର୍ଥାତ ହଜରତ ଉସ୍‌ମାନ୍ ର:ଅ) ଏବଂ ହଜରତ ଅଲୀ ର:ଅ ସମସ୍ତେ ବାସ୍ତବପକ୍ଷେ ଧର୍ମର ସୁରକ୍ଷାକାରୀ (ଅମୀନ୍) ଥିଲେ । ଅବୁବକର ର:ଅ ଯିଏ ଇସ୍‌ଲାମ୍‌ର ଦ୍ୱିତୀୟ ଆଦମ (ଆଦମ୍ ସାନି) ଥିଲେ ଠିକ୍ ସେହିପରି ହଜ୍‌ରତ୍ ଉମର୍ ର:ଅ ଓ ହଜରତ ଉସ୍‌ମାନ୍ ର:ଅ ଯଦି ଧର୍ମର ସଚ୍ଚା ଅମୀନ୍ (ରକ୍ଷକ) ନଥା'ନ୍ତେ ତା'ହେଲେ ଆଜି ଆମମାନଙ୍କ ପାଇଁ ଏହା କଷ୍ଟକର ହୋଇଥାନ୍ତା ଯେ ଆମେ ପବିତ୍ର କୁରଆନ୍‌ର କୌଣସି ଗୋଟିଏ ଆୟତକୁ ମଧ୍ୟ ଈଶ୍ୱରଙ୍କ ତରଫରୁ ହୋଇଥିବାର

ବତାଇ ପାରିବୁ" ।

***(ମକ୍ତୁବାତେ ଅହ୍ମଦ୍ ଖଣ୍ଡ-୨, ପୃ-୧୫୧, ମକ୍ତୁବ୍ ନଂ-୨, ପୃ-ମକ୍ତୁବ୍ ବନାମ୍ ହଜରତ ଖାନ୍ ସାହେବ୍ ମୁହମ୍ମଦ ଅଲୀ ଖାନ୍ ସାହେବ୍, ମୁଦ୍ରିତ ରବ୍ୱା)***

ପୁଣି ହଜରତ ମସିହ ମଉଦ ଆ:ସ କହିଛନ୍ତି:- ଈଶ୍ୱରଙ୍କ ରାଣ ଅଲ୍ଲାଃ ତାଲା ଶେଖୈନ୍ ହଜରତ ଅବୁ ବକର ର:ଅ ଏବଂ ହଜ୍ରତ୍ ଉମର୍ ର:ଅଙ୍କୁ ଏବଂ ତୃତୀୟରେ ଯିଏ ହେଉଛନ୍ତି ଜୁନ୍ ନୁରୈନ୍, ସମସ୍ତଙ୍କୁ ଇସଲାମର ଦ୍ୱାର ଓ ନବୀ ଶିରୋମଣି ହଜରତ ମୁହମ୍ମଦ ସ:ଆ:ସଙ୍କର ସେନା ଦଳର ସେନାଧକ୍ଷ କରିଥିଲେ । ଅତଏବ ଯେଉଁ ବ୍ୟକ୍ତି ତାଙ୍କ ପ୍ରତିଷ୍ଠା ଓ ଗାରିମାର ଅନାଦର, ଅସ୍ୱୀକାର କରିବ ତେବେ ମୋତେ ତାହାର ଦୁର୍ଗତି ଓ ବିଶ୍ୱାସ ନଷ୍ଟ ହେବାର ଭୟ ରହିଛି ଏବଂ ଯିଏ ସେମାନଙ୍କୁ ଦୁଃଖ ଦେଇଛି, ସେମାନଙ୍କୁ ଅଭିଷାପ ଦେଇଛି ଓ ସେମାନଙ୍କ ଉପରେ ମିଥ୍ୟାରୋପ ଲଗାଇଛି । ଦୟାମୟ ଅଲ୍ଲାଃଙ୍କ କ୍ରୋଧ ଓ ଅଭିଷାପ ସେମାନଙ୍କର ଠିକଣା ହୋଇଛି ।............ ଇସଲାମର ସମସ୍ତ ଖଲିଫା ନିଃସନ୍ଦେହ ରୂପେ ନବୀ ଶିରୋମଣି ହଜରତ ମୁହମ୍ମଦ ସ:ଆ:ସଙ୍କ ଅନୁସରଣ କରିବାରେ ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ଥିଲେ । **ପ୍ରତିଫଳ ସ୍ୱରୁପ ଅଲ୍ଲାଃ ତାଲା ସେମାନଙ୍କୁ ସେ ସବୁକିଛି ପ୍ରଦାନ କଲେ ଯାହାକି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ଅନ୍ୟ କାହାରିକୁ ମିଳିନାହିଁ ।** ***(ସିର୍‌ରୁଲ୍ ଖିଲାଫାଃ, ଉର୍ଦ୍ଦୁ ଅନୁବାଦ ପୃ-୨୮-୩୦)***

ହଜରତ ମସିହ ମଉଦ ଆ:ସ କୁହନ୍ତି: ଶିଆ ଗୋଷ୍ଠୀମାନଙ୍କ ମଧ୍ୟରୁ ଯେ କେହି ଏକଥା ଭାବୁଛି ହଜରତ ଅବୁବକର ର:ଅ ଅବା ହଜରତ ଉମର ର:ଅ, ହଜରତ ଅଲୀ ର:ଅ ତଥା ହଜରତ ଫାତିମା ର:ଅଙ୍କର ଅଧିକାର ଆତ୍ମସାତ କରିଥିଲେ ଓ ତାଙ୍କ ଉପରେ ଅତ୍ୟାଚାର କରିଥିଲେ ବୋଲି ତେବେ ଏପରି ବ୍ୟକ୍ତି ନ୍ୟାୟ ପରାୟଣତାକୁ ସ୍ୱହସ୍ତରେ ହରେଇ ଦେଲା ଏବଂ ଭ୍ରମ ଧାରଣାକୁ ଆପଣାଇ ନେଲା ଏବଂ ଅତ୍ୟାଚାରୀଙ୍କ ପଥର ପଥିକ ହେଲା । ସତ୍ୟ ଏହି କି ହଜରତ ଅବୁବକର ର:ଅ ଓ ହଜ୍ରତ୍ ଉମର୍ ର:ଅ ଉଭୟେ ନିଜ କର୍ତବ୍ୟ ସମ୍ପାଦନ କରିବାରେ କଦାପି କୌଣସି ପ୍ରକାର ଅବହେଳା ପ୍ରଦର୍ଶନ କରି ନାହାନ୍ତି । ସେମାନେ ଈଶ୍ୱରଭୟକୁ

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

"ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।" *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

"ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)"

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

"ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।"

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ

"ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ ।"

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 06-13 Jan 2022 Issue No. 1-2

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ନିଜ ମାର୍ଗ ଓ ନ୍ୟାୟ ଆଚରଣକୁ ନିଜର ଲକ୍ଷ୍ୟ ସ୍ଥଳ ଭାବରେ ସ୍ଥିର କରିନେଇଥିଲେ । ନିଜକୁ ପ୍ରଭୁଙ୍କ ଆଜ୍ଞା ପାଳନ କରିବାରେ ନିୟୋଜିତ କରିଦେଇଥିଲେ । ମୁଁ ଇସ୍‌ଲାମ୍‌ର ଗୌରବ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ଓ ସର୍ବଶ୍ରେଷ୍ଠ ନବୀ ହଜରତ ମୁହମ୍ମଦ ସ:ଆ:ସଙ୍କ ଧର୍ମର ଧ୍ୱଜା ଉଚ୍ଚତର କରିବାରେ ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କ ପରି ଅନ୍ୟ କାହାରିକୁ ପାଉନାହିଁ । ଦେଖ ହଜରତ ଅବୁବକର ର:ଅ ସ ହଜ୍‌ରତ୍ ଉମର୍ ର:ଅ କିଭଳି ଉଚ୍ଚ ଆସନରେ ବିରାଜିତ ରହିଛନ୍ତି । ଉଭୟେ ଏଭଳି ପବିତ୍ର ସ୍ଥାନରେ ସମାଧି ପାଇଛନ୍ତି ଯେ ଯଦି ହଜରତ ମୁସା ଆ:ସ ଓ ଇଶା ଆ:ସ ଜୀବିତ ଥାନ୍ତେ ତେବେ ସେମାନେ ସେହି ସ୍ଥଳେ ସମାଧି ପାଇବାକୁ ଇର୍ଷା କରିଥାନ୍ତେ । କିନ୍ତୁ ଏହି ଉଚ୍ଚ ଆସନ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ଶରଣରେ ଏକ ଚିରସ୍ଥାୟୀ ଦୟା ପୂର୍ବକ ଥିଲା, ଯାହାକି କେବଳ ଏହି ଦୁଇ ମହାନ ବ୍ୟକ୍ତିଙ୍କୁ ହିଁ ଲାଭ ହେଲା । ଯାହାଙ୍କ ପ୍ରତି ପରମେଶ୍ୱରଙ୍କ ଚିରସ୍ଥାୟୀ କରୁଣା ଇଙ୍ଗିତ କରୁଅଛି । ଏହିମାନଙ୍କୁ ହିଁ ପ୍ରଭୁଙ୍କ ଦୟାର ଚଦର ଚିର କାଳ ପାଇଁ ଢ଼ାଙ୍କି ଦେଇଛି ।

***(ସିରରୁଲ୍ ଖିଲାଫାଃ ଉର୍ଦ୍ଦୁ ଅନୁବାଦ, ପୃ-୭୭-୭୯)***

ହଜରତ ମସିହ ମଉଦ ଆ:ସ କୁହନ୍ତି: ହଜରତ ମୁହମ୍ମଦ ସ:ଆ:ସଙ୍କ ପରେ ଇସଲାମର ଯେଉଁଭଳି ଉନ୍ନତ ସାଧିତ ହେବା କଥା ତାହା କେବଳ ପ୍ରଥମ ତିନି ଖଲିଫାଙ୍କ ଯୋଗୁଁ ସମ୍ଭବ ହେଲା । ହଜ୍‌ରତ୍ ଉମର୍ ର:ଅ ଯେଭଳି ଉନ୍ନତି ମୂଳକ ପଦକ୍ଷେପ ଗ୍ରହଣ କରିଥିଲେ ଯଦିଚ ତାହା କିଛି କମ୍ ନୁହେଁ ହଜ୍‌ରତ୍ ଉମର୍ ର:ଅଙ୍କ କରାର୍ବୀ (ପଦକ୍ଷେପ) ଦ୍ୱାରା କୌଣସି ପ୍ରକାରେ ମଧ୍ଯ ବଡ଼ ସତ୍ୟବାଦୀ (ହଜରତ ଅବୁବକର ର:ଅ)ଙ୍କ ଅସମ୍ମାନ ହୋଇ ନପାରେ କାରଣ ସଫଳତାର ପଥ ତ' ସର୍ବଶ୍ରେଷ୍ଠ ସତ୍ୟବାଦୀ ହଜରତ ଅବୁବକର ର:ଅ ନିର୍ଦ୍ଧାରଣ କରି ତାହାକୁ ସୁଗମ ସମତୁଳ କରିଦେଇଥିଲେ ଏବଂ ସବୁଠାରୁ ବଡ଼ ଫିତ୍‌ନା (ବିଭ୍ରାଟ)କୁ ସେ (ଅର୍ଥାତ ହଜରତ ଅବୁବକର ର:ଅ ସମାପ୍ତ କରିଦେଇଥିଲେ । ଏପରି ସମୟରେ ଯେଉଁ ଅସୁବିଧାର ସମ୍ମୁଖିନ ହଜରତ ଅବୁବକର ର:ଅଙ୍କୁ କରିବାକୁ ପଡ଼ିଥିଲା ତାହା ହଜ୍‌ରତ୍ ଉମର୍ ର:ଅଙ୍କୁ କଦାପି କରିବାକୁ ପଡ଼ିନଥିଲା । ଅତଏବ ସଦ୍ଦିକ୍ (ଅର୍ଥାତ୍ ହଜରତ ଅବୁବକର ର:ଅ) ରାସ୍ତା ସମତୁଲ କରିଦେଇଥିଲେ **ଯେଉଁ ପଥରେ ହଜରତ ଉମର ବିଜୟର ଦ୍ୱାର ଖୋଲି ତାହାର ଶିଖରରେ ପହଂଚି ଯାଇଥିଲେ ।** ***(ମଲ୍‌ଫୁଜାତ୍ ଖଣ୍ଡ-୬, ପୃ-୪୧୪-୪୧୫)***

ହଜରତ ମୌଲବୀ ଅଦ୍ଦୁଲ୍ କରିମ୍ ସାହେବ୍ ର:ଅ ହଜରତ ମସିହ ମଉଦ ଆ:ସଙ୍କ ହୃଦୟର ଅବସ୍ଥା ସମ୍ବନ୍ଧରେ ଲେଖିଛନ୍ତି, ଯାହା ତାଙ୍କ ହୃଦୟରେ ରସୁଲେ୍ କରିମ୍ ସ:ଆ:ସ ଏବଂ ଶେଖୈନ୍ ହଜରତ ଅବୁବକର ର:ଅ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କ ପାଇଁ ପ୍ରେମ ଓ ସମ୍ମାନ ଥିଲା । ଏକଦା ଜଣେ ବନ୍ଧୁ ଯିଏ ହଜରତ ମସିହ ମଉଦ ଆ:ସଙ୍କୁ ବହୁତ ଭଲ ପାଉଥିଲେ, ସେ ହଜରତ ମସିହ ମଉଦ ଆ:ସଙ୍କୁ କହିଲେ କ'ଣ ଆମେ ଆପଣଙ୍କୁ ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କ ଠାରୁ ବଡ଼ (ଉଚ୍ଚ) ଓ ହଜୁର ସ:ଆ:ସଙ୍କ ପରି (ଉପାଧି)ରେ ନିକଟତର ମଣିବୁ ? ଏକଥା ଶୁଣିବା ମାତ୍ରେ ହଜରତ ମସିହ ମଉଦ ଆ:ସଙ୍କ ପବିତ୍ର ମୁଖମଣ୍ଡଳର ରଙ୍ଗ ବଦଳିଗଲା ଏବଂ ଆପଣ ଆ:ସଙ୍କ ଠାରେ ବ୍ୟସ୍ତବିବ୍ରତର ଭାବ ପରିପ୍ରକାଶ ହେଲା ସେ କହୁଛନ୍ତି "ମୁଁ ମହା ପ୍ରତାପି ଅଲ୍ଲାଃଙ୍କ ରାଣ ଖାଇ କହୁଅଛି ଯେ ସେହି ସମୟରେ ହଜରତ ମସିହ ମଉଦ ଆ:ସଙ୍କ ପ୍ରତି ଥିବା ମୋର ବିଶ୍ୱାସ ଆହୁରି ଅଧିକ ସୁଦୃଢ଼ ହୋଇଗଲା । ହଜରତ ମସିହ ମଉଦ ଆ:ସ ନିରନ୍ତର ଭାବରେ ଛ'ଘଂଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲେକ୍‌ଚର୍ ଦେଲେ । କହିବା ସମୟରେ ମୁଁ ଘଂଟା ଦେଖି ଦେଇଥିଲି ଏବଂ ଯେତେବେଳେ ସେ ତକ୍‌ରିର୍ (ଲେକ୍‌ଚର୍) ଶେଷ କଲେ, ସେତେବେଳେ ବି ମୁଁ ଘଂଟା ଦେଖିଥିଲି । ପୁରା ଛଅ ଘଂଟା । ଗୋଟିଏ ମିନିଟ୍‌ର ଫରକ ମଧ୍ୟ ନଥିଲା । ଏତେ ସମୟ ପର୍ଯ୍ୟନ୍ତ ଗୋଟିଏ ବିଷୟରେ ଭାଷଣ ଦେବା ଏବଂ ଅନବରତ ଭାବରେ କହିଚାଲିବା ଏକ ଅଲୌକିକ ଘଟଣା ଥିଲା । ଏହି ସମ୍ପୂର୍ଣ୍ଣ ଭାଷଣରେ (ବିଷୟରେ) ହଜରତ ମସିହ ମଉଦ ଆ:ସ ହଜୁର ସ:ଆ:ସଙ୍କର ମହାତ୍ମ୍ୟତା, ଶ୍ରେଷ୍ଠତା ଓ ନିଜ ଦାସତ୍ୱ ତଥା ହଜୁର ସ:ଆ:ସଙ୍କ ସମ୍ମୁଖରେ ନିଜର ସାମାନ୍ୟତାର ବ୍ୟାଖ୍ୟା କଲେ । ସେଥିଅନ୍ତେ ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କ ସୁଗୁଣ ବର୍ଣ୍ଣନା କରି କହିଲେ; "ମୋ ପାଇଁ ଏହା ବହୁତ ଗର୍ବର ବିଷୟ ଯେ ମୁଁ ଏହି ସମସ୍ତ ଲୋକମାନଙ୍କର ପ୍ରଶଂସାକାରୀ ଓ ଅନୁଯାୟୀ ଅଟେ ।"

ଯେଉଁ ଶ୍ରେଷ୍ଠତା ଅଲ୍ଲାଃ ତାଲା ସେମାନଙ୍କୁ ପ୍ରଦାନ କରିଛନ୍ତି ତାହା କୟାମତ ପର୍ଯ୍ୟନ୍ତ ଅନ୍ୟ କେହି ପାଇ ପାରିବେ ନାହିଁ । କେବେ ପୁଣି ଏ ସଂସାରରେ ମୁହମ୍ମଦ ରସୁଲୁଲ୍ଲାଃ ଜନ୍ମ ହେବେ ଓ ପୁଣି କାହାକୁ ଏପରି ସେବା କରିବାର ସୌଭାଗ୍ୟ ମିଳିବ ଯେଉଁ ସୌଭାଗ୍ୟ ଜନାବ୍ ଶେଖୈନ୍ ଆ:ସ (ହଜରତ ଅବୁ ବକର ର:ଅ ଏବଂ ହଜ୍‌ରତ୍ ଉମର୍ ର:ଅ)ଙ୍କୁ ମିଳିଥିଲା ।"

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୨୬)***

ଅର୍ଥାତ:- ଯେଉଁ ମର୍ଯ୍ୟାଦା.... ଅଲ୍ଲାଃ ତାଲା ସେମାନଙ୍କୁ ପ୍ରଦାନ କରିଥିଲେ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନ୍ୟ କାହାରିକୁ ଲାଭ ହୋଇପାରିବ ନାହିଁ । ଅଦ୍ୟାବଧି ହଜୁର ସ:ଆ:ସ ପୂନର୍ବାର ଅବତୀର୍ଣ୍ଣ ହୁଅନ୍ତେ କି ଯଦ୍ୱାରା କେହି ତାଙ୍କର ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କ ପରି ସେବା କରିବାର ସୌଭାଗ୍ୟ ଅର୍ଜନ କରି, ନିଜକୁ ଧନ୍ୟ ମଣନ୍ତା ।

ଶେଷରେ ପ୍ରିୟ ହଜୁର ଅନୱର ଅ:ବ:ଅ କହିଲେ; ଏହି ଖୁତବାର କ୍ରମାନ୍ୱୟରେ ଆଜି ଏଠାରେ ହଜ୍‌ରତ୍ ଉମର୍ ର:ଅଙ୍କ ଚର୍ଚ୍ଚା ଶେଷ ହେଲା ଅର୍ଥାତ ଖୁତ୍‌ବାରେ ଶେଷ ହେଲା । ଇନ୍‌ଶାଅଲ୍ଲାଃ ଆସନ୍ତାକୁ ହଜରତ ଅବୁବକର ର:ଅଙ୍କ ଜୀବନୀ ଚର୍ଚ୍ଚା କରିବି ।

⌘⌘⌘⌘⌘⌘⌘⌘⌘⌘

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

***(ବଦର କାର୍ଯ୍ୟାଳୟ)***

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan